ଶ୍ରୀ ସାଇଟୀକା



ଆଶ୍ରିତ

ଶୋଭାକର ଦାସ ଫତେସିଂହ

ଶ୍ରୀ ସାଇଟୀକା

ଶ୍ରୀସାଇ ସତ୍‌ଚରିତ ସଂକ୍ଷିପ୍ତ ସାର

ଆଶ୍ରିତ

ଶୋଭାକର ଦାସ ଫତେସିଂହ

ସୁଧା ପ୍ରକାଶନ

ବାଖରାବାଦ, କଟକ-୭୫୩ ୦୦୨

ଶ୍ରୀ ସାଇଟୀକା – ଲେଖକ : ଶୋଭାକର ଦାସ ଫତେସିଂହ, ପ୍ରକାଶକ : ସୁଧା ପ୍ରକାଶନ, ବାଖରାବାଦ, କଟକ-୭୫୩୦୦୨, ପ୍ରଚ୍ଛଦ : କୁନାସରୋଜ, ଡି.ଟି.ପି. : ଉମା ପ୍ରିଣ୍ଟର୍ସ,.କଟକ, ମୁଦ୍ରଣ : କାଳିଆ ପ୍ରିଣ୍ଟର୍ସ, କଟକ ।

SRI SAITIKA – Writer : Sobhakar Das Fatesingh, Published by : Sudha Prakashan, Bakharabad, Cuttack-753002, Odisha (India), Cover Design : Kunasaroj, D.T.P. by : Uma Printers, Cuttack, Printer : Kalia Printers, Cuttack.

First Edition : **2003**

Seventh Edition : **2015**

Price : ₹ **20**

ମୋ କଥା

ଶିରିଡ଼ି ସାଇଙ୍କ ବିଷୟରେ ଜଣେ ବନ୍ଧୁଙ୍କଠାରୁ ଶୁଣିଲି ଯେ ସେଠାକୁ ଯେ ଯାଏ ସେ ଖାଲିହାତରେ ଫେରେନାହିଁ । ଅକ୍ଟୋବର ୨୦୦୨ ମସିହାରେ ମୁଁ, ମୋ ପରିବାର ଓ ବନ୍ଧୁ ଶ୍ରୀ ସଙ୍କର୍ଷଣ ସାହୁଙ୍କ ପରିବାର ସହିତ ସେଠାକୁ ଯିବାପରେ ସେହି ଅଭିଜ୍ଞତା ଅଧିକ ଦୃଢ଼ୀଭୂତ ହେଲା । ଠିକ୍ ବର୍ଷକ ପରେ ପୁଣି ଥରେ ସେ ସ୍ଥାନକୁ ଗୋଦାବରୀ କୁମ୍ଭମେଳା ଅବସରରେ ଯିବାର ସୁଯୋଗ ମିଳିଲା । ସେଠାରୁ ଫେରିବାପରେ ଦିନେ ରାତି ତିନିଟା ସମୟରେ ଏକ ସ୍ୱପ୍ନାଦେଶ ପରେ ସେହିଦିନ ରାତି ଚାରିଟା ସମୟରେ ଲେଖନୀ ଧରିଲି । ସୌଭାଗ୍ୟକୁ ସେଦିନ ଥିଲା ଗୁରୁବାର । ଶୀଘ୍ର ସାରିବା ପାଇଁ ବହୁ ଚେଷ୍ଟାକଲେ ମଧ୍ୟ ପରବର୍ତ୍ତୀ ଗୁରୁବାରରେ ଏଇ ଶ୍ରୀ ସାଇଟୀକା ସମାପ୍ତ ହେଲା । ବହିଟିକୁ ପ୍ରଥମେ ଶ୍ରୀଯୁକ୍ତ କାଳିନ୍ଦୀଚରଣ ତ୍ରିପାଠୀ ଓ ଶ୍ରୀ ରବିନାରାୟଣ ରାୟଙ୍କ ନିକଟରେ ପାଠକଲି । ଏହା ତଥ୍ୟପୂର୍ଣ୍ଣ ଓ ନିର୍ଭୁଲ ହୋଇଛି ବୋଲି ସେ ଦୁହେଁ ମତଦେଲେ ଏବଂ ଏହାର ବହୁଳ ପ୍ରଚାର ପାଇଁ ପ୍ରକାଶ କରିବାକୁ ଉତ୍ସାହିତ କଲେ । ସୁଧା ପ୍ରକାଶନ, କଟକ ଏହାକୁ ପ୍ରକାଶ କରିବା ଦାୟିତ୍ୱ ନେଲେ ।

ସାଇଭକ୍ତଙ୍କ ଦ୍ୱାରା ବହିଟି ଆଦୃତ ହେଲେ ପରିଶ୍ରମ ସାର୍ଥକ ହେଲା ଓ ମୋତେ ସାଇଙ୍କ କୃପା ମିଳିଗଲା ବୋଲି ଅନୁଭବ କରିବି ।

ଭୁବନେଶ୍ୱର
ଅକ୍ଟୋବର ୨୦୦୩

ବିନୀତ
ଶୋଭାକର ଦାସ ଫତେସିଂହ

ସୂଚୀପତ୍ର

ଶ୍ରୀ ସାଇଟୀକା ପାରାୟଣ ଫଳାଫଳ	କ-ଗ
ପାରାୟଣ କିପରି କରିବେ ?	ଗ-ଙ
ଶ୍ରୀ ସାଇଟୀକା କାହିଁକି ?	ଙ-ଚ
ଚତୁର୍ଥ ପରିବର୍ଦ୍ଧିତ ଓ ସଂଶୋଧିତ ମୁଦ୍ରଣ ସମ୍ବନ୍ଧରେ	ଛ-ଜ
ଗୁରୁବାର ପାରାୟଣ (ପ୍ରଥମ ଅଧ୍ୟାୟରୁ ଅଷ୍ଟମ ଅଧ୍ୟାୟ)	୧-୧୩
ଶୁକ୍ରବାର ପାରାୟଣ (ନବମ ଅଧ୍ୟାୟରୁ ପଞ୍ଚଦଶ ଅଧ୍ୟାୟ)	୧୪-୩୩
ଶନିବାର ପାରାୟଣ (ଷୋଡ଼ଶ ଅଧ୍ୟାୟରୁ ଦ୍ୱାବିଂଶ ଅଧ୍ୟାୟ)	୩୩-୪୭
ରବିବାର ପାରାୟଣ (ତ୍ରୟୋବିଂଶ ଅଧ୍ୟାୟରୁ ତ୍ରିଂଶ ଅଧ୍ୟାୟ)	୪୮-୬୫
ସୋମବାର ପାରାୟଣ (ଏକତ୍ରିଂଶ ଅଧ୍ୟାୟରୁ ଷଡ଼ତ୍ରିଂଶ ଅଧ୍ୟାୟ)	୬୫-୮୨
ମଙ୍ଗଳବାର ପାରାୟଣ (ସପ୍ତତ୍ରିଂଶ ଅଧ୍ୟାୟରୁ ଚତୁଚତ୍ୱାରିଂଶ ଅଧ୍ୟାୟ)	୮୨-୧୦୫
ବୁଧବାର ପାରାୟଣ (ପଞ୍ଚଚତ୍ୱାରିଂଶ ଅଧ୍ୟାୟରୁ ଏକପଞ୍ଚାଶତ୍ ଅଧ୍ୟାୟ)	୧୦୬-୧୨୫
ଗୁରୁବାର ପାରାୟଣ (ଦ୍ୱାପଞ୍ଚାଶତ୍ ଅଧ୍ୟାୟ)	୧୨୬-୧୨୭
ସାଇଙ୍କ ଏକାଦଶବାଣୀ	୧୨୮
ଆଳତି	୧୨୯-୧୩୦

ଦ୍ୱିତୀୟ ମୁଦ୍ରଣର କିଛି କଥା

ଶ୍ରୀ ସାଇଟୀକା ପାରାୟଣ ଫଳାଫଳ

ଶ୍ରୀ ସାଇବାବା ଶିରିଡ଼ିରେ ନିଜର ଷୋହଳ ବର୍ଷ ବୟସରେ ଗୋଟିଏ ନିମ୍ବଗଛମୂଳେ ପୃଥିବୀବାସୀଙ୍କୁ ଦର୍ଶନ ଦେଇଥିଲେ । ତାଙ୍କର ଜନ୍ମକର୍ମ ଓ ପୂର୍ବ ପରିଚୟ ଅଜଣା । ଶ୍ରୀ ସାଇଙ୍କ ସମ୍ବନ୍ଧରେ ଶ୍ରୀସାଇ ସତ୍‌ଚରିତ ଏକ ପ୍ରାମାଣିକ ଗ୍ରନ୍ଥ ଓ ତାହା ଶ୍ରୀସାଇଙ୍କ ମର୍ତ୍ତ୍ୟରେ ଅବସ୍ଥାନ ସମୟରେ ତାଙ୍କ ନିକଟରେ ସଦା-ସର୍ବଦା ରହୁଥିବା ଶ୍ରୀ ଗୋବିନ୍ଦ ରଘୁନାଥ ଓରଫ ଆନ୍ନାସାହେବ ଦାଭୋଲ୍‌କରଙ୍କ ଦ୍ୱାରା ଶ୍ରୀସାଇଙ୍କ ଅନୁମତିକ୍ରମେ ରଚିତ ହୋଇଥିଲା । ଆନ୍ନାସାହେବଙ୍କ ସଦ୍‌ଗୁଣ, ଚରିତ୍ର ଓ ବିଦ୍‌ବତ୍ତାରେ ବିମୁଗ୍ଧ ଶ୍ରୀସାଇ ତାଙ୍କୁ ଶ୍ରଦ୍ଧାରେ 'ହିମଦପନ୍ଥ' ନାମରେ ଡାକୁଥିଲେ ଏବଂ ଶ୍ରୀସାଇ ସତ୍‌ଚରିତ ମଧ୍ୟ ମରାଠୀ ଭାଷାରେ ସେ ସେହି ହିମଦପନ୍ଥଙ୍କ ନାମରେ ରଚନା କରିଛନ୍ତି ।

ଶ୍ରୀ ସାଇ ସତ୍‌ଚରିତକୁ ଏକ ନିତ୍ୟ ପାରାୟଣ ଗ୍ରନ୍ଥ ଭାବରେ ଗ୍ରହଣ କରାଯାଇଅଛି । ସମଗ୍ର ଗ୍ରନ୍ଥକୁ ସାତଭାଗରେ ବିଭକ୍ତ କରାଯାଇ ସାତଦିନର ପାରାୟଣ ହିସାବରେ ବାଣ୍ଟି ଦିଆଯାଇଅଛି । ସାଇ ଭକ୍ତଗଣ ଶୁଭ ଗୁରୁବାରରେ ପାରାୟଣ ଆରମ୍ଭ କରି ପ୍ରଥମରୁ ଅଷ୍ଟମ ଅଧ୍ୟାୟ ପର୍ଯ୍ୟନ୍ତ ପାଠ କରିଥାନ୍ତି । ଶୁକ୍ରବାର ଦିନ ନବମ ଅଧ୍ୟାୟରୁ ଆରମ୍ଭ

ହୋଇ ପଞ୍ଚଦଶ ଅଧ୍ୟାୟ ପାଠ କରାଯାଏ । ଏହିଭଳି ବାରକ୍ରମ ଅନୁଯାୟୀ ଶ୍ରୀସାଇ ସତ୍‌ଚରିତ ପାଠ କରାଯାଇ ପରବର୍ତ୍ତୀ ଗୁରୁବାର ଦିନ ବାଉନତମ ବା ଶେଷ ଅଧ୍ୟାୟ ପାଠ କରାହୁଏ । ତାପରେ ସାଇଙ୍କ ଏକାଦଶବାଣୀ ପଠନ କରାଯାଇ ଆଳତି ପରେ ପାରାୟଣ ସମାପ୍ତ ହୁଏ । ଧର୍ମ, ଅର୍ଥ, କାମ ଓ ମୋକ୍ଷ ପ୍ରାପ୍ତି ଶ୍ରୀସାଇ ସତ୍‌ଚରିତ ଦୈନିକ ପାରାୟଣ ଯୋଗୁଁ ହେଉଥିବା ହେତୁ ସମସ୍ତ ସାଇଭକ୍ତ ଏହି ପାରାୟଣ ଆନ୍ତରିକତା ସହକାରେ କରିଥାନ୍ତି ।

ନିଷ୍କାମ ପାରାୟଣ – ଶିରିଡ଼ି ସାଇବାବାଙ୍କୁ ନିଜର ଇଷ୍ଟ, ଗତି, ମୁକ୍ତିଦାତା ଗୁରୁ ଓ ନିଜର ପିତାମାତା, ବନ୍ଧୁବାନ୍ଧବ ଭାବରେ ଗ୍ରହଣ କରିଥିବା ଭକ୍ତଜନଗଣ ନିଜର ତନ, ମନ ଏବଂ ଧନ ସଦ୍‌ଗୁରୁଙ୍କ ଶ୍ରୀଚରଣ ତଳେ ସମର୍ପଣ କରିଥାନ୍ତି । ନିଜର ସମସ୍ତ ଦୈନନ୍ଦିନ କାର୍ଯ୍ୟ କେବଳ ସଦ୍‌ଗୁରୁଙ୍କ ଇଚ୍ଛା ଅନୁଯାୟୀ ସମ୍ପାଦନା କରିଥାନ୍ତି । ଶିରିଡ଼ିସାଇ ନିଜର ଏକାଦଶବାଣୀରେ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ତାଙ୍କ ଶରଣାଗତ ଭକ୍ତମାନଙ୍କର ସମସ୍ତ ଭଲମନ୍ଦ ଭାର ନିଜେ ଗ୍ରହଣ କରିଥାନ୍ତି । ଏହି ଭକ୍ତମାନେ ଆଜୀବନ ନିଜର ଏକ ନିର୍ଦ୍ଦିଷ୍ଟ ସମୟରେ ଶ୍ରୀସାଇ ସତ୍‌ଚରିତ ପାରାୟଣ କରିଥାନ୍ତି ।

ସକାମ ପାରାୟଣ – ସଂସାରର ମୋହମାୟା, ପିତୃପିତାମହଙ୍କର ଅଭିଶାପ କିମ୍ବା ଅସନ୍ତୁଷ୍ଟ ଭାବ, ଦୁଷ୍ଟଗ୍ରହ ତଥା ନିଜର

ପ୍ରାରବ୍ଧ, ସଞ୍ଚିତ କିମ୍ବା କ୍ରିୟମାଣ କର୍ମଫଳ ଯୋଗୁଁ ଦୁଃଖକ୍ଲେଶ ଭୋଗୁଥିବା ବ୍ୟକ୍ତିଗଣ ଶିରିଡ଼ି ସାଇଙ୍କର ଶରଣାଗତ ହୋଇ ନିଜର ଦୁଃଖ ନିବାରଣ କିମ୍ବା କୌଣସି ଈପ୍ସିତ ବସ୍ତୁ ପାଇବା ପାଇଁ ମାନସିକ ଭାବରେ ଶ୍ରୀସାଇ ସତ୍‌ଚରିତ ପାରାୟଣ ବ୍ରତ କରିଥାନ୍ତି । ଏମାନେ ନିଜ ନିଜର ମାନସିକ ଅନୁଯାୟୀ ଏକସପ୍ତାହ, ଦୁଇସପ୍ତାହ, ଚାରିସପ୍ତାହ କିମ୍ବା ଛଅସପ୍ତାହ ପାଇଁ ଏହି ପାରାୟଣ ବ୍ରତ ନେଇଥାନ୍ତି ।

ପାରାୟଣ କିପରି କରିବେ ?

ଶୁଦ୍ଧ ଗୃହରେ ଶୁଦ୍ଧ ଆସନରେ ଉପବିଷ୍ଟ ହୋଇ ପାରାୟଣ ପ୍ରତ୍ୟହ ଦିବସ ବା ରାତ୍ରିର ଏକ ନିର୍ଦ୍ଦିଷ୍ଟ ସମୟରେ ଆରମ୍ଭ କରିବେ ଓ ପ୍ରତ୍ୟେକ ଦିନ ସେଇଦିନ ପାଇଁ ଉଦ୍ଦିଷ୍ଟ ଅଧ୍ୟାୟଗୁଡ଼ିକୁ ଏକ ଆସନରେ ବସି ଶେଷ କରିବେ । ପାରାୟଣ ପୂର୍ବରୁ ଶିରିଡ଼ି ସାଇଙ୍କ ମୂର୍ତ୍ତି କିମ୍ବା ଫଟୋଚିତ୍ରକୁ ପଶ୍ଚିମ ମୁଖ କରାଇ ଉଚ୍ଚ ଆସନରେ ବସାଇବେ । ନିଜ ଅନ୍ତରରେ ଭାବ ଓ ଜ୍ଞାନ ଅନୁଯାୟୀ ସାଇଙ୍କୁ ଧୂପ, ଦୀପ, ଫୁଲ, ଚନ୍ଦନ ଲାଗି କରାଇ ପଞ୍ଚ ଉପଚାରରେ ପୂଜା କରିବେ । ମିଶ୍ରି କିମ୍ବା ଅନ୍ୟ କୌଣସି ଭୋଗ ଲଗାଇବେ । ନିଜେ ପୂର୍ବଦିଗକୁ ମୁଖକରି ସାଇବାବାଙ୍କ ସମ୍ମୁଖରେ ପ୍ରାର୍ଥନା ଆରମ୍ଭ କରିବେ ।

(ଘ)

ଓଁ ସାଇ ନମୋ ନମୋ

ଶ୍ରୀ ସାଇ ନମୋ ନମଃ ।

ଜୟ ଜୟ ସାଇ ନମୋ ନମୋ

ସଦ୍‌ଗୁରୁ ସାଇ ନମୋ ନମଃ ।

ଏହାପରେ ସ୍ଥିରଚିତ୍ତ ହୋଇ ସଠିକ୍ ଉଚ୍ଚାରଣ ପୂର୍ବକ ଶ୍ରୀସାଇ ସତ୍‌ଚରିତ ପାଠକରିବେ ଓ ପଠନ ସମୟରେ ଅନ୍ୟ ଭକ୍ତଗଣ ପାଖରେ ବସି ଶୁଣିଲେ ଉଭୟ ପାଠକ ଏବଂ ଶ୍ରୋତାଙ୍କର ଉପକାର ହୋଇଥାଏ । ପ୍ରତ୍ୟେକ ଦିନ ପଠନ ପରେ ଶ୍ରୀସାଇଙ୍କର ଆଳତି କରି ସେଦିନର ପାରାୟଣ ଉଦ୍‌ଯାପନ କରିବେ । ପାରାୟଣ ସମୟରେ ବ୍ରତଧାରୀମାନେ ଦୁଗ୍ଧ, ଫଳମୂଳ କିମ୍ବା କୌଣସି ଗୋଟିଏ ପ୍ରକାରର ଶସ୍ୟକୁ ସିଦ୍ଧକରି ଦିନକୁ ଥରେ ଲେଖାଏଁ ଭକ୍ଷଣ କରିପାରିବେ ।

ଯେଉଁମାନେ ଆଜୀବନ ପାରାୟଣ କିମ୍ବା ଦୁଇସପ୍ତାହ, ଚାରି ସପ୍ତାହ କିମ୍ବା ଛଅସପ୍ତାହ ପାରାୟଣ ବ୍ରତ ନେଇଥାନ୍ତି ସେମାନେ ଅଷ୍ଟମ ଦିନରେ (ଗୁରୁବାର) ଶ୍ରୀସାଇ ସତ୍‌ଚରିତ ବାଉନତମ ଅଧ୍ୟାୟ ପାଠ କରିବେ ଓ ତାପରେ ସାଇଙ୍କ ଏକାଦଶବାଣୀ ପାରାୟଣ କରିବେ । ତାପରେ ପ୍ରଥମ ଅଧ୍ୟାୟକୁ ଯାଇ ଅଷ୍ଟମ ଅଧ୍ୟାୟ ପର୍ଯ୍ୟନ୍ତ ପାରାୟଣ କରି ସେହି ସପ୍ତାହର ପାରାୟଣର କ୍ରମ ଚାଲୁ ରଖିବେ ।

ଯେଉଁମାନେ ପାରାୟଣ ଶେଷ କରିବାକୁ ଚାହୁଁଛନ୍ତି ସେମାନେ ସପ୍ତାହର ଅଷ୍ଟମଦିନ (ଗୁରୁବାର) ବାଉନତମ ଅଧ୍ୟାୟ ପାଠକରି ସାଇଙ୍କ ଏକାଦଶବାଣୀ ପାଠକରିବେ ଓ ଆଳତି ସାରି ବ୍ରତର ଉଦ୍‌ଯାପନ କରିବେ । ବ୍ରତ ଉଦ୍‌ଯାପନ ସମୟରେ ଶ୍ରୀସାଇଙ୍କୁ ଯଥାସାଧ୍ୟ ଦକ୍ଷିଣା ଅର୍ପଣକରି ସେହି ଅର୍ଥକୁ ସାଇ ସଂସ୍ଥାନକୁ ପଠାଇଦେବେ ।

ଶ୍ରୀ ସାଇଟୀକା କାହିଁକି

ଶ୍ରୀ ସାଇଟୀକାରେ ଶ୍ରୀସାଇ ସତ୍‌ଚରିତ ବ୍ୟତୀତ ଶିରିଡ଼ି ଡାଇରି ତଥା ପତ୍ରପତ୍ରିକାରେ ପ୍ରକାଶିତ ଶ୍ରୀସାଇଙ୍କର ଅନ୍ୟାନ୍ୟ ଲୀଳାର ସଂଯୋଜନ କରାଯାଇ ଟୀକା ଆକାରରେ ପ୍ରକାଶ କରାଯାଇଛି । ଏହାର ପ୍ରତ୍ୟେକ ନବାକ୍ଷରୀ ପଦକୁ ଶ୍ରୀସାଇ ବ୍ରାହ୍ମମୁହୂର୍ତ୍ତରେ ଡାକି ଦେଇଥିଲେ ଓ ତାହା 'ମୋକଥା'ରେ ସ୍ୱୀକାର କରାଯାଇଅଛି । ଶ୍ରୀ ସାଇଟୀକାରୁ ଗୋଟିଏ ଦିନର ପାରାୟଣ କରିବା ପାଇଁ ମାତ୍ର ପନ୍ଦର ମିନିଟ୍ ସମୟ ଲାଗେ ଓ ସମଗ୍ର ଶ୍ରୀସାଇଟୀକା ପାରାୟଣ ଦେଢ଼ଘଣ୍ଟାରୁ ଦୁଇଘଣ୍ଟା ମଧ୍ୟରେ ସମାପ୍ତ ହୁଏ । ଯେଉଁ ଭକ୍ତଗଣ ସାତଦିନ ବା ପନ୍ଦରଦିନ ବ୍ରତ ନିଅନ୍ତି କିମ୍ବା ଆଜୀବନ ପାରାୟଣ ବ୍ରତଧାରୀ ସୁବିଧାରେ ଏହାକୁ ନିଜ ପକେଟରେ ରଖି ଯେକୌଣସି ସ୍ଥାନକୁ ଆରାମରେ ଯାଇପାରିବେ ଓ

ସମସ୍ତ ବ୍ୟସ୍ତବହୁଳ ସାଂସାରିକ କର୍ମ ମଧ୍ୟରେ ନିୟମିତ ଭାବରେ ଦିବସ ବା ରାତ୍ରିର ନିର୍ଦ୍ଦିଷ୍ଟ ସମୟରେ ପାରାୟଣ ଆରମ୍ଭ ଏବଂ ଶେଷ ସ୍ୱଳ୍ପ ସମୟ ମଧ୍ୟରେ କରିପାରିବେ । ଶ୍ରୀସାଇ ସତ୍‌ଚରିତ ଗ୍ରନ୍ଥ ପାରାୟଣରୁ ମିଳୁଥିବା ସମସ୍ତ ଫଳ ଏହି ଶ୍ରୀ ସାଇଟୀକା ପାରାୟଣରୁ ମିଳିପାରିବ, କାରଣ ଶ୍ରୀ ସାଇ ସତ୍‌ଚରିତରେ ବର୍ଣ୍ଣିତ କୌଣସି ଲୀଳାକୁ ଏଥିରେ ବାଦ୍ ଦିଆଯାଇନାହିଁ । କେବଳ ସଂକ୍ଷିପ୍ତ କରାଯାଇଅଛି ।

ବହିଟିର ପାରାୟଣ ପରେ ଯେଉଁ ସାଇଭକ୍ତଗଣ ଉପକୃତ ହୋଇଛନ୍ତି କିମ୍ବା ନିଜର ମାନସିକ ପୂର୍ତ୍ତି ହୋଇଛି ସେମାନଙ୍କ ଅନୁଭୂତି ସାଇଙ୍କ ଲୀଳା ଲିଖିତଭାବରେ ଜଣାଇଲେ ତାହା ଅନ୍ୟ ଭକ୍ତମାନଙ୍କ ଗୋଚରାର୍ଥେ ପୁସ୍ତକ ଆକାରରେ ପ୍ରକାଶିତ କରାଯିବ ।

ଶ୍ରୀସାଇ ଭକ୍ତଙ୍କର ଜୟ ହେଉ ।

ଭୁବନେଶ୍ୱର ବିନୀତ

ତା ୨୧.୦୮.୨୦୦୬ **ଶୋଭାକର ଦାସ ଫତେସିଂହ**

ଚତୁର୍ଥ ପରିବର୍ଦ୍ଧିତ ଓ ସଂଶୋଧିତ ମୁଦ୍ରଣ ସମ୍ବନ୍ଧରେ

ଓଁ ଶ୍ରୀ ସାଇରାମ

ଶ୍ରୀ ସାଇଟୀକାରେ ସଂଶୋଧିତ ଓ ପରିବର୍ଦ୍ଧିତ ସଂସ୍କରଣ ପ୍ରକାଶିତ ହେବାକୁ ଯାଉଅଛି । ଏହି ପୁସ୍ତିକା ଶ୍ରୀସାଇ ଭକ୍ତମାନଙ୍କର ଏକ ନିତ୍ୟ ପାରାୟଣ ଗ୍ରନ୍ଥ ହୋଇଥିବାରୁ ଏହାକୁ ସମ୍ପୂର୍ଣ୍ଣ ନିର୍ଭୁଲ ଭାବରେ ପ୍ରକାଶିତ କରାଯିବାର ଆବଶ୍ୟକତା ରହିଛି ।

ସାପ୍ତାହିକ ପାରାୟଣରେ ପ୍ରତିଦିନ କରାଯାଉଥିବା ଅଧ୍ୟାୟଗୁଡ଼ିକର ବିରାମ ଓ ଅଧ୍ୟୟନ ଅଧ୍ୟାୟଗୁଡ଼ିକ ମୂଳ ଶ୍ରୀସାଇ ସତ୍‌ଚରିତର 'ଅବତରଣିକା' ଅଧ୍ୟାୟରେ ୧୯୧ ତମ ପଦ ଅନୁଯାୟୀ ପରିବର୍ତ୍ତନ କରାଯାଇଅଛି । ପୁରାତନ ପୁସ୍ତିକାଗୁଡ଼ିକରେ ସେହି ଅନୁଯାୟୀ ସଂଶୋଧନ କରିନେବାକୁ ଶ୍ରୀସାଇ ଭକ୍ତମାନଙ୍କୁ ଅନୁରୋଧ ।

ଶ୍ରୀସାଇ ସତ୍‌ଚରିତର ୩୫ ତମ ଅଧ୍ୟାୟରେ ୨୧୮ ରୁ ୨୨୫ ପଦମାନଙ୍କରେ ହିମଦପନ୍ଥ ଏହି ଗ୍ରନ୍ଥର ପଠନ ଓ ବିଭୂତିର ମାହାତ୍ମ୍ୟ ସମ୍ପର୍କରେ କହିଛନ୍ତି – ଶ୍ରୀ ସାଇସତ୍‌ଚରିତ ଯେଉଁଠାରେ ପଠନ କରାଯାଏ, ତାହା ଦ୍ୱାରିକାମାୟୀ, ଗୋଦାବରୀ ନଦୀ ତଟ, ଶିରିଡ଼ିଭୂମି ଓ ବାବାଙ୍କ ଧୁନିରେ ତତ୍‌କ୍ଷଣାତ୍ ପରିବର୍ତ୍ତିତ ହୋଇଯାଏ ଓ ଶ୍ରୀ ସାଇ

ସେଠାରେ ସ୍ୱୟଂ ଆର୍ବିଭୂତ ହୋଇ ଆନନ୍ଦ ପ୍ରକାଶ କରିଥାନ୍ତି । ଶ୍ରୀ ସାଇଙ୍କର ନାମ ସତତ ମନନ ହେଉଥିଲେ ଅନ୍ୟ କୌଣସି ପ୍ରକାରର ପୂଜାପାଠ, ଧ୍ୟାନ କିମ୍ବା ଉପାସନାର ଆବଶ୍ୟକତା ପଡ଼େନାହିଁ । ଅତ୍ୟନ୍ତ ଆଗ୍ରହ ଓ ଶ୍ରଦ୍ଧା ସହକାରେ ଶ୍ରୀ ସାଇଙ୍କର ବିଭୂତି ଧାରଣ କଲେ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ଲାଭ ହୋଇଥାଏ । ଆଧ୍ୟାତ୍ମିକ ଜ୍ଞାନ ଉଦୟ ହୁଏ ଓ ଜ୍ଞାତ ଅଜ୍ଞାତରେ କୃତ ପାପ, ମହାପାପଗୁଡ଼ିକ ଧ୍ୱଂସ ହୋଇଯାଏ । ବିଭୂତିର ରୋଗ ଓ ଦୁଃଖ ନିବାରଣୀ ଶକ୍ତି ସମ୍ବନ୍ଧରେ ସମସ୍ତେ ଅଳ୍ପ ବହୁତେ ଜାଣିଛନ୍ତି ।

ଶ୍ରୀ ସାଇସତ୍‌ଚରିତ ଦୈନିକ ସମ୍ପୂର୍ଣ୍ଣ ପାରାୟଣ, ସପ୍ତଦିବସ ପାରାୟଣ କିମ୍ବା ପ୍ରତିଦିନ ଏକ ଅଧ୍ୟାୟ ପାରାୟଣ କରାଯାଇପାରେ । ଗୁରୁପୂର୍ଣ୍ଣିମା, ଗୋକୁଳାଷ୍ଟମୀ, ପୁଣ୍ୟତିଥି ଓ ଶ୍ରୀରାମ ନବମୀରେ ଏହାକୁ ସ୍ୱଗୃହରେ ପାଠ କରାଯିବା ଆବଶ୍ୟକ ।

ମହାନ୍ ଗ୍ରନ୍ଥର ଏହି ସଂକ୍ଷିପ୍ତିକୃତ କ୍ଷୁଦ୍ର ପୁସ୍ତିକା ଶ୍ରୀ ସାଇଭକ୍ତମାନଙ୍କ ଦ୍ୱାରା ପୂର୍ବଭଳି ଆଦୃତ ହେବ ବୋଲି ଆଶାକରୁଛି ।

ଭୁବନେଶ୍ୱର

ଶ୍ରୀ ଶୋଭାକର ଦାସ ଫତେସିଂହ

ତା ୨୮.୯.୨୦୧୦

ଶ୍ରୀ ସାଇଟୀକା

ପ୍ରଥମ ଅଧ୍ୟାୟ

(ଗୁରୁବାର ପାରାୟଣ)

ନମଇଁ ଦେବ ଗଣନାଥ । ବିଘ୍ନ ବିନାଶେ ସିଦ୍ଧହସ୍ତ ।।
ମୋତେ ଯେ ହୁଅନ୍ତୁ ସହାୟ । ସାଇ ଚରିତ ସୁଧାମୟ ।।
ଶିରିଡ଼ି ସାଇଙ୍କ ଚରିତ । ଟୀକା ଭାବରେ ସମାହିତ ।।
ଏକଦିବସେ ପାରାୟଣ । ସମାପ୍ତ କରିବାକୁ ମନ ।।
ସାଇ ଭକତ ପଦତଳେ । ମନ ମୋ' ରହୁ ସଦାକାଳେ ।।
ହିମଦପନ୍ତୁଙ୍କ ରଚିତ । ସାଇ ଚରିତ ସଦଗ୍ରନ୍ଥ ।।
ଗଦ୍ୟ ଭାବରେ ପାରାୟଣ । ବହୁ ସମୟ ନିଏ ଜାଣ ।।
ଅଳପ ସମୟ ଲାଗିବ । ସବୁଲୀଳା ବି ରହିଥିବ ।।
ଆରମ୍ଭ ସାଇଙ୍କୁ ସୁମରି । ସାଇ ଦୟାରୁ ହେବି ପାରି ।।
ସୁଜନେ ନ ଧରିବ ଦୋଷ । କ୍ଷମିବ ନ ବହିଣ ରୋଷ ।।
ସପ୍ତଦିବସେ ପାରାୟଣ । ପାଇଁକି ଏ ଟୀକାଭାଜନ ।।

ଏକ ବା ସପ୍ତଦିନ ହେଉ । ସାଇ ମହିମା ବ୍ୟାପିଯାଉ ।।
କୋଙ୍କଣ ରାଜ୍ୟ ମହାରାଷ୍ଟ୍ର । ଧନ୍ୟ ପାଇଣ ସାଇନାଥ ।।
ଗୋତ୍ର ତାହାଙ୍କ ଭରଦ୍ୱାଜ । ପୂର୍ବର ଦତ୍ତାତ୍ରେୟ ଦ୍ୱିଜ ।।
ମହାମାରୀର କବଳରୁ । ଶିରିଡ଼ିବାସୀଙ୍କୁ ଉଦ୍ଧାରୁ ।।
କାଫନି ଉପରକୁ ଟେକି । ସାଇ ବୁଲାନ୍ତି ଅଟାଚକି ।।
ଗହମ ପେଷି ହୁଏ ଚୂନା । ଭକ୍ତଙ୍କ କର୍ମଫଳ ସିନା ।।
ଭକ୍ତି ଓ ଜ୍ଞାନ ଦଣ୍ଡ ଧରି । ସଂସାର ଚକ୍ର ସଦା ଘୂରି ।।
ସତେକି ଦେଉଛି ବାରତା । ରକ୍ଷାକରତା ସାଇମାତା ।।
ପ୍ରଥମ ଅଧ୍ୟାୟ ସମାପ୍ତ । ସାଇ ଚରଣେ ସଦା ମାଥ ।।

❖

ଦ୍ୱିତୀୟ ଅଧ୍ୟାୟ

ଲୀଳା ଚରିତ ସୁଧାସିନ୍ଧୁ । କେ କଳିପାରେ ତା'ର ବିନ୍ଦୁ ।।
ସନ୍ଥ ବିଜୟ ଲୀଳାମୃତ । ଭକ୍ତ ବିଜୟ ଲୀଳାମୃତ ।।

ମହୀପତିଙ୍କ ଚାରିଗ୍ରନ୍ଥ । ସତରଶହରେ ରଚିତ ।।
ଅଠରଶ'ରେ ଦାସ ଗଣୁ । ସନ୍ଥ କଥାମୃତକୁ ଭଣୁ ।।
ଭକ୍ତ ଲୀଳାମୃତ ଲେଖିଲେ । ସଂସାରହିତେ ରଖିଗଲେ ।।
ସାଇନାଥ ଭଜନମାଳା । ସାବିତ୍ରୀ ବାଈ ପରଖିଲା ।।
ଆନ୍ନା ଦାବୋଲକଙ୍କର ପୁଣି । ହିମଦ ପନ୍ଥ ନାମେ ଭଣି ।।
ସାଇ ସତ୍‌ଚରିତ ଲେଖିଲେ । ଜଗତଜନ ଧନ୍ୟ ହେଲେ ।।
ଗୁରୁଙ୍କ ମହିମା ଅଶେଷ । ପ୍ରାଣୀଙ୍କି ତାରିବା ସକାଶ ।।
ସାଇ ଚରଣେ ମନ ରହୁ । ହା' ସାଇ ବୋଲି ପ୍ରାଣ ଯାଉ ।।
ଦ୍ୱିତୀୟ ଅଧ୍ୟାୟ ସମାପ୍ତ । ସାଇ ଚରଣେ ସମର୍ପିତ ।।

❖

ତୃତୀୟ ଅଧ୍ୟାୟ

ସାଇ କହନ୍ତି ଶ୍ୟାମ ଶୁଣ । ମୋ' ନାମ ଯେ କରେ ସ୍ମରଣ ।।
ତାହାକୁ ସହାୟ ମୁଁ ହୁଏ । ଆଗ ପଛରେ ରହିଥାଏ ।।

ଗ୍ରହପୀଡ଼ନ ଦୁଃଖ ରୋଗ । ମୋ' ଧୁନି କରେ ତାକୁ ଭୋଗ ।।
ପ୍ରାରବ୍ଧ କର୍ମନାଶ ଯାଏ । ପାପ ବିଧ୍ୱଂସି ପୂତ ହୁଏ ।।
ମାଧବ ରାଓ ହେଲେ ଶ୍ୟାମ । ସାଇଙ୍କ ସେବାରେ ନିମଗ୍ନ ।।
ବାସ୍ତରି ଜନମ କାଟିଛି । ସାଇ ମାତାଙ୍କ ସାଥେ ଅଛି ।।
ଶ୍ରୀ ସାଇନାଥଙ୍କର ସ୍ନେହ । ପାଇଛି ସଦା ଅହରହ ।।
ରୋହିଲା ନାମେ ଏକଜଣ । ଉଚ୍ଚରେ ପଢ଼େ ସେ କୋରାଣ ।।
ସହବାସୀଙ୍କ ହାନିଲାଭ । ନବୁଝି ବହେ ତମ-ଭାବ ।।
ସମସ୍ତେ ଆପତ୍ତି ଯେ କଲେ । ବାହାର କର ତାକୁ ଭଲେ ।।
ବାବା ଶୁଣିଲେ ସେହିକଥା । ଆଶ୍ୱାସି ବିଦାକଲେ ଯଥା ।।
ସମୟ କ୍ରମେ ସେ ରୋହିଲା । ଶାନ୍ତ ସୁଧୀର ସେ ହୋଇଲା ।।
ବାବା ଚରିତ ପୁଣ୍ୟ ଗାଥା । ପଢ଼ିବା, ଶୁଣିବା ସର୍ବଥା ।।
ତୃତୀୟ ଅଧ୍ୟାୟରେ ବାଣୀ । ସୁଜନେ ହେତୁ କର ଶୁଣି ।।

❖

ଚତୁର୍ଥ ଅଧ୍ୟାୟ

ସାଧୁଜନଙ୍କ ରକ୍ଷାପାଇଁ । ଦୁଷ୍କୃତି ବିନାଶକ ହୋଇ ।।
ଯୁଗ ଯୁଗରେ ଅବତାର । ଶ୍ରୀ ସାଇନାଥ କଳେବର ।।
ନଦୀ ଯେ ଗୋଦାବରୀ ତୀରେ । ରହନ୍ତି ଶିରିଡ଼ି ଗ୍ରାମରେ ।।
ଦ୍ୱାରକାମାୟୀ ନାମଦେଇ । ଭଙ୍ଗା ମସ୍‌ଜିଦ୍‌କୁ ବାଛଇ ।।
ନିମଗଛର ତଳେ ବସି । ଅମୃତ ପରଷନ୍ତି ହସି ।।
ହିନ୍ଦୁ ବି ମୁସଲମାନ ବି । ନିଜ ଭାବନା ଅନ୍ତେ ଭାବି ।।
ରାମ ଓ କୃଷ୍ଣଙ୍କ ଭାବରେ । ଦିଶନ୍ତି ବିଠଲ ରୂପରେ ।।
ମୁଖେ କହନ୍ତି 'ଆଲ୍ଲାରଖେ । ଧୁନି ଜାଳନ୍ତି ମନସୁଖେ ।।
ରାମନବମୀ ଓ ଉରସ । ପାଳନ ବେଳେ ସମ ରସ ।।
ଦାସ ଗଣୁଏ ଏକଦିନେ । ଯିବାକୁ ପ୍ରୟାଗର ସ୍ନାନେ ।।
ସାଇଙ୍କ ପାଦେ ମଥାନତ । ଗଙ୍ଗା ଯମୁନା ଧାରେ ସ୍ନାତ ।।
ଦୁଇପାଦରୁ ଦୁଇଧାରା । ଅଭୁତେ ଝରି ସିକ୍ତକଲା ।।
ଦାସଗଣୁଏ ବିହ୍ୱଳିତ । ଦେଖିଲା ଲୋକ ଆଚମ୍ବିତ ।।

ସାଇନାଥଙ୍କ ଜନ୍ମ କାହିଁ । ସେ କଥା ନଜାଣନ୍ତି କେହି ।।
ଗଙ୍ଗଭବ ଓ ଦେବଗିରି । ଶିବ ସେବାରେ ଆଗୁସାରି ।।
ପୁତ୍ର ଜନ୍ମାଇ ଦେବଗିରି । ଜଙ୍ଗଲେ ଛାଡ଼ି ଗଲେଚାଲି ।।
କହିଲେ ତୋତେ ତୁ ସମ୍ଭାଳ । ଆମ୍ଭେ ଚାଲିଲୁ ତପସ୍ୟାର ।।
ଜଣେ ଫକୀର ତାକୁ ପାଇ । ପାଳିଲେ ସଯତ୍ନରେ ନେଇ ।।
ପିଲାଦିନରୁ ଶିବଭକ୍ତ । ମସ୍‌ଜିଦେ ଆଣି ବେଲପତ୍ର ।।
ପେଟରୁ କାଢ଼ି ଶିବଲିଙ୍ଗ । ପୂଜନ୍ତି ମିଳି ସାଥୀସାଙ୍ଗ ।।
ମୁସଲମାନ ରୁଷ୍ଟ ହେଲେ । ଫକୀରଙ୍କୁ ଯେ ଗାଳିଦେଲେ ।।
ବ୍ରାହ୍ମଣ ଏଣେ ଅସନ୍ତୁଷ୍ଟ । ଗିଳଇ ଶାଳଗ୍ରାମ ଦୁଷ୍ଟ ।।
ଦୁଇ ପକ୍ଷରୁ ଅଭିଯୋଗ । ଫକୀର ମନେ ଆସେ ରାଗ ।।
ହସ୍ତ ଧରିଣ ବାଳକର । ଘରୁ ତୁ ଆଜ ଯେ ବାହାର ।।
ବାଳକ କାହିଁ ଚାଲିଗଲା । କେହି ତାହାକୁ ନଜାଣିଲା ।।
କିଛି ଦିବସ ପରେ ସେହି । ମିଳଇ ଶିରିଡ଼ିର ଭୂଇଁ ।।
ଷୋହଳ ବର୍ଷର କିଶୋର । ଧ୍ୟାନସ୍ଥ ନିମଗଛ ତଳ ।।
ଖରା କି ବର୍ଷା ଚିନ୍ତା ନାହିଁ । ବ୍ରହ୍ମ ଧ୍ୟାନରେ ଲୀନ ଥାଇ ।।
ଖାଣ୍ଡୋବା ଦେବତା ନିର୍ଦ୍ଦେଶେ । ଖୋଳିଲେ ସ୍ଥାନ ଜନ ଦେଶେ ।।

ଦିଶିଲା ସୁଡ଼ଙ୍ଗ ସୁନ୍ଦର । ପୂଜାର ସ୍ଥାନ ମନୋହର ।।
ଚାରୋଟି ଦୀପ ଜଳୁଅଛି । କାଠର-ପଟା, ମାଳି ଅଛି ।।
କିଶୋରେ ପଚାରିଲେ ଯେବେ । ମୋ' ଗୁରୁ ସ୍ଥାନ ଏହି ଭବେ ।।
ସେଠାରୁ ପୁଣି କାହିଁ ଗଲେ । ସେକଥା କେହି ନ ଜାଣିଲେ ।।
ଧନ୍ୟ ସେ ସାଇଙ୍କ ମାହାତ୍ମ୍ୟ । ଚତୁର୍ଥ ଅଧ୍ୟାୟ ସମାପ୍ତ ।।

❖

ପଞ୍ଚମ ଅଧ୍ୟାୟ

ଚାନ୍ଦ ପାଟିଲଙ୍କ ଖଚର । ହଜିଲା ଫେରନ୍ତା ବାଟର ।।
ମନଦୁଃଖରେ ଚାଲିଛନ୍ତି । ପଛରୁ ଫକୀର ଡାକନ୍ତି ।।
ଚିଲମ ସଜାଡ଼ନ୍ତି ସେହି । ପାଖରେ ଅଗ୍ନି ପାଣି ନାହିଁ ।।
ଚିମୁଟା ପିଟିଲେ ଭୂଇଁରେ । ଜଳନ୍ତା ଅଙ୍ଗାର ବାହାରେ ।।
ଲାଠି ପିଟିଲେ ଜଳ ଆସେ । ଆଶ୍ଚର୍ଯ୍ୟେ ଚାନ୍ଦ ପାଖେ ବସେ ।।
କହେ ଖଚର ମୋ' ହଜିଲା । ଔରଙ୍ଗା ଯିବା ନ ହୋଇଲା ।।

କେନାଲ କୂଳେ ଦେଖିଆସ । କହନ୍ତି ଭକତ ବିଶ୍ୱାସ ।।
ଚାନ୍ଦ ପାଇଲା ତା' ଖଚରଂ । ହସ୍ତ ଯୋଡ଼ିଣ କହେ ଗିର ।।
ଭୋ ପ୍ରଭୁ ସୁଦୟା ହୋଇବ । ମୋହ ସଙ୍ଗତେ ଗ୍ରାମେ ଯିବ ।।
ବାବା ଯେ ହୋଇଲେ ସମ୍ମତ । ଚାନ୍ଦର ଘରେ ଉପସ୍ଥିତ ।।
କଟିଲା କେତେ ଦିନ ସେଥି । ଆସଇ ବିଭାଘର ତିଥି ।।
ବରଯାତ୍ରୀଙ୍କ ଗହଣରେ । ବାବା ଆସନ୍ତି ଶିରିଡ଼ିରେ ।।
ମହଲାଶପତି ଦେଖନ୍ତି । ସ୍ୱାଗତ ସାଇ ସେ ବୋଲନ୍ତି ।।
ସେଦିନୁ ସାଇ ନାମନେଇ । ମସ୍‌ଜିଦେ ରହିଲେ ଗୋସାଇଁ ।।
ଜାନକୀ ଦାସ ଦେବୀଦାସ । ଗଙ୍ଗାଗିର ଆନନ୍ଦ ନାଥ ।।
ସର୍ବସନ୍ଥଙ୍କ ଏକମତ । ହୀରକ ଏଠି ଉପସ୍ଥିତ ।।
ଲେଣ୍ଡି ବଗିଚା ଓ ଚଭାଡ଼ି । ମସ୍‌ଜିଦରୁ ଦ୍ୟନ୍ତି ଧାଡ଼ି ।।
ଦୁଇ ହାତରେ ଦୁଇ କୁମ୍ଭ । ଚାରାରେ ପାଣି ଦ୍ୟନ୍ତି ଦେବ ।।
କ୍ରିଷ୍ଣାଜୀ ଆଲୀ ବାଗେ କର । ଭକ୍ତ ସେ ଅକଳ କୋଟର ।।
ସପନେ ଆଦେଶ ପାଇଲେ । ଶିରିଡ଼ି ଯାଆ ତୁ ଶୁଣିଲେ ।।
କ୍ରୀଷ୍ଣାଜୀ ଦରଶନ କରି । ରହିଲେ ମାସ ଛଅ ଚାରି ।।
ତିଆରି ବାବାଙ୍କ ପାଦୁକା । ନିମଗଛର ତଳେ ରଖା ।।

ଶୁଭ ଶ୍ରାବଣ ପୂର୍ଣ୍ଣିମାରେ । ପାଦୁକା ପ୍ରତିଷ୍ଠା ହୋଇଲେ ।।
ମହିଉଦ୍ଦିନ ତାମ୍ବୁଲିଆ । ମଲ୍ଲଯୋଦ୍ଧା ସେ ରହୁଥିଲା ।।
ଆହ୍ୱାନ କରିଲା ବାବାଙ୍କୁ । ମଲ୍ଲଯୁଦ୍ଧରେ ଜିତିବାକୁ ।।
ବାବା ଯେ ଯୁଦ୍ଧରେ ହାରିଲେ । କାରଣ ସେହୁ ଜାଣିଥିଲେ ।।
ଛାଡ଼ିଲେ ପୂର୍ବର ପୋଷାକ । ଦିଶିଲେ ଅଦ୍ଭୁତ ସେ ଭେକ ।।
ଲେଙ୍ଗୁଟି କାଫନି ପିନ୍ଧନ୍ତି । ମୁଣ୍ଡରେ କନାକୁ ଭିଡ଼ନ୍ତି ।।
ଶୁଅନ୍ତି ଅଖା ପାତି ତଳେ । ଭଙ୍ଗା ମସ୍‌ଜିଦ ଭିତରେ ।।
ସଦାସର୍ବଦା ଜଳେ ଧୁନି । ମୁଖ ଦକ୍ଷିଣ ଦିଗେ ପୁଣି ।।
'ଆଲ୍ଲାମାଲିକ' ମୁଖେ କହି । ଘୁଙ୍ଗୁର ପିନ୍ଧି ନାଚେ ସାଇ ।।
ଦୀପକୁ ଜଳାଇ ରଖନ୍ତି । ତୈଳ ସରିଲେ ମାଗିଯାନ୍ତି ।।
ଥରେ ଦୋକାନୀ ମେଳ ହେଲେ । ବାବାଙ୍କୁ ତୈଳ ଯେ ନ ଦେଲେ ।।
ଫେରିଲେ ଖାଲିହାତେ ସେହି । ତେଲ ଟିଣରେ ପାଣି ଦେଇ ।।
ବାବା ସେ ପାଣିକୁ ପିଇଲେ । ପୁଣି ପେଟରୁ ଓକାଳିଲେ ।।
ତାହାକୁ ଦୀପରେ ଢାଳନ୍ତେ । ଦୀପ ଜଳିଲା ଆଚମ୍ବିତେ ।।
ଦୋକାନୀ ଦେଖି ଚମତ୍କାର । ନମିଲେ ବାବାଙ୍କ ପୟର ।।
ଜୱାର ଅଲ୍ଲୀ ଯେ ଫକୀର । ବାବାଙ୍କୁ କହେ ଶିଷ୍ୟ ମୋ'ର ।।

ବାବା ଆପତ୍ତି ନକରନ୍ତି । ଶିଷ୍ୟର ପ୍ରାୟ ଖଟିଥାନ୍ତି ।।
ଜ୍ଞାନୀ ଦେବୀଦାସ ଜାଣିଲେ । ଅଲ୍ଲୀ ସହିତ ତର୍କ କଲେ ।।
ତର୍କଶାସ୍ତ୍ରରେ ହାରି ଅଲ୍ଲୀ । ମାଗେ ବାବାଙ୍କ ପାଦଧୂଳି ।।
ଅହମିକାର ନାଶ ହେଲା । ପଞ୍ଚମ ଅଧ୍ୟାୟ ସରିଲା ।।

❖

ଷଷ୍ଠ ଅଧ୍ୟାୟ

ଗୁରୁଙ୍କ ମହତ୍ତ୍ୱ ବଖାଣ । କରିବା ପାଇଁ କେ ଭାଜନ ।।
ସଦ୍‌ଗୁରୁ ମାଇଲେ ଗୋଇଠା । ଅନ୍ଧାରେ ଜଳଇ ବଇଠା ।।
ପାର୍ଥିବ ଅପାର୍ଥିବ ଲାଭ । ଗୁରୁଙ୍କ ଦ୍ୱାରା ହିଁ ସମ୍ଭବ ।।
ସାଇଙ୍କ ମାର୍ଗ ସର୍ବସାର । ନଥିଲା ଜାତିର ବିଚାର ।।
ହିନ୍ଦୁ ଅହିନ୍ଦୁ ସର୍ବେ ମିଳି । ରାମନବମୀ, ଉର୍ସ ପାଳି ।।
ହରଷ ଶିରିଡ଼ିର ଦାଣ୍ଡ । ସାଇ-ପତାକା ତଳେ ରୁଣ୍ଡ ।।
ନାମ ସପ୍ତାହ ସଂକୀର୍ତ୍ତନ । ଘୋରାଚନ୍ଦନ ଥାଳି ଜାଣ ।।

ଦୁଇଟି ଏକତ୍ର ସମ୍ଭବ । କରାଉଥିଲେ ସାଇ ଦେବ ।।
ଷଷ୍ଠ ଅଧ୍ୟାୟେ ଏହି ବାଣୀ । ମାନବ ଧର୍ମରେ ବଖାଣି ।।

❖

ସପ୍ତମ ଅଧ୍ୟାୟ

ସାଇ ଅବତାର ମହିମା । କେ କହିପାରେ ତା'ର ସୀମା ।।
ଅଷ୍ଟାଙ୍ଗ ଯୋଗ ଥିଲେ ସାଧି । ଅଣିମା ଲଘିମା ଇତ୍ୟାଦି ।।
ନଥିଲା ଜାତିର ବିଚାର । ଖାଦ୍ୟ ଗ୍ରହଣେ ନିର୍ବିକାର ।।
ପରମ ବ୍ରହ୍ମ ନିଜେ ଯେଣୁ । ନଥିଲା ଭେଦଭାବ ତେଣୁ ।।
ଶ୍ୱାନ, ଚଣ୍ଡାଳ, ବିପ୍ରଜନ । ବାବାଙ୍କ ନିକଟେ ସମାନ ।।
ମସଜିଦରେ ଥିଲେ ରହି । 'ଆଲ୍ଲା ମାଲିକ' ମୁଖେ କହି ।।
ଶଙ୍କର ପାର୍ବତୀ ଗଣେଶ । ସଭିଙ୍କ ପୂଜାରେ ବିଶ୍ୱାସ ।।
କମାର-କନ୍ୟା ରକ୍ଷା ପାଇଁ । ଅଗ୍ନିରେ ହାତକୁ ପୂରାଇ ।।
କମାର-କନ୍ୟା ରକ୍ଷା ହେଲା । ସାଇଙ୍କ ହାତ ପୋଡ଼ିଗଲା ।।

ଭାଗୋଜୀ କୁଷ୍ଠରୋଗୀ ଆସି । କ୍ଷତକୁ ସଫାକରେ ବସି ।।
ଖପରଡ଼େଙ୍କ ପୁଅ ଥିଲା । ପ୍ଲେଗ ରୋଗ ଯେ ତାକୁ ହେଲା ।।
ତା' ଦେହୁ ରୋଗକୁ ହରିଣ । ନିଜ କାଖରେ ଦେଲେ ସ୍ଥାନ ।।
ନାନା ଚନ୍ଦ୍ରକର ବଦଳି । ବହୁ ଆଗରୁ ବାବା ଭାଳି ।।
ଆଶ୍ରିତମାନଙ୍କୁ କହିଲେ । ନାନା ଆଶ୍ଚର୍ଯ୍ୟ ଶୁଣି ହେଲେ ।।
ସପ୍ତମ ଅଧ୍ୟାୟ ସମାପ୍ତ । ଦାସ ଶୋଭାକର ବର୍ଣ୍ଣିତ ।।

❖

ଅଷ୍ଟମ ଅଧ୍ୟାୟ

ଅନେକ ଜନ୍ମ ତପ ଫଳେ । ମନୁଷ୍ୟ ଜନ୍ମ ମହୀତଳେ ।।
ସୃଷ୍ଟିର ଶ୍ରେଷ୍ଠ ଜୀବ ଏହି । ସାଧନା ବଳେ ମୋକ୍ଷ ପାଇ ।।
ମାନବ ମାଧବ ହୁଅଇ । ଅନ୍ୟ ସୃଷ୍ଟିରେ ଏହା କାହିଁ ।।
ଆହାର ନିଦ୍ରା ମୈଥୁନାଦି । ସଭିଙ୍କୁ ରଖିଛି ଆଚ୍ଛାଦି ।।
ମନୁଷ୍ୟ ଏକା ଜ୍ଞାନବଳେ । ବିଭୁ ପାଦକୁ ପାଇପାରେ ।।

ପାଇଲେ ସଦଗୁରୁ ଦୀକ୍ଷା । ମୁକ୍ତି ମାର୍ଗକୁ ହୁଏ ଦେଖା ।।
ସାଇ ଯେ ନିଜେ ଟି ଈଶ୍ୱର । ଭିକ୍ଷା ମାଗନ୍ତି ବହୁଦ୍ୱାର ।।
ଭିକ୍ଷା ଲବ୍ଧ ଯେଉଁ ଦ୍ରବ୍ୟ । ବାଣ୍ଟିଦିଅନ୍ତି ତାହା ସର୍ବ ।।
କାଉ କୁକୁଡ ସମମଣି । ଖାଦ୍ୟ ବାଣ୍ଟନ୍ତି ସାଇମଣି ।।
ଦକ୍ଷିଣା ରୂପେ ଧନ ଆଣି । ଲୋକରେ ବାଣ୍ଟନ୍ତି ସେ ପୁଣି ।।
ତାତିୟା କୋଟେତ ଭକତ । ବାୟାଜୀବାଈ ତାଙ୍କ ମାତ ।।
ଉଭୟେ ପ୍ରିୟ ବାବାଙ୍କର । ବାବାଙ୍କ କାମେ ତତପର ।।
ତାତିୟା ପାଖରେ ଶୁଅନ୍ତି । ବାୟାଜୀବାଈ ଖାଦ୍ୟ ଦ୍ୟନ୍ତି ।।
ଅଷ୍ଟମ ଅଧ୍ୟାୟ ସରିଲା । ସାଇବାବାଙ୍କ ଲୀଳାଖେଳା ।।

ଇତିଶ୍ରୀ ସାଇଟୀକା ପ୍ରଥମ ଦିବସ ପାରାୟଣ ସମାପ୍ତ ।

❖

ନବମ ଅଧ୍ୟାୟ

(ଶୁକ୍ରବାର ପାରାୟଣ)

ସାଇ ଚରଣେ ସର୍ମପଣ । କରିଣ ଜୀବ ହୁଏ ଧନ୍ୟ ।।
କୋପରଗାଓଁ ଯିବାପାଇଁ । ତାତିୟା ଲୋଡ଼େ ବ୍ୟସ୍ତ ହୋଇ ।।
ସାଇ କରନ୍ତେ ତାକୁ ମନା । ଅସ୍ଥିର ଚିତ୍ତ ହୁଏ ସିନା ।।
ଶ୍ୟାମ ତୋ' ସଙ୍ଗତରେ ଯାଉ । ସଦା ସର୍ବଦା ପାଖେ ଥାଉ ।।
ତାତିୟା ବୋଲ ନମାନିଲା । ରାସ୍ତାରେ ଦୁର୍ଘଟଣା ହେଲା ।।
ଭାବିଲା ସାଇ ମାତା କଥା । ଅବଜ୍ଞା ଫଳର ସର୍ବଥା ।।
ବିଦେଶୀ ଭକ୍ତ ଥିଲା ଆସି । ବାବା ଚରଣେ ଥାଏ ବସି ।।
ଫେରିବା ଅଭିପ୍ରାୟ ନେଇ । ଜଣାଏ ବାବାଙ୍କୁ ଯେ ସେହି ।।
କହନ୍ତି ବାବା ରହିଥାଅ । ସୁବିଧା ଦେଖି ପରେ ଯାଅ ।।
ବାବାଙ୍କ କଥାକୁ ନମାନି । ବିଦେଶୀ ଚଳେ ତତକ୍ଷଣି ।।
ଅଳପ ବାଟ ଯାଇଥିଲା । ଟାଙ୍ଗା ଯେ ଓଲଟି ପଡ଼ିଲା ।।
ଭାଙ୍ଗିଲା ଗୋଡ଼, ଶଯ୍ୟାଶାୟୀ । ସାଇ ସୁମରେ ପଡ଼ିରହି ।।

ବାବାଙ୍କ ଦକ୍ଷିଣା ରହସ୍ୟ । କହିଣ ଥିଲେ ସେ ଅବଶ୍ୟ ।।
ଗୃହସ୍ଥ ପାକ କର୍ମ କାଳେ । ପାଞ୍ଚୋଟି ପାପକୁ ଆଚରେ ।।
କୁଟିବା, ପେଷିବା, ଧୋଇବା । କାଟିବା, ଚୁଲି ଲଗାଇବା ।।
ଏହି ସମୟେ ଜୀବ ମାରି । ଆଚରିଥାଏ ପାପ ଭାରି ।।
ଏ ପାଞ୍ଚପାପ କ୍ଷୟ ପାଇଁ । ପ୍ରାୟଶ୍ଚିତ ଯେ ରହିଥାଇ ।।
ବ୍ରହ୍ମ ଯଜ୍ଞ ଯେ ବେଦପଢ଼ା । ପିତୃଙ୍କୁ ବାଢ଼ିଲେ ଅବଢ଼ା ।।
ଦେବଦେବୀଙ୍କୁ ଅର୍ପଣରେ । ଅଥବା ଅତିଥି ସେବାରେ ।।
ଜୀବଜନ୍ତୁଙ୍କୁ ତୃପ୍ତକଲେ । ଏ ପାପ କ୍ଷୟଯାଏ ଭଲେ ।।
ବାବା ମାଗନ୍ତି ଭିକ୍ଷା ବୁଲି । କାନ୍ଧରେ ଧରିଥାନ୍ତି ଝୁଲି ।।
ଟିଣର ପାତ୍ର ଖଣ୍ଡେ ଧରି । ମାଗନ୍ତି ରୁଟି ତରକାରୀ ।।
ଯାହା ଯେଉଁଠି ମିଳିଥାଏ । ଗୋଳାଇ ସବୁ ଏକହୁଏ ।।
ପ୍ରସାଦ ସମସ୍ତେ ପାଆନ୍ତି । ଇତର ପ୍ରାଣୀଙ୍କୁ ଦିଅନ୍ତି ।।
ଦାତାର ପାପକ୍ଷୟ ଯାଏ । ପୂର୍ବ ଋଣରୁ ମୁକ୍ତିପାଏ ।।
ତାରଖଡ଼ଙ୍କ ଜୀବନରେ । ଘଟିଛି ଅଦ୍ଭୁତ ପ୍ରକାରେ ।।
ସାଇ ଯେ ସର୍ବବ୍ୟାପୀ ଥିଲେ । ଏକଥା ପ୍ରମାଣ କରିଲେ ।।
ମିଶିରି ଭୋଗ ନ ଲାଗିବା । ତାକୁ ଜାଣିଲେ ସାଇବାବା ।।

ବାଇଗଣର ଭଜା ପାଇଁ । ପୁରନ୍ଦରକୁ କଲେ ଦାୟୀ ।।
ତାରଖଡ଼ଙ୍କ ପେଡ଼ା ପାଇଁ । ମାନକରଙ୍କୁ ମାଗେ ସାଇ ।।
ଦିନେ ମଧ୍ୟାହ୍ନ ସମୟରେ । କୁକୁର ଭୋକରେ ଚିତ୍କାରେ ।।
ରୁଟି ଖଣ୍ଡିଏ ଦେବାପରେ । କୁକୁର ଗଲେ ଆନନ୍ଦରେ ।।
ଅନ୍ୟ ଦିନରେ ହସି ସାଇ । କହନ୍ତି ଶ୍ରୀମତୀଙ୍କୁ ଚାହିଁ ।।
ମାତା ଗୋ' ଦୟା କରିଥିବ । ସେଦିନ ଭଳି ଖାଦ୍ୟ ଦେବ ।।
ଆଶ୍ଚର୍ଯ୍ୟ ହୋନ୍ତି ତାରଖଡ଼େ । ଶ୍ୱାନର ବିଷୟ ତ ପଡ଼େ ।।
ନବମ ଅଧ୍ୟାୟ ସମାପ୍ତ । ବାବା ଚରଣେ ଦିଅ ମାଥ ।।

❖

ଦଶମ ଅଧ୍ୟାୟ

ବାବାଙ୍କ ଶୋଇବା ପାଇଁକି । ଡେଙ୍ଗାଲେ ଆଣେ ପଟାଟିକି ।।
ପୁରୁଣା ଲୁଗାରେ ବାନ୍ଧିଣ । ଛାତରୁ ଝୁଲାହେଲା ଜାଣ ।।
ସେହି ପଟାରେ ବାବା ଶୋଇ । ଚାରିକୋଣରେ ଦୀପ ଥୋଇ ।।

ଉଠିବା ଓହ୍ଲାଇବା ବେଳେ । ଭିଡ଼ ଜମିଲା କୁତୂହଳେ ।।
ବାବା ହୋଇଲେ ମାରତଣ୍ଡ । କରିଲେ ପଟା ଖଣ୍ଡଖଣ୍ଡ ।।
ସଗୁଣ ନିଗୁର୍ଣ୍ଣର ରୂପ । କିମ୍ବା କରିଲେ ମହାକୋପ ।।
କ୍ଷଣକେ ଶୀତଳ ହୁଅନ୍ତି । ପୂର୍ଣ୍ଣ ବ୍ରହ୍ମ ସେ ସୌମ୍ୟ କାନ୍ତି ।।
ଜାଣିବା ପାଇଁ ତାଙ୍କ ଜନ୍ମ । ଭକତ ହୁଅନ୍ତି ଉଚ୍ଛନ୍ନ ।।
ଅଠରଶହ ଅଷ୍ଟତ୍ରିଂଶେ । ଜନ୍ମ କାଳକୁ ଧରିବସେ ।।
ଉଣେଇଶହ ଅଠରରେ । ଅକ୍ଟୋବରର ପନ୍ଦରରେ ।।
ସେଦିନ ଥିଲା ଭୌମବାର । ବିଜୟା ଦଶମୀ ବାସର ।।
ମହାସମାଧି ବାବା ନେଲେ । ବହୁ ପୂର୍ବରୁ ଚେତାଇଲେ ।।
ବାବା ତ କରୁଣାର ସିନ୍ଧୁ । ଭକତ ଜନ ହୃଦବନ୍ଧୁ ।।
ଜୀବନ୍ତ କାଳେ ଥିଲେ ଯାହା । ମହାସମାଧି ପରେ ତାହା ।।
ଚଢ଼ିଲେ ସମାଧିର ଶିଡ଼ି । ଦୁଃଖ ହରଇ ସେହି ଘଡ଼ି ।।
ସାଇଙ୍କ ନାମ ସ୍ମରଣରେ । ରୋଗ ନରହେ ଶରୀରରେ ।।
ମାନବ ଧର୍ମର ପ୍ରସାର । କରିଣ ଥିଲେ ସାଇଶ୍ୱର ।।
ଶିରିଡ଼ି ଗ୍ରାମେ ନାନାବଳୀ । ଦୁଷ୍ଟ ଚରିତ୍ର ଥିଲା ଭାରି ।।
ବାବାଙ୍କୁ ଚାହିଁକରି ହସେ । ଛାଡ଼ ତୋ' ଗାଦି ମୁହିଁ ବସେ ।।

ବାବା ଅତ୍ୟନ୍ତ ବିନୟରେ । ଗାଦିରୁ ଉଠିଲେ ସତ୍ୱରେ ।।
ନାନାବଳୀ ଯେ ତହିଁ ବସି । ଆନନ୍ଦ ଭାବେ ଅତି ଖୁସି ।।
କିଛି ସମୟ ପରେ ସେହି । ଉଠିଣ ପ୍ରଭୁଙ୍କୁ ଚାହିଁଇ ।।
ବସନ୍ତୁ ପ୍ରଭୁ ଦେବସାଇ । ମୁହିଁ ଆଶ୍ରିତ ତୋ'ର ହୋଇ ।।
ଜୀବନ କାଳ ପରିଯନ୍ତେ । ରହିଲି ସାଇଙ୍କ ଆଶ୍ରିତେ ।।
ବାବାଙ୍କ ମହାସମାଧିର । ତେରଦିନରେ ପୂରେ କାଳ ।।
ସାଇ ଚରିତ ସଦଗ୍ରନ୍ଥ । ପଢ଼ିବା, ଶୁଣିବା ଉଚିତ ।।
ଦଶମ ଅଧ୍ୟାୟ ସରିଲା । ସାଇ କରୁଣା ପ୍ରାପ୍ତହେଲା ।।

❖

ଏକାଦଶ ଅଧ୍ୟାୟ

ସଗୁଣ ନିର୍ଗୁଣ ଏ ଦୁଇ । ବ୍ରହ୍ମଙ୍କ ଦୁଇପାର୍ଶ୍ୱ ହୋଇ ।।
ନିର୍ଗୁଣ କିଛି ହିଁ ନଦିଶେ । ସଗୁଣ ରୂପ ପରକାଶେ ।।
ନିର୍ଗୁଣ ପୂଜା କଷ୍ଟ ମହା । ସଗୁଣ ପୂଜା ସହଜିଆ ।।

ଆଲୋକ, ପାଣି, ପ୍ରତିମୂର୍ତ୍ତି । ବେଦୀ, ପବନ, ସୂର୍ଯ୍ୟକାନ୍ତି ।।
ଅଗ୍ନି ମିଶାଇ ସପ୍ତବସ୍ତୁ । ସଗୁଣ ପୂଜାର ଏ ହେତୁ ।।
ସାଇ ଅଟନ୍ତି ମହାଭାଗ । ସ୍ମରଣ, ବନ୍ଦନର ଯୋଗ୍ୟ ।।
ପରମ ବ୍ରହ୍ମ ସେହି ସାଇ । ଏଥିରେ ଦ୍ୱିମତ ତ ନାହିଁ ।।
ଯେ ଯେଉଁ ରୂପରେ ଭଜଇ । ତାଙ୍କୁ ସେ ଦରଶନ ଦେଇ ।।
ଡାକ୍ତର ପଣ୍ଡିତଙ୍କ କଥା । ଶୁଣିଲେ ଘୂରିଯିବ ମଥା ।।
ବାବାଙ୍କ କପାଳେ ଚନ୍ଦନ । ଦେବାରେ ନାହିଁ ଆଜ୍ଞା ଜାଣ ।।
ମହଲାଶ ପତିଙ୍କ ବିନା । ଏ ସେବା ଅନ୍ୟେ ଶକ୍ତ ମନା ।।
ଡାକ୍ତର ପଣ୍ଡିତ ଆସିଲେ । ହାତରେ ଅର୍ଘ୍ୟଥାଳି ନେଲେ ।।
ଚନ୍ଦନ ଦେଇ ବାବା ଶିରେ । ତ୍ରିପୁଣ୍ଡ୍ର ରେଖାକୁ ଟାଣିଲେ ।।
ବାବା ହରଷ ତାହା ଦେଖି । ଅନ୍ୟ ଭକତେ ମହାଦୁଃଖୀ ।।
ସଂଧ୍ୟା ଆରତି ହେବା ବାଦେ । କଥା ପଡ଼ିଲା ମସଜିଦେ ।।
ବାବା କହନ୍ତି ଗୂଢ଼କଥା । ପଣ୍ଡିତଙ୍କର ଗୁରୁ ଯଥା ।।
ଶ୍ରୀ ରଘୁନାଥ ତାଙ୍କ ଗୁରୁ । ପଣ୍ଡିତେ ଦେଖନ୍ତି ଦୂରରୁ ।।
ଶ୍ରୀ ରଘୁନାଥ ବସିଛନ୍ତି । ତେଣୁ ପୂଜିଲେ ଛାଡ଼ି ଭୀତି ।।
ଯେ ଯେଉଁ ରୂପରେ ଭଜଇ । ସାଇ ମିଳନ୍ତି ତାଙ୍କୁ ତହିଁ ।।

ସାଇ ଯେ ଆପତ୍ତି ନକଲେ । ପଣ୍ଡିତେ ଚନ୍ଦନ ଲେପିଲେ ।।
ଲୋକେ ହୋଇଲେ ହସହସ । ସର୍ବବ୍ୟାପକ ସାଇଈଶ ।।
ହାଜୀସିଦ୍ଦିକ କଥା ଏହି । ମକ୍କା ମଦିନାରୁ ଫେରଇ ।।
ମନରେ ଅଭିମାନ ତା'ର । ଅତ୍ୟନ୍ତ ଧାର୍ମିକ ସେ ନର ।।
ମାତ୍ର ଅଦ୍ଭୁତ କଥା ହେଲା । ସାଇ ଡାକନ୍ତି ନାହିଁ ଭଲା ।।
ଦିନର ପରେ ଦିନ ଯାଏ । ସାଇଙ୍କ କୃପା ତାକୁ ନୋହେ ।।
ଶ୍ୟାମ କହନ୍ତି ବାବା ଶୁଣ । ହାଜୀର ଅପରାଧ କ'ଣ ।।
ବାବା ଧରିଲେ ଉଗ୍ର ମୂର୍ତ୍ତି । ହାଜୀର କାଫନି ଟାଣନ୍ତି ।।
କରୁଛୁ ନିଜର ବଡ଼ିମା । ମୋତେ ତୁ ଚିହ୍ନିଲୁନି ଜମା ।।
ପରେ ଅବଶ୍ୟ ଶାନ୍ତ ହେଲେ । ଭକ୍ତଙ୍କ ମଧ୍ୟେ ଗଣାଇଲେ ।।
ବାବା ତ ନିଜେ ପରଂବ୍ରହ୍ମ । ପଞ୍ଚଭୂତ ଯେ ଆଜ୍ଞାଧୀନ ।।
ସନ୍ଧ୍ୟା ସମୟ ଉପଗତ । ଆକାଶେ ଝଡ଼ର ଉତ୍ପାତ ।।
ନଭ ପୃଥିବୀ ଏକାକାର । ବରଷେ ମୂଷଳର ଧାର ।।
ପ୍ରାଣୀ ଜଗତ ବିଚଳିତ । ପାଦପକୁଳ ଧରାସାତ ।।
ଭକ୍ତଙ୍କ ବିକଳକୁ ଦେଖି । ଆସିଲେ ସାଇ ଯେ ଉହୁଙ୍କି ।।
ମସଜିଦ ଦ୍ୱାରେ ଠିଆହୋଇ । ଆଦେଶ ଦେଲେ ପ୍ରଭୁସାଇ ।।

ଝଡ଼ ଯେ ଶାନ୍ତ ତୁହି ହୁଅ । ଏହି ଠାବରୁ ଚାଲିଯାଅ ।।
ତକ୍ଷଣେ ଝଡ଼ ଯେ କମିଲା । ମନ୍ଦ ଭାବରେ ସେ ବହିଲା ।।
ଜହ୍ନ ଖେଳିଲା ଆକାଶରେ । ମୃଦୁ ମଳୟ ମନ ହରେ ।।
ଅନ୍ୟ ଘଟଣା ଏବେ ଶୁଣ । ମଧ୍ୟାହ୍ନେ ଅଗ୍ନିକାଣ୍ଡ ଜାଣ ।।
ଧୁନି ଅନଳ ଉଚ୍ଚେ ଉଠେ । ମସ୍‌ଜିଦ ଛାତର ନିକଟେ ।।
ଡାକିଲେ ଆକୁଳେ ସରବେ । ସଟକା ଧରି ବାବା ରାଗେ ।।
କହିଲେ ଆଦେଶୁଛି ମୁହିଁ । ତଳକୁ ଖସ ଶାନ୍ତ ହୋଇ ।।
ଅଗ୍ନିର ତେଜ ଶାନ୍ତ ହେଲା । ବାବାଙ୍କ ଯଶ ପ୍ରକଟିଲା ।।
ସାଇଙ୍କ ଚରଣ ଯୁଗଳେ । ମନ ମୋ ରହୁ ସଦାକାଳେ ।।
ଭଣଇଁ ଶୋଭାକର ଦାସ । ଅଧ୍ୟାୟ ଏକାଦଶ ଶେଷ ।।

❖

ଦ୍ୱାଦଶ ଅଧ୍ୟାୟ

ସାଇଲୀଳାର କଥାମୃତ । ପାନ କରନ୍ତୁ ଦିବାରାତ୍ର ।।
ନିଶ୍ଚୟ ଦୁଃଖ ଦୂର ହେବ । ଶୁଭ ସମୟ ପ୍ରକାଶିବ ।।

ବାବା ତ ନିଜେ କହିଛନ୍ତି । ସମାଧି ପରେ ବି ଅଛନ୍ତି ।।
ଡାକିଲେ ତାଙ୍କୁ ହୃଦୟରୁ । ଜବାବ ଦେବେ ସମାଧିରୁ ।।
ଏବେ ଶୁଣନ୍ତୁ ତାଙ୍କ ଲୀଳା । ଏ ଭବ ଜଗତରେ ଖେଳା ।।
କାକା ମହାଜନୀ ନାମରେ । ଘର ସୁଦୂର ମୁମ୍ବାଇରେ ।।
ଶିରିଡ଼ି ଆସିଣ ସେ ଥିଲେ । ରହିବା ପାଇଁ ଚାହୁଁଥିଲେ ।।
ଦର୍ଶନ କରିଲେ ବାବାଙ୍କୁ । ବାବା କହନ୍ତି ଫେରିବାକୁ ।।
ବାବା ଆଦେଶ ଶିରେ ଧରି । କାକା ଯେ ଯାଇଥିଲେ ଫେରି ।।
କାକାଙ୍କ ମାଲିକ ଯେ ଖୁସି । ସମୟ ଜାଣିଛନ୍ତି ଆସି ।।
ଓକିଲ ଭାଉ ଯେ ସାହେବ । ତାଙ୍କର କଥା ଯେ ଅପୂର୍ବ ।।
ମକଦ୍ଦମାର କାର୍ଯ୍ୟ ନେଇ । ବାହାର ହୋନ୍ତି ଘରୁ ସେହି ।।
ବାଟରେ ଶିରିଡ଼ି ପଡ଼ିବ । ବାବାଙ୍କ ଦରଶନ ହେବ ।।
କଦଳୀବିକା ରଥଦେଖା । ଏକସାଥିରେ ସମାପିକା ।।
ବାବାଙ୍କୁ ପ୍ରଣାମ କରନ୍ତି । ବାହାରିବାକୁ ବ୍ୟସ୍ତ ହୋନ୍ତି ।।
ବାବା କହନ୍ତି ତାଙ୍କୁ ଧୀରେ । ରହନ୍ତୁ ଏଠାରେ ଖୁସିରେ ।।
ସାତଦିନର ପରେ ବାବା । କହନ୍ତି ଏବେ ହେଉ ଯିବା ।।
ଧୂମାଲ ଗଲେ ପଥ ଚାଲି । ଆଶ୍ଚର୍ଯ୍ୟ ହେବାର ଯେ ପାଳି ।।

ମାଜିଷ୍ଟ୍ରେଟ୍‌ଙ୍କର ଯନ୍ତ୍ରଣା । କଚେରି ବନ୍ଦ ଥିଲା ସିନା ।।
ସାତଦିନ ଯେ ବନ୍ଦ ଥିଲା । ଆଜିଯେ କଚେରି ଖୋଲିଲା ।।
ପଡ଼ିଲା ତାଙ୍କ ମକଦ୍ଦମା । ହେଳେ ଜିଣିଲେ ସେ ଉତ୍ତମା ।।
ନିମୋନର ଯେ ମାଜିଷ୍ଟ୍ରେଟ । ନାନା ସାହେବ ନାମେ ଖ୍ୟାତ ।।
ଶିରିଡ଼ି ଦରଶନ ପାଇଁ । ସପତ୍ନୀ ଆସିଥିଲେ ସେହି ।।
ଶୁଣିଲେ ପୁତ୍ର ଦେହ ବ୍ୟସ୍ତ । ମନ ହୋଇଲା ଅତି ତ୍ରସ୍ତ ।।
ମାତା ଯେ ଯିବାକୁ ଚାହିଁଲେ । ବାବାଙ୍କ ଅନୁମତି ନେଲେ ।।
ମଳୟ ଶାସ୍ତ୍ରୀ ଯେ ପଣ୍ଡିତ । ଶୁଦ୍ଧ ବ୍ରାହ୍ମଣ କୁଳେ ଜାତ ।।
ବାବାଙ୍କୁ ଦରଶନ କଲେ । ଦୂରରେ ଛିଡ଼ା ହୋଇଥିଲେ ।।
ଗୁରୁ ଯେ ଗୋଲାପ ଦେଖନ୍ତି । ବାବାଙ୍କ ସ୍ଥାନରେ ଅଛନ୍ତି ।।
ଧାଇଁଲେ ତଡ଼ତଡ଼ି ବେଗେ । ମଥା ଠେକିଲେ ମହାଭାଗେ ।।
ପାଦର ଧୂଳି ମାରି ଶିରେ । ଗୁରୁଙ୍କୁ ଚାହାନ୍ତି ଭକ୍ତିରେ ।।
ଆନନ୍ଦାଶ୍ରୁ ଯେ ବୋହିଗଲା । ସାଇଙ୍କ ସ୍ୱରୂପ ଦିଶିଲା ।।
ଜାଣିଲେ ଗୁରୁ ସାଇ ଏକ । ପୂର୍ବେ ସେ ଥିଲେ ଅବିବେକ ।।
ସାଇଙ୍କ ଲୀଳା ଖେଳା ବାଣୀ । ସୁଜନେ ହୁଅ ମନେ ଶୁଣି ।।
ଜଣେ ଡାକ୍ତର ଆସିଥିଲେ । ଶ୍ରୀରାମ ଭକ୍ତ ସେହୁ ଥିଲେ ।।

ସାଇ ମୁସଲମାନ ଭାବି । ଓଳଗି ହେବାକୁ ନ ଭାବି ।।
ଦୂରରେ ଥାଇ ଦେଖୁଥିଲେ । ହଠାତ୍ ଆଗକୁ ଆସିଲେ ।।
ସମସ୍ତେ ଅତ୍ୟନ୍ତ ଆଶ୍ଚର୍ଯ୍ୟ । ବାବା ଚରଣ ପଦରଜ ।।
ଡାକ୍ତର ଧରି ପଡ଼ିଛନ୍ତି । ସାଷ୍ଟାଙ୍ଗ ପ୍ରଣାମ କରନ୍ତି ।।
ଦିଶିଲା ତାଙ୍କୁ ଚମତ୍କାର । ଆସନେ ବିଜେ ରଘୁବୀର ।।
ସାଇ ଯେ ଜଗତ ଠାକୁର । ବିଶ୍ୱାସ ହୋଇଲା ତାଙ୍କର ।।
ମୁଁ ମୂଢ଼ ବିଶ୍ୱାସ ମୋ' କାହିଁ । ଶରଣ ଲୋଡ଼େ ତୋ'ର ସାଇ ।।
ନିଶ୍ଚୟ ସୁଦୟା ହୋଇବ । ତରିବି ନିଶ୍ଚେ ଭବାର୍ଣ୍ଣବ ।।
ଦ୍ୱାଦଶ ଅଧ୍ୟାୟ ସମାପ୍ତ । ହୋଇଲା, ସାଧୁଜନ ହିତ ।।

❖

ତ୍ରୟୋଦଶ ଅଧ୍ୟାୟ

ସାଇଙ୍କ କଥା ଯେ ଅମୃତ । ସୁଜନେ ଶୁଣ ଦେଇ ଚିତ୍ତ ।।
ଭକ୍ତି ଅନ୍ତରେ ସ୍ମର ତାଙ୍କୁ । ନିଶ୍ଚୟ ପାଇବ ସାଇଙ୍କୁ ।।

ପ୍ରତ୍ୟକ୍ଷ ଦରଶନ ଦେବେ । ଦୁଃଖ-ସନ୍ତାପ ହରିନେବେ ।।
ଏ କଥା ନୁହଁଇ ତ ମିଛ । ସାଇ ତ ଅତ୍ୟନ୍ତ ପ୍ରତ୍ୟକ୍ଷ ।।
ଶିରିଡ଼ି ଯାଇଥିବା କେହି । ନ ଫେରେ ଖାଲିହାତେ ସେହି ।।
ନିଶ୍ଚୟ ମିଳେ ତାକୁ ଫଳ । ବିଶ୍ୱାସ କଲେ ଦୃଢ଼ ମୂଳ ।।
ଭୀମାଜୀ ପଟିଲ ତା' ନାମ । ପୁନା ସହରେ ତା'ର ଧାମ ।।
ରାଜଯକ୍ଷ୍ମା ଯେ ଭୋଗେ ସିଏ । ଅସାଧ୍ୟ ରୋଗ କୁହାଯାଏ ।।
ରକତ ବାନ୍ତି ଘନଘନ । ଶିରିଡ଼ି ଆସିଥିଲା ଜାଣ ।।
ପହଞ୍ଚି ଦ୍ୱାରକା-ମାୟୀରେ । ବାବା ଆରାଧ୍ୟେ ବିନୟରେ ।।
ସାଇ ଯେ ହୋଇଲେ ପ୍ରସନ୍ନ । ନିର୍ଭୟେ ରହ ଏହି ସ୍ଥାନ ।।
ହୋଇଲା ଫକୀର କରୁଣା । ରୋଗ ହୋଇଲା କ୍ରମେ ଊଣା ।।
ସମ୍ପୂର୍ଣ୍ଣ ଭଲ ହୋଇଗଲା । ସାଇ ମହିମା ପ୍ରକାଶିଲା ।।
ବାବା ସାହେବ ଗଣପତି । ମେଲେରିଆ ସେ ଭୋଗୁଥାନ୍ତି ।।
ଔଷଧେ ଭଲ ନ ହୋଇଲା । ବାବାଙ୍କ ଶରଣ ପଶିଲା ।।
ବାବା କହିଲେ, ଶୀଘ୍ର ଯାଅ । କୁକୁରେ ଦହିଭାତ ଦିଅ ।।
ଆଜ୍ଞା ପାଇଣ ସିମ୍ପି ଗଲା । କୁକୁରେ ଦହିଭାତ ଦେଲା ।।
ଜ୍ୱର ଛାଡ଼ିଲା ତା'ର ଦେହୁ । ସାଇ ମହିମା କେହୁ କହୁ ।।

ବାପୁ ସାହେବ ବୁଟି କଥା । ଶୁଣିଲେ ହରେ ମନୁ ବ୍ୟଥା ।।
ରକ୍ତାମାଶୟ ଭୋଗେ ସେହି । ଔଷଧେ ଭଲ ନ ହୁଅଇ ।।
ବାବା ଯେ ଡାକି ପଠାଇଲେ । ବିଶିଆଙ୍ଗୁଠି ଦେଖାଇଲେ ।।
ଏଠାରେ ବସ ଧୀର ହୋଇ । ତୁମର ଦେହେ ରୋଗ ନାହିଁ ।।
ଯାହା କହିଲେ ତାହା ହେଲା । ରୋଗ ତ ଛାଡ଼ି ପଳାଇଲା ।।
ହଇଜା ପୁଣି ଧରିଥିଲା । ବାବା ଦୟାରୁ ଭଲ ହେଲା ।।
ଆଳନ୍ଦୀ ସ୍ୱାମୀଙ୍କ ଆଖ୍ୟାନ । ଶୁଣି ଆନନ୍ଦ କର ମନ ।।
କାନରେ ଯନ୍ତ୍ରଣା ତାଙ୍କର । ଭଲ ନ ହୁଏ କଳେବର ।।
ଅସ୍ତ୍ରୋପଚାର କରାଗଲା । ତଥାପି ଭଲ ନ ହୋଇଲା ।।
ବାବାଙ୍କ ପାଶେ ଶ୍ୟାମ କହି । ସ୍ୱାମୀଙ୍କ ଦୁଃଖ ସହି ନୋହି ।।
ବାବା କହନ୍ତି ତାଙ୍କୁ ଧୀରେ । 'ଆଲ୍ଲା ମାଲିକ' ସବୁକାଳେ ।।
ନିଶ୍ଚୟ କରିବେ ମଙ୍ଗଳ । ତାଙ୍କୁ ସୁମରି ଘରେ ଚଳ ।।
ଆଶ୍ଚର୍ଯ୍ୟ ହେଲେ ଘରେ ଯାଇ । କାନରେ ଯନ୍ତ୍ରଣା ତ ନାହିଁ ।।
କାକା ମହାଜନୀ ଭକତ । ବାବାଙ୍କ ସେବାରେ ସତତ ।।
ଥରେ ଭୀଷଣ ଝାଡ଼ା ଭୋଗେ । ଶରୀର ଅବସନ୍ନ ଲାଗେ ।।
ସେ ବେଳେ ବାବା ବିରକତ । ମସଜିଦ ଚଟାଣ ନିମିତ୍ତ ।।

ଭୟେ ଭକତ ପଳାଇଲେ । ବାବା କାକାଙ୍କୁ ଧରିନେଲେ ।।
ବାଦାମ ପୁଡ଼ିଆ ପକାଇ । ପଳାଇଥିଲା ଭକ୍ତ କେହି ।।
ବାବା ଛଡ଼ାଇ ବାଦାମକୁ । ସ୍ନେହରେ ଦିଅନ୍ତି କାକାଙ୍କୁ ।।
ତରଳ ଝାଡ଼ା ଦେହୁ ଯାଏ । ବାବା ବାଦାମ ସେହୁ ଖାଏ ।।
ଖାଇବା ପରେ ଲାଗେ ଶୋଷ । ଦେଖିଲେ ରୋଗ ହେଲା ଶେଷ ।।
ଦଉ ପନ୍ଥୁ ସେ ହରଡ଼ାର । ପେଟ ରୋଗରେ ହରବର ।।
ଆସିଲେ ଦଉଡ଼ି ଶିରିଡ଼ି । ବାବାଙ୍କ ପାଦତଳେ ପଡ଼ି ।।
ବାବା କରିଲେ ଦୟାଦାନ । ଉଦି ବିଭୂତି ଦେଲେ ଜାଣ ।।
ପେଟ ରୋଗରୁ ମୁକ୍ତ ହେଲେ । ବାବାଙ୍କ ଜୟଗାନ କଲେ ।।
ଶ୍ୟାମଙ୍କ ଅର୍ଶ କଷ୍ଟ ଦେଖି । ପାଚନ ବରାଦ ଦିଅନ୍ତି ।।
ପାଚନ ଖାଇ ଅର୍ଶ ଗଲା । ଶ୍ୟାମର ମନ ଖୁସି ହେଲା ।।
ଦୁଇବରଷ ଗଲା ଚାଲି । ପୁଣି ସେ ରୋଗ ଆସେ ଫେରି ।।
ଶ୍ୟାମ ପାଚନ ଜାଣିଥିଲା । ସେଇଆ ପୁଣି ଖାଇଦେଲା ।।
ବଢ଼ିଲା ଅର୍ଶ ଭୟଙ୍କର । କେ ଦେଖେ ଶ୍ୟାମର ବିକଳ ।।
ବାବା କହନ୍ତି, ଶ୍ୟାମ ବସ । ମୋହରେ ନଗଲୁ ବିଶ୍ୱାସ ।।
ଆପେ ତୁ ଖାଇଲୁ ପାଚନ । କିମ୍ପାଇ କରୁଛୁ କ୍ରନ୍ଦନ ।।

ଶ୍ୟାମ ଯେ ଅନୁତପ୍ତ ହେଲା । ରୋଗ ଛାଡ଼ିଲା ଭଲ ହେଲା ।।
ଗଙ୍ଗାଧରର ପେଟ ରୋଗ । ହରିଲେ ସାଇ ମହାଭାଗ ।।
ଚନ୍ଦୋରକରଙ୍କ ଯନ୍ତ୍ରଣା । ଘିଅ-ପିଠାରେ ଭଲସିନା ।।
ଅଧ୍ୟାୟ ଗଲା ତ୍ରୟୋଦଶ । ଭଣିଲେ ଶୋଭାକର ଦାସ ।।

❖

ଚତୁର୍ଦ୍ଦଶ ଅଧ୍ୟାୟ

ରୁତନ ଓ୍ୱଦିଆଙ୍କ କଥା । ଶୁଣନ୍ତୁ ଜ୍ଞାନୀ ସାମରଥା ।।
ଧନ ସମ୍ପତ୍ତି ଥିଲା ଭଲ । ନଥିଲେ କୁଳରେ କୁମର ।।
ଦାସ ଗଣୁଙ୍କ ଉପଦେଶେ । ଶିରିଡ଼ି ଗ୍ରାମକୁ ସେ ଆସେ ।।
ଫୁଲର ମାଳ ଫଳଟୁଡ଼ି । ଦେଇ ବାବାଙ୍କ ପାଦେ ପଡ଼ି ।।
ଅନ୍ତରେ ମିନତି ସେ କଲେ । ମୋ ବଂଶ ରକ୍ଷାହେଉ ଭଲେ ।।
ବାବା କରୁଣା ତାଙ୍କୁ କଲେ । ପାଞ୍ଚଟି ଟଙ୍କା ଯେ ମାଗିଲେ ।।
ପୁଣି ସେ କହିଲେ ଆଶ୍ୱାସି । ପୂର୍ବୁ ଦକ୍ଷିଣା ପାଇଅଛି ।।

ତିନିଟଙ୍କା ତଉଦ ଅଣା । ପୂର୍ବରୁ ନେଇଛି ମୁଁ ଜଣା ।।
ବାକି ଦକ୍ଷିଣା ଏବେ ଦିଅ । ପୁତ୍ର ହୋଇବ ଘରେ ଯାଅ ।।
ରୁତନ ବିଶ୍ୱାସ ନଯାନ୍ତି । ଶିରିଡ଼ି ମାଟି ଦେଖୁଛନ୍ତି ।।
ଆଗରୁ ଆସି ତ ନଥିଲେ । ବାବାଙ୍କୁ ଜାଣି ବି ନଥିଲେ ।।
କିପରି ଦେଲେ ସେ ଦକ୍ଷିଣା । ବୁଝି ନପାରି ହେଲେ ବଣା ।।
ଦାସ ଗଣୁ ବି ଆଚମ୍ବିତ । ବାବାଙ୍କ କଥା ନିଶ୍ଚେଁ ସତ ।।
ପରେ ପଡ଼ିଲା ତାହା ଜଣା । ଶିରିଡ଼ି ପୂର୍ବର ଘଟଣା ।।
ଏକଇ ସାଧୁ ଆସିଥିଲେ । ରୁତନ ସେବା ନେଇଥିଲେ ।।
ତିନିଟଙ୍କା ତଉଦ ଅଣା । ନେଇଣ ଥିଲେ ସେ ଦକ୍ଷିଣା ।।
ବାବା ତ ଅଟନ୍ତି ସର୍ବଜ୍ଞ । ସତ୍ୟ ପୁରୁଷ ପରଂବ୍ରହ୍ମ ।।
ସେହି ଦକ୍ଷିଣା ବାବା ନେଲେ । ଆଶିଷ ରୁତନକୁ ଦେଲେ ।।
କାଳେ ଜନ୍ମିଲା ତାଙ୍କ ପୁତ୍ର । ରୁତନ ମନ ଆନନ୍ଦିତ ।।
ହରି ବିନାୟକଙ୍କ କଥା । ସେହି ପ୍ରକାର ଅଟେ ଯଥା ।।
ପତ୍ନୀ ତାହାର ନାଶ ହେଲା । ପୁତ୍ରର ମୁଖ ନଦିଶିଲା ।।
ଦ୍ୱିତୀୟ ପତ୍ନୀ ଉଦରରୁ । ବାବାଙ୍କ ଦୟାର ଉତ୍ତାରୁ ।।
ପୁତ୍ର ଯେ କନ୍ୟା ହେଲା ଜାତ । ସାଠେର ପ୍ରୀତି ଉର୍ଦ୍ଧ୍ୱଗତ ।।

ବାବା ଯେ ଦକ୍ଷିଣା ମାଗନ୍ତି । ଭକ୍ତଙ୍କୁ ଋଣୁଁ ମୁକୁଳାନ୍ତି ।।
ଦାନ ଦକ୍ଷିଣାର ମହତ୍ତ୍ୱ । ଭକ୍ତଙ୍କୁ ବୁଝାନ୍ତି ସତତ ।।
କେବେସେ ଦକ୍ଷିଣା ଛଳରେ । ମାଗନ୍ତି ସାତ୍ତ୍ୱିକ ଦାନରେ ।।
ଦକ୍ଷିଣା ଧନ ବଣ୍ଟାହୁଏ । ସାଇଙ୍କ ହାତରେ ନରହେ ।।
କହନ୍ତି ମୁହିଁ ତ ଫକୀର । ଏ ଧନ କିସ ହେବ ମୋ'ର ।।
ଗଞ୍ଜେଇ ଟିକେ ମୋର ଲୋଡ଼ା । ଦୀପରେ ତେଲ ହୁଏ ବଢ଼ା ।।
ଧୁନି ଜଳିବା ପାଇଁ କାଠ । ବଳକା ଦକ୍ଷିଣାକୁ ବାଣ୍ଟ ।।
କାଫନି କଉପୁନି ଧରି । ଟିଣପାତ୍ରରେ ଖାଦ୍ୟଭରି ।।
ଫକୀରୀ ମୋହର ଏ ଚିହ୍ନ । ଏ ମୋ' ସମ୍ପତ୍ତି ଅକଳନ ।।
ଅଧିକା ଧନ କିବା ହେବ । ଗରିବେ ବାଣ୍ଟିଦିଅ ସର୍ବ ।।
ଭକ୍ତଙ୍କ ମଙ୍ଗଳର ପାଇଁ । ଦକ୍ଷିଣା ନେଉଥିଲେ ସାଇ ।।
ଚତୁର୍ଦଶ ଏ ଅଧ୍ୟାୟରେ । ବର୍ଣ୍ଣିତ ହେଲା ବୁଝ ନରେ ।।
କହଇ ଶୋଭାକର ଦାସ । ମୁଁ ତୁମ୍ଭ ଦାସଙ୍କର ଦାସ ।।

❖

ପଞ୍ଚଦଶ ଅଧ୍ୟାୟ

ଦାସ ଗଣୁଙ୍କ କଥା ଶୁଣି । ଆନନ୍ଦ ହୁଅ ମନେଗୁଣି ।।
ହରିଦାସଙ୍କ କୀର୍ତ୍ତନରେ । ମଜ୍ଜିଥାଆନ୍ତି ସଦାକାଳେ ।।
ପିନ୍ଧନ୍ତି ବିଚିତ୍ର ପୋଷାକ । ମୁଣ୍ଡେ ପଗଡ଼ି ଜକଜକ ।।
ସାଇ ଯେ ତାହାଙ୍କୁ କହିଲେ । ଏ ବରବେଶ ଛାଡ଼ ଭଲେ ।।
ସାଇଙ୍କ କଥା ମାନିନେଲେ । ନାରଦ ବେଶରେ ବୁଲିଲେ ।।
ଅଣ୍ଟା ଉପରୁ କିଛି ନାହିଁ । କୀର୍ତ୍ତନ କରନ୍ତି ଗୋସାଇଁ ।।
ଦାସ ଗଣୁଙ୍କ କୀରିତନ । ସାଇଙ୍କ ଯଶ ଗୁଣଗାନ ।।
ଆଦୃତ ହେଲା ଲୋକାଳୟେ । ଭକ୍ତି ଭାବନା ଉଦେ ହୁଏ ।।
ଶ୍ରୀ ଚୋଲକର ଶୁଣି ତାହା । ମନେ ଭାବିଲେ ସାଇ ସାହା ।।
ଶିରିଡ଼ି ବାଟଖର୍ଚ୍ଚ ପାଇଁ । ସଞ୍ଚିଲେ ଧନ କଷ୍ଟ ସହି ।।
ପିଅନ୍ତି ବିନା ଚିନି ଚାହା । ହୃଦେ ଭାବନ୍ତି ସାଇନାହା ।।
ଚାକିରି ଉନ୍ନତି ହୋଇଲା । ଶିରିଡ଼ି ଦର୍ଶନେ ଗମିଲା ।।
ଶ୍ରୀଫଳ ଭାଙ୍ଗି ପାଦତଳେ । ବାଣ୍ଟନ୍ତି ମିଶ୍ରି ଭାବ ଭୋଳେ ।।

ବାବା ଯେ ତୃପତ ହୋଇଲେ । ଜୋଗଙ୍କୁ ଡାକିଣ କହିଲେ ।।
ଚୋଲକାରଙ୍କୁ ନିଅ ଘର । ଅତିଥି ଆଜି ସେ ତୁମ୍ଭର ।।
ଚିନି ମିଶାଇ ଚାହା ଦେବ । ପିଇଲେ ତୃପ୍ତ ସେହୁ ହେବ ।।
ଚୋଲକାରଙ୍କ ନେତ୍ରେ ଜଳ । ବହଇ ଅବାରିତ ଧାର ।।
ପରମ ବ୍ରହ୍ମ ସର୍ବଜ୍ଞାନୀ । ଅନ୍ୟ ହୃଦୟେ ବସେ ଜାଣି ।।
ଝିଟିପିଟିର କଥାଶୁଣ । ସାଇ ମହିମା ପରିମାଣ ।।
ଦ୍ୱାରିକାମାୟୀରେ ଯେ ଦିନେ । ବସିଣ ଥିଲେ ଭକ୍ତଗଣେ ।।
ଝିଟିପିଟିଏ ଶବ୍ଦ କଲା । ବାବା ଏ କଅଣ କହିଲା ।।
ପଚାରିଦେଲେ ଭକ୍ତ କେହି । କହନ୍ତି ବାବା ହସିଦେଇ ।।
ନିଜର ଭଉଣୀ ଆସୁଛି । ଔରଙ୍ଗାବାଦରୁ ଫେରୁଛି ।।
କଥା ସରିନି ସାଇଙ୍କର । ଘୋଡ଼ାର ଟାପୁ ନିକଟର ।।
ଭକତ ଜଣେ ଓହ୍ଲାଇଲେ । ଘୋଡ଼ାକୁ ଚୋକଡ଼ ଯେ ଦେଲେ ।।
ଚୋକଡ଼ ବସ୍ତା ତଳେ ଫିଟି । ବାହାରେ ଏକ ଝିଟିପିଟି ।।
ବାବା ଭକତ ସାମନାରେ । ଚଢ଼ଇ ଧୀରେ କାନ୍ଥପରେ ।।
ଉପରୁ ଅନ୍ୟ ଝିଟିପିଟି । ନିଅଇ ତାହାଙ୍କୁ ପାଛୋଟି ।।
ଉଭୟେ କୋଳାକୋଳି ହେଲେ । ଆନନ୍ଦେ ପ୍ରେମ ପ୍ରକାଶିଲେ ।।

ଧନ୍ୟ ସେ ସାଇମହାରଥୀ । ଇତର ପ୍ରାଣୀଙ୍କ ବାରତା ।।
ବୁଝିବା ଶକ୍ତି ତାଙ୍କ ଥିଲା । ଧନ୍ୟ ପରମବ୍ରହ୍ମ ଲୀଳା ।।
ଯେ ଏହା ପଢ଼ିବ, ଶୁଣିବ । ଅନ୍ୟର ଆଗରେ ବର୍ଣ୍ଣିବ ।।
ଧନ୍ୟ କହିଦା ତାକୁ ଆହା । ସାଇ ହୋଇବେ ତାକୁ ସାହା ।।
ଅଧ୍ୟାୟ ପଞ୍ଚଦଶ ଶେଷ । ଭଣିଲେ ଶୋଭାକର ଦାସ ।।

ଇତିଶ୍ରୀ ସାଇଟୀକା ଦ୍ୱିତୀୟ ଦିବସ ପାରାୟଣ ସମାପ୍ତ ।

❖

ଷୋଡ଼ଶ – ସପ୍ତଦଶ ଅଧ୍ୟାୟ

(ଶନିବାର ପାରାୟଣ)

ବ୍ରହ୍ମ ଜ୍ଞାନର ପ୍ରାପ୍ତି ପାଇଁ । ଧନିକ ଶିରିଡ଼ିକୁ ଯାଇ ।।
ବାବାଙ୍କୁ କଲେ ଦରଶନ । କହିଲେ ମୋର ସୁଖମନ ।।
ଅମାପ ଧନ ଅଛି ମୋର । ପୁତ୍ର କନ୍ୟା ଯେ ସକୁଶଳ ।।
ବ୍ରହ୍ମଜ୍ଞାନର ଅର୍ଥେ ମୁହଁ । ଆସିଛି ଏତେ ବାଟ ଧାଇଁ ।।

ମୋହରେ କରନ୍ତୁ ସୁଦୟା । ଦିଅନ୍ତୁ ମୋତେ ଶୀଘ୍ର ତାହା ।।
ଲାଗେ ଯେ ଦକ୍ଷିଣା ସେପାଇଁ । ଦେବାରେ ମୋର କୁଣ୍ଠା ନାହିଁ ।।
ହସି କହନ୍ତି ତାଙ୍କୁ ସାଇ । ନିଶ୍ଚୟ ପାରିବି ମୁଁ ଦେଇ ।।
ଆନନ୍ଦେ ବସ ଏହି ଠାର । ଅପେକ୍ଷା ସହ ଧୈର୍ଯ୍ୟ ଧର ।।
ଅନ୍ୟାନ୍ୟ ଗଳ୍ପ ଆରମ୍ଭିଲେ । ଧନିକ ନିଜ ପ୍ରଶ୍ନ ଭୁଲେ ।।
କଥାର ମଧ୍ୟେ ପ୍ରଭୁସାଇ । ଏକ ବାଳକକୁ ଡକାଇ ।।
କହନ୍ତି ତୁମ୍ଭେ ଶୀଘ୍ର ଯାଅ । ନନ୍ଦୁ ମାରୁଓ୍ୱାଡ଼ିକୁ କହ ।।
ପାଞ୍ଚଟି ଟଙ୍କା ଯେ ଉଧାର । ମୋତେ ସେ ଦେବେ ଯେ ସତ୍ୱର ।।
ବାଳକ ଦୌଡ଼ି ଚାଲିଗଲା । ନନ୍ଦୁ ତ ନାହିଁ, ଜଣାଇଲା ।।
ବାବା ଅତ୍ୟନ୍ତ ବ୍ୟସ୍ତ ହୋଇ । ତାହାକୁ ଅନ୍ୟ ନାମ କହି ।।
ଚଞ୍ଚଳ ଗତିରେ ତୁ ଯିବୁ । ପାଞ୍ଚଟି ଟଙ୍କା ଯେ ଆଣିବୁ ।।
ନିହାତି ଦରକାର ତାହା । ନିଶ୍ଚେଁ ଆଣିବୁ ତୁହି ଯାଆ ।।
ମନଦୁଃଖରେ ଫେରେ ସେହି । ଦାତାଙ୍କ ଦେଖା ଯେ ନପାଇ ।।
ଏକାଳେ ଧନିକ କହଇ । ବିଳମ୍ବ ହେଉଅଛି ସାଇ ।।
ଶୀଘ୍ର କହନ୍ତୁ ବ୍ରହ୍ମଜ୍ଞାନ । ଗୃହକୁ ଯିବି ମୁଁ ଉଚ୍ଛନ୍ନ ।।
ସାଇ କହନ୍ତି ଶୁଣ ବାବୁ । ମନେ ମୁଁ ରଖିଅଛି ସବୁ ।।

ପଞ୍ଚମନ ଓ ପଞ୍ଚପ୍ରାଣ । ତ୍ୟାଗ ତୁ ଅହମିକା ଜ୍ଞାନ ।।
ମନ ଓ ବୁଦ୍ଧିକି ଛାଡ଼ିଣ । ସପ୍ରେମ ଭକ୍ତି ହୃଦେ ଆଣ ।।
ମୋକ୍ଷ ଲାଭର ଇଚ୍ଛାଧରି । ଲୋଭକୁ ପକା ତୁ ସଂହାରି ।।
ବୈରାଗ୍ୟ ଭାବ ଉଦେ ହେଉ । ବିଷୟା-ବିଷ ଦୂରେ ଯାଉ ।।
ଇନ୍ଦ୍ରିୟ ବନ୍ଧନକୁ କାଟି । ଅନ୍ତରମୁଖୀ ହୋଇବୁଟି ।।
ପାପକୁ ଭୟ ତୁହି କର । କର୍ମରେ ଅନ୍ୟାୟ ନ କର ।।
ସଦାଚାରକୁ ଆଚରିବୁ । ଶ୍ରେୟରେ ମତିକୁ ରଖିବୁ ।।
ଚିତ୍ତକୁ ଶୁଦ୍ଧ କରିସାରି । ବିବେକ ବିକଶିତ କରି ।।
ସଦଗୁରୁଙ୍କ ଚରଣରେ । ଶରଣନେବୁ ଅକାତରେ ।।
ଏସବୁ ପରେ ହରିକୃପା । ମିଳିଲେ ହେବୁ ବ୍ରହ୍ମଜ୍ଞାତା ।।
ଏହିସବୁ କି ଅଛି ତୋର । ବ୍ରହ୍ମଜ୍ଞାନରେ ଇଚ୍ଛା ଘୋର ।।
ଦେଖ ମୁଁ ପାଞ୍ଚଟଙ୍କା ମାଗେ । ବାଳକ ଡାକିଣ ବରଗେ ।।
ତୋ'ର ପକେଟେ ଅଛି ପୁଣ । ପଚାଶଗୁଣ ପରିମାଣ ।।
ମୁରୁଚ୍ଛି ନ ପାରିଲୁ ତୁହି । ମୋ' ହାତେ ପାଞ୍ଚଟଙ୍କା ଦେଇ ।।
ନାହିଁ ମୋ' କିଛି ଦରକାର । କେବଳ ପରୀକ୍ଷା ତୋହର ।।
ଫକୀର ମୁହିଁ, ଧନ ମୋ'ର । କି ହେବ କହ ଦରକାର ।।
ତୁମ୍ଭର ଧନ ତୁମ୍ଭେ ରଖି । ଗୃହକୁ ଫେର ହୋଇ ସୁଖୀ ।।

ବାବାଙ୍କ ଉପଦେଶ ବାଣୀ । ସୁଜନେ ହେଜ ମନେଗୁଣି ।।
ଷୋଡ଼ଶ-ସପ୍ତଦଶାଧ୍ୟାୟ । ସମାପ୍ତ ହୁଏ ରଖ ଲୟ ।।
ସେ ସାଇବାବାଙ୍କ ପୟରେ । ମନ ମୋ' ରହୁ ନିରନ୍ତରେ ।।
ସାଇ ସୁମରି ଯାଉ ଜୀବ । ମୋତେ ରଖନ୍ତୁ ସାଇଦେବ ।।

❖

ଅଷ୍ଟାଦଶ-ଉନବିଂଶ ଅଧ୍ୟାୟ

ସାଇ ଚରିତ ଶୁଦ୍ଧ ଟୀକା । ଭବ-ସାଗର ପାଇଁ ନୌକା ।।
ବିବେକ ବଇରାଗ ଫଳେ । ଜ୍ଞାନ ଉଦୟ ସଦାକାଳେ ।।
ଜାଗ୍ରତ ଅବା ନିଦ୍ରାକାଳେ । ପ୍ରାଣୀ ପାଆନ୍ତି ଅବହେଳେ ।।
ସଦଗୁରୁ ବିଭୁକୃପା ହେଲେ । ବିକାଶ ହୁଅଇ ସେ ଭଲେ ।।
ସାଧକେ ମୋର ବୋଲକର । ସଦଗୁରୁଙ୍କୁ ହୃଦେ ଧର ।।
ତାଙ୍କର କୃପା ଲାଭକରି । ସଂସାରୁ ଯାଅ ହୋଇ ପାରି ।।
ସାଠେ ମହାଶୟ ଚରିତ । ଶୁଣିଲେ ଆହ୍ଲାଦିତ ଚିତ୍ତ ।।

ଶାସକ ବିଷ ଦୃଷ୍ଟି ପଡ଼ । ସାଠେ ଛାଡ଼ିଲେ ଘରବାଡ଼ି ।।
ସାଇଙ୍କ ଚଉଣେ ନମିଲେ । ଶିରିଡ଼ି ଗ୍ରାମେ ବାସ କଲେ ।।
ଗୁରୁ ଚରିତ ପାରାୟଣ । ଆନନ୍ଦେ କଲେ ସାତଦିନ ।।
ପାରାୟଣ ଯେ ଶେଷହେଲା । ସ୍ୱପ୍ନରେ ଆଦେଶ ମିଳିଲା ।।
ସ୍ୱପ୍ନର ବୃତ୍ତାନ୍ତ କହିଲେ । ସାଇ ସଧୀରେ ହସିଦେଲେ ।।
ଆହୁରି ସାତଦିନ କର । ମିଳିବ ପୂର୍ଣ୍ଣ ଉପକାର ।।
ହିମଦ ପନ୍ଥୁ ଶୁଣୁଥିଲେ । ମନରେ ଅହଂଭାବ କଲେ ।।
କରେ ମୁଁ ପାରାୟଣ ନିତି । ସେମିତି ନାହିଁ ଅନୁଭୂତି ।।
ମାତ୍ରକ ସାତଦିନେ ଏହି । ଲଭିଲା ଏତେ ଫଳ କାହିଁ ।।
ସାଇ ଅନ୍ତରଯାମୀ ଜାଣି । ପନ୍ଥୁଙ୍କୁ ଡାକି କହେ ବାଣୀ ।।
ଯାଅ ତୁ ଶ୍ୟାମ ନିକଟକୁ । ପନ୍ଦରଟଙ୍କା ଆଣିବାକୁ ।।
ବାବା ଆଦେଶେ ପନ୍ଥୁଗଲେ । ଶ୍ୟାମର ଘରେ ପହଞ୍ଚିଲେ ।।
ବାବା ଆଦେଶ ତାଙ୍କୁ ଦେଲେ । ଦକ୍ଷିଣା କଥା ଶୁଣାଇଲେ ।।
ଶ୍ୟାମ କରିଲେ ନମସ୍କାର । ପନ୍ଦର ଥର ତାଙ୍କ ଠାର ।।
କହିଲେ ମୋ' ଦକ୍ଷିଣା ଏହି । ସାଇଙ୍କୁ ଦେବ, ରଖ ଭାଇ ।।
ପନ୍ଥୁ ଦେଖନ୍ତି ଭାଗବତ । ଏକନାଥଙ୍କ ବିରଚିତ ।।

ପଢ଼ି ତ ନଥିଲେ ସେଦିନ । ସେ ପାଇଁ ବିରସ ବଦନ ।।
ଶ୍ୟାମ ଯେ ଗଲେ ପୂଜାଘରେ । ପନ୍ଥ ପଢ଼ନ୍ତି ଆଗ୍ରହରେ ।।
ପୂଜା ସାରିଣ ଶ୍ୟାମ ଆସି । ପନ୍ଥଙ୍କୁ କହନ୍ତି ଆଶ୍ୱାସୀ ।।
ରାଧାବାଈ ଯେ ଦେଶମୁଖ । ଶିରିଡ଼ି ଆସିଥିଲେ ଦେଖ ।।
ବାବାଙ୍କଠାରୁ ମନ୍ତ୍ର ନେଲେ । ଭୋଜନ କରିବେ ଚିନ୍ତିଲେ ।।
ନହେଲେ କରିବେ ଉପାସ । ଜୀବନ ହାରିବେ ଅବଶ୍ୟ ।।
ବାବା ସେ ବୃଦ୍ଧାଙ୍କୁ ଡକାଇ । କହିଲେ ଶୁଣ ରାଧାବାଈ ।।
ମୋହର ଗୁରୁ ମୋତେ ମନ୍ତ୍ର । ଦେଇ ନାହାନ୍ତି କର୍ଣ୍ଣଗାତ୍ର ।।
ମୁଁ କାହିଁ ତାହା ତୁମ୍ଭେ ଦେବି । ମିଛରେ କରୁଅଛ ଦାବି ।।
ଗୁରୁଙ୍କ ସେବାକରି ଚଳ । ଗୁରୁ ହିଁ ପ୍ରଭୁ ଆଦିମୂଳ ।।
ଶ୍ରଦ୍ଧା ଓ ଶୁଭ ଚିନ୍ତାକରି । ପାରି ତୁ ହୁଅ ଭବବାରି ।।
ଗୁରୁ ବିଶ୍ୱାସ ଦୃଢ଼ହେଉ । ବାହ୍ୟ ଅନ୍ତରେ ଶୋଭାପାଉ ।।
ଗୁରୁ ହିଁ ସାକ୍ଷାତ ଈଶ୍ୱର । ଗୁରୁଙ୍କୁ ଅନ୍ତରରେ ଧର ।।
ମାର୍ଜ୍ଜାର ପ୍ରେମ ତୁମ୍ଭେ କରି । ଭବ-ସାଗରୁ ହୁଅ ପାରି ।।
ବିରାଡ଼ି ପିଲା ସ୍ଥିର ରହେ । ମା' ବିରାଡ଼ି ତାକୁ ବହେ ।।
ପିଲାର ହାନି ଲାଭ କଥା । ମା' ବିରାଡ଼ି ବୁଝେ ଯଥା ।।

ମର୍କଟୀ ପ୍ରେମ ଭିନ୍ନ ହୁଏ । ପିଲା ମା'କୁ ଧରିଥାଏ ।।
ହୋଇଲେ ହାନିଲାଭ କିଛି । ପିଲାର ଦୋଷ ସର୍ବେ ବାଛି ।।
ପିଲା-ବିରାଡ଼ି ତୁମ୍ଭେ ହୁଅ । ନିଜକୁ ସମର୍ପିଣ ଦିଅ ।।
ପନ୍ଥ ହୋଇଲେ ଖୁସିମନ । ସାଇଙ୍କ ପଦେ କଲେ ଧ୍ୟାନ ।।
ସାଇ ଅଟନ୍ତି ସର୍ବଜ୍ଞାତା । ଜାଣନ୍ତି ଅନ୍ତରର କଥା ।।
ସାଇ ସାକାର ମୂର୍ତ୍ତି ଧ୍ୟାନ । କରନ୍ତୁ ସର୍ବେ ଜ୍ଞାନୀଜନ ।।
ମନ ଚଞ୍ଚଳ ଦୂର ହୋଇ । ସାଇଙ୍କ ପାଦରେ ରହଇ ।।
ସୁଜନେ କର ଏ ଅଭ୍ୟାସ । ପର ନିନ୍ଦାରୁ ଦୂରେ ବସ ।।
କହଇ ଶୋଭାକର ଛାର । ଅଧ୍ୟାୟ ଶେଷ ଏହି ଠାର ।।

❖

ବିଂଶ ଅଧ୍ୟାୟ

ଶୁଣ ସୁଜନେ ଦେଇ ମନ । ଦାସଗଣୁଙ୍କ ଏ ଆଖ୍ୟାନ ।।
ମଧ୍ୟାହ୍ନ ଆରତିର ପରେ । ଉଦି ବାଣ୍ଟନ୍ତି ସ୍ୱହସ୍ତରେ ।।
ଭକ୍ତ ଯେ ସାଇ ହସ୍ତୁ ପାନ୍ତି । ମହାସୌଭାଗ୍ୟ ମଣିଥାନ୍ତି ।।

ଇଶୋପନିଷଦ ମରାଠୀ । ଭାଷାନ୍ତରରେ ରଖି ଦୃଷ୍ଟି ।।
ଦାସଗଣୁ ଯେ ଭାବୁଥିଲେ । ମାତ୍ର ସହଜ ନ ମଣିଲେ ।।
ଶିରିଡ଼ି ଭୂଇଁକୁ ଆସିଣ । ବାବାଙ୍କ ପାଦେ ଦେଇ ଧ୍ୟାନ ।।
ମଧ୍ୟାହ୍ନ ଆରତି ସରିଲା । ବାବାଙ୍କ ପାଦେ ସେ ପଡ଼ିଲା ।।
ତାଙ୍କୁ ଧରିଲେ ବାବା ତୋଳି । କହିଲେ, ନ ହୁଅ ତୁ ଭାଳି ।।
ତୋହର ଇଚ୍ଛାପୂର୍ଣ୍ଣ ହେବ । କାକା ଚାକରାଣୀ କହିବ ।।
ତୁ ଯିବୁ ଭିଲେ ପାର୍ଲେଠାରେ । ରହିବୁ କାକାର ଗୃହରେ ।।
ତା' ଚାକରାଣୀ ବୁଝାଇବ । ତୋ' ଲେଖା ସହଜ ହୋଇବ ।।
ଗଣୁ ଭାବନ୍ତି ଅସମ୍ଭବ । ଏକଥା କିପରି ସମ୍ଭବ ।।
ଏହା ତ ନୁହେଁ ପିଲାଖେଳ । ବେଦମନ୍ତ୍ରର ଏ ଯେ ମୂଳ ।।
ବେଦର ସାରାଂଶ ଯେ ଏହି । ଜ୍ଞାନୀ ବୁଝାଇ ନ ପାରଇ ।।
ବାବା ଆଦେଶ ଶିରେ ଧରି । ଗଣୁ ଫେରନ୍ତି ପଥ ସ୍ମରି ।।
ମିଳିଲେ ଭିଲେ ପାର୍ଲେଠାରେ । ରହିଲେ କାକାଙ୍କ ଗୃହରେ ।।
ସକାଳୁ ଉଠିଣ ଶୁଣନ୍ତି । ଲଳିତ ମଧୁର ଯେ ପଂକ୍ତି ।।
ବାସନ ମାଜଇ ତରୁଣୀ । ହସ୍ତର ବଳା କିଣିକିଣି ।।
ମୁଖରେ ସୁମଧୁର ସ୍ୱର । ବର୍ଣ୍ଣନା ଶାଢ଼ି ପଣତର ।।

ଦାସ ଗଣୁ ଯେ ଖୁସିହେଲେ । ଶାଢ଼ିଟେ ଦେବାକୁ କହିଲେ ।।
ପାଇଣ ସେହି ଛିଟ ଶାଢ଼ି । ମନେ ତା' ଖେଳଇ ଲହଡ଼ି ।।
ପରଦିନର ସକାଳରେ । ପୁଣି ତାହାର କାମ କରେ ।।
ପିନ୍ଧିଛି ପୁରୁଣା ବସନ । ମନରେ ନାହିଁ ଦୁଃଖ ଚିହ୍ନ ।।
ଗାଉଛି ତା' ପୁରୁଣା ଗୀତ । ଦାସଗଣୁ ଯେ ହରଷିତ ।।
ବେଦର ଯେଉଁ ଗୂଢ଼ତତ୍ତ୍ୱ । ବୁଝିବା ସହଜ ହେଲା ତ ।।
ସୁଖ ଓ ଦୁଃଖର ପ୍ରଭାବ । ମନୁଷ୍ୟ ଅନ୍ତରର ଭାବ ।।
ବାବାଙ୍କ କଥା ସତ ହେଲା । ଚାକରାଣୀ ଯେ ବୁଝାଇଲା ।।
ବ୍ରହ୍ମ ଅଛନ୍ତି ସର୍ବଘଟେ । ଗୁଣଭେଦରେ ସେ ପ୍ରକଟେ ।।
ଏହାହିଁ ବେଦ ମୂଳମନ୍ତ୍ର । ଇଶୋପନିଷଦେ ବର୍ଣ୍ଣିତ ।।
କର୍ମକୁ ଶ୍ରେଷ୍ଠ ଭାଗଦିଏ । ବେଦ ତାହାର ଗୁଣ ଗାଏ ।।
ବାବାଙ୍କ ଲୀଳା ଯେ ବିଚିତ୍ର । ବୁଝିବା ସହଜ ନୁହେଁ ତ ।।
କାହାକୁ ଡାକିଣ କହନ୍ତି । କାହାକୁ ସ୍ୱପ୍ନରେ ବୁଝାନ୍ତି ।।
ସୁଜନେ ରଖ ଏଥି ମତି । ସବୁରେ ବ୍ରହ୍ମ ପୂରିଛନ୍ତି ।।
ବିଂଶ ଅଧ୍ୟାୟ ଶେଷ ହେଲା । ପାମର ଏହାକୁ ଭଣିଲା ।।

❖

ଏକବିଂଶ ଅଧ୍ୟାୟ

ପୂର୍ବର ଜନ୍ମ କର୍ମ ଫଳେ । ମନୁଷ୍ୟ ଜନ୍ମ ମହୀତଳେ ।।
ପୂର୍ବ ସୁକୃତ ଦୁଷ୍କୃତିରେ । ସନ୍ଥଙ୍କୁ ଲଭିଥାନ୍ତି ନରେ ।।
ସନ୍ଥଙ୍କ ହୋଇଲେ ସୁଦୟା । କଟଇ ଭବ ମୋହମାୟା ।।
ଭିଏଚ୍ ଠାକୁର ଯେ ଥିଲେ । ସାଇଙ୍କୁ ଭେଟିବା ଇଚ୍ଛାରେ ।।
ବହୁତ ଚେଷ୍ଟାକଲେ ସେହି । ଶିରିଡ଼ି ଆସିବାର ପାଇଁ ।।
ଶେଷରେ ସଫଳ ହୋଇଲେ । ବାବା ଚରଣେ ମଥା ଦେଲେ ।।
କହନ୍ତି ଶିରିଡ଼ିର ସାଇ । ଦୁର୍ଗମ ପଥ ଏ ଅଟଇ ।।
ନୁହେଁ ଏ କେବେ ପଣ୍ୟ ଦ୍ରବ୍ୟ । ଧନ ଦେଇଣ କିଣିନେବ ।।
ଅଭ୍ୟାସ ବିନା କିଛି ନାହିଁ । ପଠନେ ବୃଥା ଶ୍ରମ ହୋଇ ।।
ଅନନ୍ତ ରାଓ ପଟାଙ୍କର । ପୁନାରେ ତାହାଙ୍କର ଘର ।।
ଅତ୍ୟନ୍ତ ଶାସ୍ତ୍ରଜ୍ଞ ଯେ ସେହି । ହେଲେ ମନରେ ଶାନ୍ତି ନାହିଁ ।।
ବାବାଙ୍କ କରୁଣା ପାଇଁକି । ଆସନ୍ତି ସେହି ଶିରିଡ଼ିକି ।।
ବାବା କହିଲେ ଗଳ୍ପ ଏକ । ଥିଲା ଯେ ସାଧବ ବଣିକ ।।

ଘୋଡ଼ା ତ୍ୟାଗିଲା ମଳ ଯେବେ । ଗାମୁଛା ପାତିଦେଲା ସେବେ ।।
ଘୋଡ଼ାର ନଅଟି ଲଣ୍ଡିକୁ । ସାଧବ ରଖଇ ତାହାକୁ ।।
ମନରେ ଶାନ୍ତି ତା ଆସିଲା । ପ୍ରଭୁଙ୍କ କୃପା ଯେ ପାଇଲା ।।
ଅନନ୍ତ ରାଓ ଭାବାନ୍ତର । କି ଅର୍ଥ ରହିଛି ଏଥିର ।।
ଶିରୀଗଣେଶ ଦାମୋଦର । ମନରେ କରିଲେ ବିଚାର ।।
ଗଳ୍ପରେ ନଅଟି ଲଣ୍ଡିକି । ନବଧା ଭକ୍ତି କହିଲେକି ।।
ଶ୍ରବଣ, କୀର୍ତ୍ତନ, ସ୍ମରଣ । ନମସ୍କାର, ଯେ ସଖାପଣ ।।
ଅର୍ଚ୍ଚନା, ଯେ ପଦସେବନ । ଦାସ୍ୟ ଓ ଆତ୍ମନିବେଦନ ।।
ଏହି ନବଧା ଭକ୍ତିବଳେ । ସଂସାର ଜିଣିପାରେ ହେଳେ ।।
ଏହା ଦିଅଇ ଗୁରୁକୃପା । ଶେଷେ ମିଳଇ ବିଭୁକୃପା ।।
ସାଇ ଅଟନ୍ତି ସର୍ବଜ୍ଞାତା । ପୂର୍ଣ୍ଣବ୍ରହ୍ମ ସେ ମୁକ୍ତିଦାତା ।।
ପଣ୍ଢାରପୁରର ଓକିଲ । ନମିଲେ ସାଇ ପଦତଳ ।।
ଦକ୍ଷିଣା ପକେଟୁ କାଢ଼ିଲେ । ବାବାଙ୍କ ପାଶେ ଥୋଇଦେଲେ ।।
ବାବା କହନ୍ତି ଭକ୍ତେ ଚାହିଁ । ପଛରେ ଗାଳିଦିଅ କାହିଁ ।।
ଆଗେ ଦଣ୍ଡବତ କରୁଛ । ପଛରେ ଗାଳି ବି ଦଉଛ ।।
ଓକିଲ ଅନ୍ତରେ ବୁଝନ୍ତି । ନିଜର ପୂର୍ବ କଲା କୀର୍ତ୍ତି ।।

ସାଙ୍ଗ ଓକିଲ ଗହଣରେ । ବାବାଙ୍କୁ ଥଟ୍ଟା କରିଥିଲେ ।।
ଏତେ ଦୂରରୁ ବାବା ଜାଣି । ମନେରଖନ୍ତି ତାହା ପୁଣି ।।
ଅଦ୍ଭୁତ ଏ ସାଇ ଚରିତ । ଅଧ୍ୟାୟ ଏକବିଂଶ ଗତ ।।
ଭାବେ ଭଣିଲେ ଶୋଭାକର । ମୋହର ଦୁଃଖ ଦୂରକର ।।
ତୋହ ଧୁନିରେ ପୋଡ଼ିଯାଉ । ମୋତେ ନ ବାଧୁ ତାହା ଆଉ ।।

❖

ଦ୍ୱାବିଂଶ ଅଧ୍ୟାୟ

ପୂର୍ବରୁ କୁହାଯାଇଅଛି । ଅଭ୍ୟାସରେ ହିଁ ସବୁକିଛି ।।
ସାଇଙ୍କି ହୃଦୟ ମଧ୍ୟରେ । ଧ୍ୟାନ କରିବ ନିରନ୍ତରେ ।।
ସାଇଙ୍କ ସାକାର ମୂର୍ତ୍ତିକୁ । ନିରେଖି ଦେଖିବ ତାହାଙ୍କୁ ।।
ଡାହାଣ ଗୋଡ଼କୁ ବାମର । ଆଣ୍ଠୁରେ ରଖି ଚମତ୍କାର ।।
ବାମ ହାତକୁ ତାହାପରେ । ରଖନ୍ତି ବୃଦ୍ଧାଙ୍ଗୁଳି ଠାରେ ।।
ହାତରେ ବିଶି ଓ ମଧ୍ୟମ । ଆଙ୍ଗୁଳି ମେଳା ଅନୁପମ ।।

ତା' ମଧ୍ୟେ ପାଦ ବୃଦ୍ଧାଙ୍ଗୁଳି । ଦିଶଇ କେତେ ସେ ଉଜ୍ଜ୍ୱଳି ।।
ସେ ବୃଦ୍ଧାଙ୍ଗୁଳି କର ଧ୍ୟାନ । ଯା କୋଣୁଁ ଗଙ୍ଗା ଉତପନ୍ନ ।।
ଦୁଇ ଭ୍ରୁଲତା ମଧ୍ୟସ୍ଥାନ । ଇଡ଼ା ପିଙ୍ଗଳାକୁ ତେଜିଣ ।।
ଶ୍ୱାସକୁ ଉର୍ଦ୍ଧ୍ୱଗତି କରି । ଭ୍ରୁଲତା ମଧ୍ୟେ ଦେଖ ହରି ।।
ଯଦି ପୂର୍ବର ଭାଗ୍ୟ ଥିବ । ଦୃଢ଼ତା, ବିଶ୍ୱାସ ମିଶିବ ।।
ଦେଖିବ ବୃଦ୍ଧାଙ୍ଗୁଳି ଜ୍ୟୋତି । ଏକଥା ବାବା କହିଛନ୍ତି ।।
ବିଶ୍ୱାସ ମୂଳେ ଏ ଜଗତ । ହୋଇଛି ଏହା ପ୍ରତିଷ୍ଠିତ ।।
ବାଲା ସାହେବ ମିରକାର । ତାହାଙ୍କ କଥା ଚମତ୍କାର ।।
ଥରେ ଶିରିଡ଼ି ଯାଇଥିଲେ । ଦ୍ୱାରକାମାୟୀରେ ରହିଲେ ।।
ବାବା କହନ୍ତି କୁତୂହଳେ । ସର୍ପ ବିଷୟ ଭକ୍ତ ମେଳେ ।।
ମିରକାର ଯେ ବାହାରିଲେ । ଶ୍ୟାମଙ୍କୁ ବାବା ପଠାଇଲେ ।।
ଉଭୟେ ଚଳିଲେ ଚିତାଳି । ଗସ୍ତ ରହିଛି ସରକାରୀ ।।
ମାରୁତି ମନ୍ଦିରେ ସେ ଥିଲେ । ଖୁସିରେ ଗପ କରୁଥିଲେ ।।
ମିରକାରଙ୍କ ବିଛଣାରୁ । ସାପ ବାହାରେ ଅତିଗୁରୁ ।।
ମିରକାରଙ୍କ ରକ୍ଷା ପାଇଁ । ଶ୍ୟାମକୁ ଥିଲେ ପଠିଆଇ ।।
ଧନ୍ୟ ହେ ତାହାଙ୍କ ମହିମା । କେ କହିପାରେ ତା'ର ସୀମା ।।

ବାପୁ ସାହେବ ବୁଟିଙ୍କର । ଅନୁଭୂତିର ଗନ୍ତାଘର ।।
ଜ୍ୟୋତିଷୀ ଭବିଷ୍ୟତ ବାଣୀ । ବାବା ଆଶିଷେ ତାହା ପାଣି ।।
ସାପ ଯେ ଥିଲା ତାଙ୍କ ସ୍ଥାନେ । ଅକ୍ଷତ ବୁଟି ଦେହ ମନେ ।।
ଅମୀର ସକ୍‌କର ଯେ ଥିଲେ । ଆଣ୍ଠୁଗଣ୍ଠି ବାତ ଭୋଗିଲେ ।।
ବାବା ଆଦେଶେ ଚଭାଡ଼ିରେ । ରହିଲେ ସାଇ ଭରସାରେ ।।
ସନ୍ଧ୍ୟା ସକାଳେ ତାଙ୍କୁ ଦେଖି । ମନରେ ହେଉଥିଲେ ସୁଖୀ ।।
ଦିନେ ଚଭାଡ଼ି ଛାଡ଼ିଗଲେ । କୋପର-ଗାଁରେ ମିଳିଲେ ।।
ରହିଲେ ଏକ ଧର୍ମଶାଳା । ଫକୀର ଏକ ସେଠି ଥିଲା ।।
ରାତିରେ ମରଣ ଅବସ୍ଥା । ସକ୍କର କରିଲେ ବ୍ୟବସ୍ଥା ।।
ଜଳ ଯେ ଦେଲେ ମୁଖେ ଆଣି । ଫକୀର ନ ପିଅନ୍ତି ଜାଣି ।।
ଜାଣିଲେ ତା'ର ମୃତ୍ୟୁ ହେଲା । ସକ୍କର ଭୟରେ ଥରିଲା ।।
ଲୋକେ ଯେ ତାହାକୁ ଦୋଷିବେ । ଜେଲ ପୁଲିସ ଦେଖାଇବେ ।।
ଭୟ ଯେ କରିଣ ସକ୍କର । ଦୌଡ଼ିଲେ ଶିରିଡ଼ି ରାସ୍ତାର ।।
ପାହାନ୍ତା ପହରରେ ସେହି । ଚଭାଡ଼ିଠାରେ ପହଞ୍ଚଇ ।।
ରୋଗ ଆଣ୍ଠୁରୁ ଗଲା ଚାଲି । ସୁସ୍ଥ ସବଳେ ସେହୁ ବୁଲି ।।
ରାତିଅଧରେ ଥିଲେ ଶୋଇ । ବାବାଙ୍କ ଚିତ୍କାର ଶୁଭଇ ।।

ଅମୀର ଖୋଜିଲେ ବିଛଣା । ସାପ ଯେ ଥିଲା, ହେଲା ଜଣା ।।
ଭାବାର୍ଥ ରାମାୟଣ ପଢ଼ା । ହିମଦ ତହିଁ ଥିଲେ ଛିଡ଼ା ।।
କଙ୍କଡ଼ାବିଛା କାନ୍ଧେ ରହେ । ହିମଦ ଗାମୁଛାରେ ନିଏ ।।
କାକା ଓ୍ୱାଡ଼ାରେ ଏକ ସାପ । ଦେଖିଣ ସର୍ବେ ମନ ତାପ ।।
ସହସା ଉଭାଇଣଗଲା । କୁଆଡ଼େ ଜଣାତ ନଗଲା ।।
ସବୁରି ଦେହେ ଭଗବାନ । ବସନ୍ତି ଅନାଦି କାରଣ ।।
ସର୍ପ ଓ ବିଛା ନୁହେଁ ଭିନ୍ନ । ଏହା ଜାଣନ୍ତି ଜ୍ଞାନୀଜନ ।।
ବାଇଶ ଅଧ୍ୟାୟ ଏ ଶେଷ । ସାଇଙ୍କୁ ସୁମରଇ ଦାସ ।।

ଇତିଶ୍ରୀ ସାଇଟୀକା ତୃତୀୟ ଦିବସ ପାରାୟଣ ସମାପ୍ତ ।

❖

ତ୍ରୟୋବିଂଶ ଅଧ୍ୟାୟ

(ରବିବାର ପାରାୟଣ)

ଯଦିବ ବ୍ରହ୍ମ ସବୁଠାରେ । ସକଳ ଘଟରେ ବିହରେ ।।
ମାୟାରେ ହୋଇଣ ଆବୃତ । ପାସୋରେ ନିଜ ସତ୍ତା ସେ ତ ।।
ମଇଳା ଜମି ଦର୍ପଣରେ । ବିମ୍ବ ଦର୍ଶନେ ବାଧାକରେ ।।
ସାଇଙ୍କ ଲୀଳାକୁ ଶୁଣିବା । ଭବ-ବନ୍ଧନୁ ପାରହେବା ।।
ଶୁଣି ସାଇଙ୍କ ଗୁଣକର୍ମ । ସାଧକ ଜଣକ ଆଗମ ।।
ପାତଞ୍ଜଳିଙ୍କ ଯୋଗଶାସ୍ତ୍ର । ଥିଲା ତ ତାହାଙ୍କ ମୁଖସ୍ଥ ।।
ସାଧନା ଅଭ୍ୟାସ ନକରି । ପଢ଼ନ୍ତି ଶାସ୍ତ୍ର ଶୁଆପରି ।।
ସାଇଙ୍କୁ ଗୁରୁ ପଦେ ବରି । ସାଧନା ପାଇଁ ମନକରି ।।
ଆସନ୍ତେ ସାଇ ଖାଉଥିଲେ । କଞ୍ଚା ପିଆଜ ରୁଟିତୁଲେ ।।
ଯେ କଞ୍ଚା ପିଆଜକୁ ଖାଏ । ସେ କି ସାଧନା ଜାଣିଥାଏ ।।
ବାବା ଜାଣିଲେ ତା' ଭାବନା । କହିଲେ, ନ ହୁଅ ବିମନା ।।
କଞ୍ଚା ପିଆଜ ବି ଖାଇବ । ସାଧନା ବାଟ ଦେଖାଇବ ।।

ସାଇଙ୍କୁ ସର୍ବଜ୍ଞାତା ଜାଣି । ପାଦେ ପଡ଼ିଲା ସେହିକ୍ଷଣି ।।
ଆହୁରି ଏକ ଲୀଳା ଶୁଣ । ସର୍ପ ଦଂଶିଲା ଶ୍ୟାମେ ଜାଣ ।।
ହାତର କାଣି ଆଙ୍ଗୁଠିରେ । ସାରା ଦେହରେ ବିଷ ଚରେ ।।
ଶ୍ୟାମବାବାଙ୍କ ପାଶେ ଗଲେ । ଦୁରରୁ ଚିତ୍କାର ଶୁଣିଲେ ।।
ବାବା କହନ୍ତି ଶ୍ୟାମ ଚାହିଁ । ଚାଲିଯା ଖସିଯା ଯେ କହି ।।
ଶ୍ୟାମ ଜାଣନ୍ତି ବାବା ଗୁଣ । କ୍ଷଣେ ଶୀତଳ କ୍ଷଣେ ଉଷ୍ମ ।।
ଶ୍ୟାମ ଯେ ବସିଣ ରହିଲେ । ସାଇ ତାହାଙ୍କୁ ଆଶ୍ୱାସିଲେ ।।
ରାତିକ ଅନିଦ୍ରା ରହିବ । ସାପର ବିଷ ଖସିଯିବ ।।
'ଚାଲିଯା ଖସିଯା' ଯେ ବିଷ । ସେ ଥିଲା ସାଇଙ୍କ ଆଦେଶ ।।
ଶିରିଡ଼ି ଗ୍ରାମରେ ହଇଜା । ଆତଙ୍କେ ସର୍ବ ଗ୍ରାମପ୍ରଜା ।।
ପଞ୍ଚାୟତର ନିରିଦେଶ । ଛେଳିକଟା ଯେ ବଡ଼ ଦୋଷ ।।
ଶିରିଡ଼ି ଗ୍ରାମବାସୀ ଡେଇଁ । ଜାଳେଣି ଆସିବ ଯେ ନାହିଁ ।।
ବାବା ତାହାକୁ ନମାନିଲେ । ଜାଳେଣି ଗାଡ଼ି ମଗାଇଲେ ।।
ନିଜ ଧୁନିରେ ସେ ଜାଳନ୍ତି । ଗରିବ ଲୋକେ ବାଣ୍ଛିଦ୍ୟନ୍ତି ।।
ବୁଢ଼ୀଛେଳିଟେ ଦେଖି ବାବା । କହନ୍ତି କାଟ ବଡ଼େବାବା ।।
ନାମ ଯେ ବୀର ମହମ୍ମଦ । ବଡ଼େବାବାରେ ସେ ବିଖ୍ୟାତ ।।

ଅରାଜି ହୋଇଥିଲେ ସେହି । ଅଯଥା ପଶୁ ନାଶ ପାଇଁ ।।
ଶ୍ୟାମ ଯେ ପାଇଲେ ଆଦେଶ । ଛୁରୀ ଖୋଜିଲେ ଚଉପାଶ ।।
ରାଧାକୃଷ୍ଣ-ମାଈ ନଦେଲେ । ଛୁରୀକୁ ଛଡ଼ାଇଣ ନେଲେ ।।
ସାଇ ଡାକନ୍ତି ଶୁଣ କାକା । ଛେଳିକୁ ହାଣ ତୁମେ ଏକା ।।
ନୈଷ୍ଠିକ ବ୍ରାହ୍ମଣ ସେ ଥିଲେ । ବାବାଙ୍କୁ ଅବଜ୍ଞା ନକଲେ ।।
ଛୁରୀ ଟେକନ୍ତି ଉଚ୍ଚେ ଜାଣ । ସାଇ କହନ୍ତି ଶୁଣ ଶୁଣ ।।
ତୁମ୍ଭେ ନୈଷ୍ଠିକ ବିପ୍ରହୋଇ । ପ୍ରାଣୀ ମାରିବା ନ ଯୋଗାଇ ।।
କାକା ସାହେବ ତୁମ୍ଭେ ଚଳ । ଆମ୍ଭେ ଯେ ମାରିବା ଛାଗଳ ।।
ଶେଷରେ ମାଲିକକୁ ଚାହିଁ । କହନ୍ତି ଛେଳି ନିଅ ତୁହି ।।
ମାଲିକ ଛେଳି ସହିତରେ । ଚଳଇ ବିସ୍ମିତ ଅନ୍ତରେ ।।
ଅଳପ ଦୂର ଯାଇଥିଲା । ବାଟରେ ଛେଳି ମରିଗଲା ।।
ଛେଳି ମାରିବା ଛଳନେଇ । ଭକ୍ତ ପରଖୁଥିଲେ ସାଇ ।।
ଉତ୍ତମ, ମଧ୍ୟମ, ଅଧମ । ଭକ୍ତଙ୍କ ଏ ବର୍ଗୀକରଣ ।।
ଉତ୍ତମ ଗୁରୁ ମନଜାଣି । ସେବା ସେ କରେ ପରିମାଣି ।।
ମଧ୍ୟମ ଗୁରୁର ଆଦେଶ । ପାଳନ କରଇ ଅବଶ୍ୟ ।।
ଅଧମ ଗୁରୁର ବଚନ । ଭଲ ଓ ମନ୍ଦ ବାଛେ ଜାଣ ।।

ସାଇ ଚରିତ ସୁଧାରସ । ପାନେ ଯେ ଉଦୟ ବିଶ୍ୱାସ ।।
ବିଶ୍ୱାସ ହେଲେ ମିଳେ ହରି । ସାଇ କହନ୍ତି ହାତଧରି ।।
ସୁଜନେ ନଧରିବ ଦୋଷ । ତେଇଶ ଅଧ୍ୟାୟର ଶେଷ ।।

❖

ଚତୁର୍ବିଂଶ ଅଧ୍ୟାୟ

ସାଇଙ୍କ ରୂପକୁ ଯେ ଧ୍ୟାନ । ସାଇଙ୍କ ଚରିତ ମନନ ।।
ଲୀଳା ଶୁଣିଣ ଆନନ୍ଦରେ । ଭବସାଗରୁ ପ୍ରାଣୀ ତରେ ।।
ହିମଦ ପନ୍ଦ ଦିନକରେ । ମସଜିଦରେ ବସିଥିଲେ ।।
ଶ୍ୟାମ ଛୁଇଁଲେ ତାଙ୍କ ଜାମା । ତଳେ ପଡ଼ିଲା କିଛି ଚଣା ।।
ଚଣା ପଡ଼ିବା ତଳେ ଦେଖି । ହିମଦ ବସନ୍ତି ସଳଖି ।।
ଆହୁରି ଚଣା ତ ଖସିଲା । ହିମଦ ଆଶ୍ଚର୍ଯ୍ୟ ହୋଇଲା ।।
କାହୁଁ ଅଇଲା ଏତେ ଚଣା । ସାଇଙ୍କ ରହସ୍ୟ ଅଜଣା ।।
ବାବା କହନ୍ତି ତହୁଁ ହସି । ହିମଦ ନୁହଇ ବିଶ୍ୱାସୀ ।।

ହିମଦ ଲୋଭୀ, ଗଲା ଜଣା । ଏକା ଖାଇଲା ସେହି ଚଣା ।।
ଶିରିଡ଼ି ହାଟରୁ କିଣିଲା । ଏକାକୀ ବସି ଚୋବାଇଲା ।।
ମୋତେ ବି ଦେଲାନାହିଁ ସିଏ । ଆଉ କାହାକୁ ଅବା ଦିଏ ।।
ହିମଦ ମୁହଁ ଭାରି କରି । କହନ୍ତି ମୁଁ ନୁହେଁ ସେପରି ।।
ହାଟକୁ କେବେ ଯାଇନାହିଁ । ଏକାକୀ ମୁହିଁ ଖାଏନାହିଁ ।।
ଅବଶ୍ୟ ଏହା ଅଟେ ସତ୍ୟ । ଗୁରୁଙ୍କୁ ନଦିଏ ମୋ' ଭୁକ୍ତ ।।
ମୋହର ଶିକ୍ଷା ହେଲା ଜାଣ । ଗୁରୁଙ୍କୁ ସମର୍ପିବା ଜ୍ଞାନ ।।
ଗୁରୁଙ୍କୁ କଲେ ସମର୍ପଣ । ହୁଏ ତା' ଅମୃତ ସମାନ ।।
ପୂର୍ବରେ କୃଷ୍ଣ ଅବତାରେ । ସୁଦାମା ସଖାଙ୍କ ସଙ୍ଗରେ ।।
କରିଣ ଥିଲେ ଚଣାଲୀଳା । ଆଜି ବି ପୁଣି ସେହି ଖେଳା ।।
ଚଣା ନଦେଇଣ କୃଷ୍ଣରେ । ସୁଦାମା ଏକାକୀ ଭକ୍ଷିଲେ ।।
ଦାରିଦ୍ର୍ୟ ପୀଡ଼ିତ ହୋଇଲେ । ବହୁ କଷ୍ଟରେ ଦିନ ନେଲେ ।।
ଯାଚିଲେ ଖୁଦଭଜା ମୁଠି । ହୋଇଲେ ପୁଣି ସେହି ଶ୍ରେଷ୍ଠୀ ।।
ଯିଏ ଯେପରି ଭଜେ ସାଇ । ସେପରି ପ୍ରସନ୍ନ ସେ ହୋଇ ।।
ଚବିଶ ଅଧ୍ୟାୟର ଶେଷ । ସୁଜନେ କର ମନତୋଷ ।।

❖

ପଞ୍ଚବିଂଶ ଅଧ୍ୟାୟ

ସାଇଙ୍କ ପଦତଳେ ମନ । ରହିଣ ଥାଉ ସବୁକ୍ଷଣ ।।
ସାଇଙ୍କ ଲୀଳାର ଶ୍ରବଣ । ଖଣ୍ଡଇ ପାପତାପ ଜାଣ ।।
ବିପଦଆପଦ ଘୁଞ୍ଚଇ । ବାବା ଧୁନିରେ ଭସ୍ମହୋଇ ।।
ଦାମୁ ଆନ୍ନାଙ୍କ କଥାଶୁଣି । ସାଇ ମହିମା ହୁଅ ଗୁଣି ।।
କରିବ ତୁଳା ବ୍ୟବସାୟ । ସାଇଙ୍କୁ ହୁଅଇ ବିନୟ ।।
ବାବା କହିଲେ ଗୃହେ ଥାଅ । ମିଳିବା ଦ୍ରବ୍ୟେ ଶାନ୍ତ ରହ ।।
ପୁଣି ଯେ କିଛି ଦିନଗଲା । ଚାଉଳ କିଣିବ ଭାବିଲା ।।
ଅମଳ ବେଳେ ନେବ କିଣି । ପଛନ୍ତେ ବିକିବ ସେ ଜାଣି ।।
ବାବାଙ୍କ ସମ୍ମତିର ପାଇଁ । ଶିରିଡ଼ି ଧାଇଁ ଆସେ ସେହି ।।
ସାଇ ନୋହିଲେ ତହିଁ ରାଜି । ଦାମୁର ମନ ଗଲା ଭାଜି ।।
ପଛନ୍ତେ ଜାଣିଲା ଯେ ସିଏ । ତୁଳା ଚାଉଳ ଖସିଯାଏ ।।
ଯଦି ସେସବୁ କିଣିଥାନ୍ତା । ନିଶ୍ଚୟ କ୍ଷତି ହୋଇଥାନ୍ତା ।।
ସାଇ ଯେ ଜାଣନ୍ତି ଭବିଷ୍ୟ । ସୂଚାଇଥିଲେ ସେ ଅବଶ୍ୟ ।।

ଜାଣନ୍ତି ସର୍ବମନ କଥା । ସାଇ ଅଟନ୍ତି ସର୍ବଜ୍ଞାତା ।।
ଥରେ ପାର୍ଶଲ ଆସିଥିଲା । ତିନିଶ ଆମ୍ବ ତହିଁ ଥିଲା ।।
ବାବା ଆମ୍ବକୁ ବାଣ୍ଟିଦେଲେ । ଚାରୋଟି ପାଖରେ ରଖିଲେ ।।
କାହାକୁ ନ ଦିଅନ୍ତି ସେହି । କହନ୍ତି ଏହା ଦାମୁ ପାଇଁ ।।
ଭକ୍ତେ ଯେ ବିଶ୍ୱାସ ନଗଲେ । ସାଇ ଆମ୍ବଙ୍କୁ ଭଣ୍ଡିଦେଲେ ।।
ଦାମୁ ଆନ୍ନା ତ ଏଠି ନାହିଁ । କିପରି ଆମ୍ବ ନେବ ସେହି ।।
ବାବାଙ୍କ କଥା ହେଲା ସତ । ଦାମୁ ଆନ୍ନା ଯେ ଉପସ୍ଥିତ ।।
ଯଦିଚ ଦୁଇ ପତ୍ନୀ ତା'ର । ନଥିଲେ ସନ୍ତାନ କୋଳର ।।
ଚାରୋଟି ଆମ୍ବ ତାକୁଦେଲେ । ପତ୍ନୀକୁ ଦେବାକୁ କହିଲେ ।।
ଚାରୋଟି କନ୍ୟା ଚାରିପୁତ୍ର । ସମୟେ ଜନ୍ମନେଲେ ସତ ।।
ସାଇ ଯେ କରୁଣା-ସାଗର । ଆର୍ତ୍ତ-ବାନ୍ଧବ ଦୟାଶୀଳ ।।
ତାଙ୍କ ଚରଣେ ଦେଇ ମତି । ସୁଜନେ ସଦା ତାଙ୍କୁ ଚିନ୍ତି ।।
ଏ ଭବ-ସାଗରୁ ଉଦ୍ଧର । କହଇ ଶୋଭାକର ଛାର ।।
ଏହିଟି ଅଧ୍ୟାୟ ପଚିଶ । ଶ୍ରୀସାଇ ଦିଅନ୍ତୁ ଆଶୀଷ ।।

❖

ଷଡ୍‌ବିଂଶ ଅଧ୍ୟାୟ

ଯିଏ ଯେପରି ମୋତେ ଭଜେ । ମୁଁ ତାହା ନିକଟେ ବିରାଜେ ।।
ଭକ୍ତି, ବିଶ୍ୱାସ, ପ୍ରେମ ବଳେ । ମୋତେ ଯେ ପାଇଥାନ୍ତି ହେଳେ ।।
ପଛୁ ଯେ ଜଣେ ଭକ୍ତ ଥିଲେ । ଅନ୍ୟ ଗୁରୁଙ୍କୁ ସେବୁଥିଲେ ।।
ପୂର୍ବ ସୁକୃତ ପ୍ରଭାବରୁ । ସାଇଙ୍କୁ ଦେଖନ୍ତି ଦୂରରୁ ।।
ହଠାତ୍ ସେହୁ ମୂର୍ଚ୍ଛାଗଲେ । ଉପଚାରାନ୍ତେ ସୁସ୍ଥ ହେଲେ ।।
ସାଇ କହିଲେ ଡାକି କତି । ଗୁରୁଙ୍କୁ କେବେ ନ ଭୁଲନ୍ତି ।।
ବାବା ଅନ୍ତରଯାମୀ ଥିଲେ । ଅନ୍ୟ ହୃଦୟ ଜାଣୁଥିଲେ ।।
ପିତ୍ତଳ ପୁଅ ମୂର୍ଚ୍ଛାରୋଗୀ । ବାବା ଚରଣେ ସେହୁ ସେବି ।।
ହୋଇଲା ଭଲ ମୂର୍ଚ୍ଛାଗଲା । ସାଇଙ୍କ ଯଶ ଚହଟିଲା ।।
ବିଦାୟ ବେଳାରେ ଯେ ସାଇ । ତିନୋଟି ଟଙ୍କା ତାକୁ ଦେଇ ।।
ଦୁଇଟଙ୍କା ମୁଁ ଦେଇଥିଲି । ଏ ତିନିଟଙ୍କା ଏବେ ଦେଲି ।।
ରଖିବୁ ପୂଜାର ଗୃହରେ । ପୂଜିବୁ ସାତ୍ତ୍ୱିକ ବେଭାରେ ।।
ସର୍ବ ମଙ୍ଗଳ ତୋର ହେବ । ଆପଦବିପଦ କଟିବ ।।

ପିଉଳେ ତାହା ଧରିକରି । ମନ ମଧ୍ୟରେ ହୋନ୍ତି ଘାରି ।।
ସାଇଙ୍କୁ ପ୍ରଥମ ଦର୍ଶନ । ଦି'ଟଙ୍କା କେବେ ଦେଲେ ପୁଣ ।।
ଘରକୁ ଫେରିଣ ମାତାଙ୍କୁ । କହନ୍ତି ଘଟଣା ସବୁକୁ ।।
ତା' ମାତା ମନେ ପକାଇଲା । ତୋ' ପିଲା ବୟସ କହିଲା ।।
ରୋଗ ଯେ ଥିଲାଟି ଅସାଧ୍ୟ । ଅକଲ କୋଟ ମହାରାଜ ।।
ତୋ' ବାପା ସେଠାବକୁ ଗଲେ । ଦୁଇଟଙ୍କା ସେ ଦେଇଥିଲେ ।।
ବାପା ତାହାକୁ ପୂଜୁଥିଲେ । ପୂଜାର ଘରେ ରଖିଥିଲେ ।।
ପିଉଳେ ବୁଝିଲେ ଗୁମର । ସାଇ ଯେ ସାକ୍ଷାତ ଈଶ୍ୱର ।।
ଆମ୍ବେଦକରଙ୍କ କାହାଣୀ । ଶୁଣି ସଂସାରୁ ତର ପ୍ରାଣୀ ।।
ବିଷୟା-ଯୁଦ୍ଧେ ପରାଜିତ । ଭାବିଲେ ଆତ୍ମହତ୍ୟା ସତ୍ୟ ।।
ରାତ୍ର ସମୟେ କୂପେ ପଡ଼ି । ଦେବେ ସେ ନିଜ ପ୍ରାଣ ଛାଡ଼ି ।।
ଏକଥା ଭାବୁଥାନ୍ତି ବସି । 'ସଗୁନ' ନାମେ ଭକ୍ତ ଆସି ।।
ମହନ୍ତ ଅକଲ କୋଟର । ଜୀବନୀ ବହି ତାହାଙ୍କର ।।
ଆମ୍ବେଦକରଙ୍କୁ ସେ ଦିଏ । ପଢ଼ିବା ପାଇଁ ତାଙ୍କୁ କହେ ।।
ପୃଷ୍ଠା ସେ ଓଲଟାଇ ଯାନ୍ତି । ଆଖିରେ ପଡ଼ିଲା ଯେ ପଂକ୍ତି ।।

ଆତ୍ମହତ୍ୟାର ଇଚ୍ଛା ନେଇ । ଭକ୍ତ ଯେ କୂପକୁ ଡିଅଁଇ ।।
ପଛରୁ ଭିଡ଼ି ମହାରାଜ । କହନ୍ତି ଏହି ପଥ ତ୍ୟଜ ।।
ସମାଧାନର ବାଟ ଖୋଜ । କର୍ମର ଫଳ ବଡ଼ ତେଜ ।।
ଜନ୍ମରୁ ଜନ୍ମାନ୍ତର ଯାଆ । ପଛ ନ ଛାଡ଼େ କେବେ ତାହା ।।
ଆମ୍ବେଦକର ଉଦେ ଜ୍ଞାନ । ଜାଣିଲେ ସାଇ ଭଗବାନ ।।
ଠିକଣା ସମୟରେ ସାଇ । ବାରତା ଛନ୍ତି ପଠିଆଇ ।।
ଅମା ରଜନୀ ନାଶଗଲା । ସୁନ୍ଦର ସକାଳ ହୋଇଲା ।।
ଆମ୍ବେଦକର ଶିରିଡ଼ିରେ । ନମଇଁ ବାବାଙ୍କ ପୟରେ ।।
ବାବା କରିଲେ କୋଳାଗ୍ରତ । ହେଲା ସେ ଜୀବନ ଆଶ୍ରିତ ।।
ସୁଜନେ ଚିନ୍ତ ଶାନ୍ତମନେ । ବାବାଙ୍କ ଚରଣ ଧିଆନେ ।।
ହୋଇବ ଦୁଃଖ-ଭବ ପାର । ଛନ୍ଦରେ କହେ ଶୋଭାକର ।।
ଛବିଶ ଅଧ୍ୟାୟର ଶେଷ । ଯାହା କହିଲେ ସାଇ ଈଶ ।।

❖

ସପ୍ତବିଂଶ ଅଧ୍ୟାୟ

ସଦ୍‌ଗ୍ରନ୍ଥର ପାଠପାଇଁ । ସାଇ ସର୍ବଦା ଥାନ୍ତି କହି ।।
ଏକନାଥଙ୍କ ଭାଗବତ । ଭାବାର୍ଥ ରାମାୟଣ ସେ ତ ।।
ଶ୍ରୀରାମ ବିଜୟକୁ ପୁଣି । ବିଷ୍ଣୁ ସହସ୍ର ନାମ ଗୁଣି ।।
ମସ୍‌ଜିଦରେ ପଢ଼ାହୋଇ । ଭକତମାନେ ଶୁଣୁଥାଇ ।।
ରାମଦାସୀର ବହି ନ୍ୟନ୍ତି । ଶ୍ୟାମ ହାତରେ ତୋଳି ଦ୍ୟନ୍ତି ।।
କରନ୍ତି ନାନା ଲୀଳା ସାଇ । ତାଙ୍କୁ ବୁଝିବା ଶକ୍ତି କାହିଁ ।।
ଭକ୍ତ ଅଜ୍ଞାନ ଅହଙ୍କାର । ମୁହୂର୍ତ୍ତେ କରିଦ୍ୟନ୍ତି ଦୂର ।।
ଭୂତ ଭବିଷ୍ୟ ଜାଣିଥାନ୍ତି । ଭକ୍ତଙ୍କ ଆଗେ ବଖାଣନ୍ତି ।।
ପ୍ରାଣୀଙ୍କ ପୂର୍ବ ଜନ୍ମକଥା । ଜାଣିଣ ଥାନ୍ତି ସେ ସର୍ବଥା ।।
ଖପରଡ଼େଙ୍କର ଶ୍ରୀମତୀ । ତିନି ଜନ୍ମ ତା' ବଖାଣନ୍ତି ।।
ସଦ୍‌ଗୁରୁ ସେ ଥିଲେ ସାଇ । ମୁକ୍ତିର ପଥକୁ ଦେଖାଇ ।।
ନାଶନ୍ତି ପୂର୍ବ କର୍ମଫଳ । ଜୀବନ ସରସ ସୁଢ଼ଳ ।।
ଅଧ୍ୟାୟ ସତାଇଶ ଶେଷ । ଭାବରେ ବନ୍ଧା ସାଇଈଶ ।।

❖

ଅଷ୍ଟାବିଂଶ ଅଧ୍ୟାୟ

ହସ୍ତୀରୁ କୀଟ ପରିଯନ୍ତେ । ସାଇ ଭ୍ରମନ୍ତି ଅବିରତେ ।।
ସାଇ ଦେଖାନ୍ତି ମୁକ୍ତିପଥ । ଯାହାକୁ ଯୋଗ୍ୟ ଯେଉଁ ମତ ।।
ଲାଲା ଲକ୍ଷ୍ମୀଚାନ୍ଦ ଯେ ଥାନ୍ତି । ସ୍ୱପ୍ନରେ ବାବାଙ୍କୁ ଦେଖନ୍ତି ।।
ଦାସ ଗଣୁଙ୍କ ପାଖେ ପୁଣି । ଫଟୋକୁ ଦେଖି ମନେ ଗୁଣି ।।
ଶିରିଡ଼ି ଯିବା ମନେ ଆଶ । ମିଳିଲା ବାବାଙ୍କ ସନ୍ଦେଶ ।।
ଶଙ୍କର ରାଓଙ୍କ ସଙ୍ଗରେ । ପ୍ରବେଶ ଶିରିଡ଼ି ଭୂଇଁରେ ।।
ସାଇ କହନ୍ତି ସବୁକଥା । ଶିରିଡ଼ି ଆସିବା ବ୍ୟବସ୍ଥା ।।
ପନ୍ଦର ଟଙ୍କା ଧାର୍ ନେବା । ରାସ୍ତାରୁ ପିଜୁଳି କିଣିବା ।।
ହତଚକିତ ଲକ୍ଷ୍ମୀଚାନ୍ଦ । ବାବା ଜାଣନ୍ତି ସବୁ ଫାନ୍ଦ ।।
ବରହନପୁରର ମହିଳା । ରାତିରେ ବାବାଙ୍କୁ ଦେଖିଲା ।।
ମାଗୁଣଅଛନ୍ତି ଖେଚୁଡ଼ି । ଉଠି ଖୋଜନ୍ତି ଚାରିସାରି ।।
ଶିରିଡ଼ି ମସଜିଦ ଗଲେ । ଖେଚୁଡ଼ି ରାନ୍ଧି ପରଶିଲେ ।।
ମେଘା ନାମରେ ସେ ବ୍ରାହ୍ମଣ । ପରମ ଶିବଭକ୍ତ ଜାଣ ।।

ସାଠେଙ୍କ ଘରେ ରହିଥିଲା । ଶୁଣିଲା ବାବାଙ୍କର ଲୀଳା ।।
ଜାଣିଲା ସେ ମୁସଲମାନ । ଭେଟିବା ପାଇଁ ନାହିଁ ମନ ।।
ସାଠେଙ୍କ ବାଧ୍ୟରେ ଆସିଲା । ମସ୍‌ଜିଦ ନିକଟେ ମିଳିଲା ।।
ଦୂରରୁ ବାବାଙ୍କ ଚିତ୍କାର । ତାହାକୁ ଶୀଘ୍ର ଦୂରକର ।।
ସେ ଯେ ବ୍ରାହ୍ମଣ ବଡ଼ ଜାତି । ଏଠାରେ ରହିବା ଅନୀତି ।।
ମେଘା ରହିଲା ଶିରିଡ଼ିରେ । ହୃଦୟ ତାହାର ବଦଳେ ।।
ସାଇ ଦିଶନ୍ତି ମହେଶ୍ୱର । ମେଘା ହୃଦୟ ଅଧୀଶ୍ୱର ।।
ଶିବ ଭାବରେ ସେ ପୂଜିଲା । ମୁଣ୍ଡରେ ବେଲପତ୍ର ଦେଲା ।।
ଗଙ୍ଗାଜଳରେ ସ୍ନାନ କରେ । ଉଦକ ଜଳ ତୁଣ୍ଡେ ଧରେ ।।
ବାବା ସ୍ୱପ୍ନରେ ଦେଖାଦେଇ । ତ୍ରିଶୂଳ ଆଙ୍କିବାକୁ କହି ।।
ତ୍ରିଶୂଳ ଅଙ୍କା ଶେଷ ହେଲା । ଶିବଙ୍କ ବିଗ୍ରହ ମିଳିଲା ।।
ମେଘା ହୋଇଲା ଅତି ଖୁସି । ଆନନ୍ଦେ ପୂଜା କରେ ବସି ।।
କାଳେ ସେ ଗଲା ସ୍ୱର୍ଗପୁର । ଆନନ୍ଦ ସଭିଙ୍କ ଅନ୍ତର ।।
ସାଇ ତା' କ୍ରିୟାକର୍ମ କଲେ । ସଚ୍ଚା ଭକ୍ତଙ୍କୁ ଉଦ୍ଧାରିଲେ ।।
ଅଧ୍ୟାୟ ଗଲା ଅଠାଇଶ । ଭଣିଲେ ଶୋଭାକର ଦାସ ।।

❖

ଉନତ୍ରିଂଶ ଅଧ୍ୟାୟ

ସାଇ ଚରିତ ଉପାଖ୍ୟାନ । ଶୁଣିବା ଲୋକ ପରିତ୍ରାଣ ।।
ରାମଦାସୀ ଯେ ସଂକୀର୍ତ୍ତନ । ଶିରିଡ଼ି ଗ୍ରାମେ ପହଞ୍ଚିଣ ।।
ସାଇଙ୍କୁ ଦରଶନ କଲେ । ମହିଳା ଭାବରେ ବୁଡ଼ିଲେ ।।
ଦେଖନ୍ତି ରାମ ଅବତାର । କହନ୍ତି ସ୍ୱାମୀଙ୍କ ଆଗର ।।
ସ୍ୱାମୀ କହନ୍ତି, ନୁହେଁ କିଛି । ଆଖିରେ ଭ୍ରମ ଯେ ହୋଇଛି ।।
ସ୍ୱାମୀ ଯେ ସପନେ ଦେଖନ୍ତି । ପୋଲିସ ତାଙ୍କୁ ବାନ୍ଧିଛନ୍ତି ।।
ବାବାଙ୍କୁ କରନ୍ତି ଗୁହାରି । ମୋତେ ଏଥିରୁ କର ପାରି ।।
ପୂର୍ବର କର୍ମଫଳ ପାଇଁ । ଏ ଦଣ୍ଡ ଭୋଗୁଅଛୁ ତୁହି ।।
ବାବାଙ୍କୁ ନିଉଛାଳି ହେଲେ । ବାବା ଆଦେଶେ ମୁକ୍ତହେଲେ ।।
ବାବାଙ୍କ ପାଦତଳେ ଶୋଇ । ପୂରୁବ ଦୋଷ ମାନି ନେଇ ।।
ବିଧର୍ମୀ ବୋଲି ଭାବୁଥିଲେ । ସେହି ବିକାର ଛାଡ଼ିଦେଲେ ।।
ସାଇ ବାବାଙ୍କ ସ୍ଥାନେ ସେହି । ଗୁରୁ ରାମଦାସ ଦେଖଇ ।।
ତେନ୍ଦୁଲକରଙ୍କ ଘରଣୀ । ସାଇ-ଭଜନ ଛନ୍ତି ଭଣି ।।

ପୁତ୍ର ତାଙ୍କର ପଢ଼େ ପାଠ । ଡାକ୍ତର ହେବାକୁ ଉଚ୍ଚାଟ ।।
ଜ୍ୟୋତିଷୀ କହେ ନାସ୍ତିବାଣୀ । ତା' ଦୁଃଖ ସାଇରାମ ଶୁଣି ।।
କହିଲେ ପାଠେ ମନଦେଉ । ନିଶ୍ଚେ ଡାକ୍ତର ହେବ ସେହୁ ।।
ସାଇଙ୍କ କଥା ହେଲା ସତ୍ୟ । ପ୍ରଥମ ଚେଷ୍ଟାରେ କୃତିତ୍ୱ ।।
କ୍ୟାପ୍ଟେନ ହାତେ ସପନରେ । ବ୍ୟଞ୍ଜନ ଖୁଆନ୍ତି ବାବାରେ ।।
ବାବାଙ୍କ ଇଚ୍ଛା ବିଚାରିଲେ । ବନ୍ଧୁଙ୍କ ହାତେ ଟଙ୍କା ଦେଲେ ।।
ବ୍ୟଞ୍ଜନ କରିଣ ପ୍ରସ୍ତୁତ । ରଖିଲେ ବାବାଙ୍କ ଅଗ୍ରତ ।।
ପରିତୃପତ ହେଲେ ଖାଇ । ଶୁଣିଣ ହାତେ ସୁଖୀ ହୋଇ ।।
ବାମନ ନାର୍ଭେକର ଥରେ । ବାବାଙ୍କୁ ଏକଟଙ୍କା ଦେଲେ ।।
ସୀତାରାମଙ୍କ ଛବି ଥିଲା । ହନୁମାନ ବି ରହିଥିଲା ।।
ଉଦ୍ଦେଶ୍ୟ ବାବା ହାତେ ଛୁଇଁ । ତାହାକୁ ଦେବେ ଲେଉଟାଇ ।।
ରଖିଲେ ସେହୁ ପୂଜା ସ୍ଥାନ । ଲକ୍ଷ୍ମୀ ସେ ହୋଇବେ ପ୍ରସନ୍ନ ।।
ଦକ୍ଷିଣା ବାବା ଯେ ମାଗିଲେ । ବାମନ ସାଇ ହାତେ ଦେଲେ ।।
ତଥାପି ନଫେରାନ୍ତି ଟଙ୍କା । ସଭିଏଁ ଦେଖି ଆଚମକା ।।
ସାଇଙ୍କ ମନେ କ'ଣ ଥିଲା । କିଏ କହିବ ତାହା ଭଲା ।।

ଜଗତଜନ ହିତ ପାଇଁ । ସାଇ ଜନମ ମର୍ତ୍ତ୍ୟ ଭୂଇଁ ।।
ଉନତିରିଶ ଏ ଅଧ୍ୟାୟେ । ଏହି ଠାବରେ ଶେଷ ହୁଏ ।।

❖

ତ୍ରିଂଶ ଅଧ୍ୟାୟ

କଳପ ବୃକ୍ଷ ସମ ସାଇ । ଜୀବରେ ଦୟା ବାଣ୍ଟୁଥାଇ ।।
ପୂର୍ବଜନ୍ମର କର୍ମ ଫଳେ । ସାଇଙ୍କ କୃପା ଜୀବେ ମିଳେ ।।
କାକାଜୀ ବୈଦ୍ୟ ବାଣୀ ଗ୍ରାମ । ଦେବୀଙ୍କ ପୂଜକ ଉତ୍ତମ ।।
ବିପତ୍ତି ଦୂର କରିବାକୁ । ପ୍ରାର୍ଥନା କଲେ ସେ ଦେବୀଙ୍କୁ ।।
ଦେବୀ କହନ୍ତି ସପନରେ । ବାବାଙ୍କୁ ପୂଜ ଯା ସତ୍ତ୍ୱରେ ।।
ତ୍ରିମ୍ବକଶ୍ୱରେ ବାବାମଣି । କାକା ପୂଜନ୍ତି ଶୂଳପାଣି ।।
ଏମନ୍ତେ କେତେଦିନ ଗଲା । ତଥାପି ଦୁଃଖ ନଘୁଞ୍ଚିଲା ।।
ଦେବୀଙ୍କୁ ଜଣାନ୍ତି ସେ ଦୁଃଖ । ଦେବୀ କହନ୍ତି ଆରେ ମୂର୍ଖ ।।
ଶିରିଡ଼ି ଯାଅ ବେଗେ ତୁହି । ପୂଜନ କର ତହିଁ ସାଇ ।।

କାକାଙ୍କ ନିଦ ତ ଭାଙ୍ଗିଲା । ସମ୍ପୂର୍ଣ୍ଣ ତଥ୍ୟ ନମିଳିଲା ।।
ଦେଖହେ ଦଇବର ଯୋଗ । ଶ୍ୟାମ ପହଞ୍ଚେ ତାଙ୍କ ଆଗ ।।
ମାତା ମାନସ ପୂର୍ତ୍ତି ପାଇଁ । ଶ୍ୟାମ କାକାଙ୍କୁ ଭେଟେ ଯାଇ ।।
କାକା ଯେ ଅତି ଆନନ୍ଦିତ । ସାରିଲେ ଶ୍ୟାମ ପୂଜାକୃତ୍ୟ ।।
ଉଭୟେ ଶିରିଡ଼ିକୁ ଗଲେ । ସାଇଙ୍କ ପାଦରେ ନମିଲେ ।।
ମନ ତ ହୋଇଲା ଆନନ୍ଦ । ତୁଟିଲା ସବୁ ବାଧା ବନ୍ଧ ।।
ସାଇଙ୍କ ବିଚିତ୍ର ଯେ ଲୀଳା । ସଂସାର ମଧ୍ୟେ ତାଙ୍କ ଖେଳା ।।
ସପନେ ଆଦେଶ କରନ୍ତି । ସପନେ ସମାଧାନ ଦ୍ୟନ୍ତି ।।
କୁଶଳ ଚାନ୍ଦ ଯେ ଭକତ । ଦେଖିଲା ସ୍ୱପ୍ନ ଅଦଭୂତ ।।
ବାବା କହନ୍ତି, ଶୀଘ୍ର ଆସ । ନିଦ୍ରା ଭାଜିଲା, ଭାବେ କୁଶ ।।
କେମିତି ଅବା ଯିବି ମୁହିଁ । ଟାଙ୍ଗା ମିଳିବ ଏଥି କାହିଁ ।।
ଏମନ୍ତ ସମୟେ ଦେଖିଲା । ଟାଙ୍ଗା ଗୋଟିଏ ଆସୁଥିଲା ।।
ଭିତରେ ବସିଣ ଦୀକ୍ଷିତେ । ଡାକନ୍ତି ଆସହେ ତୁରିତେ ।।
ପଞ୍ଜାବୀ ଥିଲା ରାମଲାଲା । ବମ୍ବେରେ ସପନ ଦେଖିଲା ।।
ଡାକନ୍ତି ଏକଇ ଫକୀର । ମୋତେ ତୁ ଶୀଘ୍ର ଦେଖାକର ।।
କିଏ ଫକୀର କେଉଁଠାରେ । କାହିଁକି ଡାକିଲେ ସ୍ୱପ୍ନରେ ।।

ରାମଲାଲାକୁ ନାହିଁ ଜଣା । ବମ୍ବେ ବଜାର ନୁହେଁ ଚିହ୍ନା ।।
ଦେଖିଲା ଏକଇ ଦୋକାନେ । ଫଟୋ ଯେ ରହିଛି ଯତନେ ।।
ଏ ମୋ'ର ସ୍ୱପ୍ନର ଫକୀର । ବୁଝିଲା ନାମଧାମ ତା'ର ।।
ପହଞ୍ଚି ଶିରିଡ଼ିର ଗ୍ରାମ । ସାଇ ପାଦରେ କରେ ନମ ।।
ଜୀବନଯାକ ରହିଗଲା । ସଦଗୁରୁ ସେ ଲଭିଥିଲା ।।
ସରିଲା ତ୍ରିଂଶ ଯେ ଅଧ୍ୟାୟ । ପାରିକରନ୍ତୁ ଦୟାମୟ ।।

ଇତିଶ୍ରୀ ସାଇଟୀକା ଚତୁର୍ଥ ଦିବସ ପାରାୟଣ ସମାପ୍ତ ।

❖

ଏକତ୍ରିଂଶ ଅଧ୍ୟାୟ

(ସୋମବାର ପାରାୟଣ)

ପ୍ରାଣୀଙ୍କ ଭଲମନ୍ଦ ବାଣୀ । ମରଣ କାଳେ ତାହା ଜାଣି ।।
ମରଣ କାଳେ ଯା ଚିନ୍ତିବ । ଅବଶ୍ୟ ପରାପତ ହେବ ।।
ଯେବେ ଚିନ୍ତିବ ଭଗବାନ । ପାଇବ ମୁକ୍ତି ନିଶ୍ଚେ ଜାଣ ।।

ସାଧୁଙ୍କ ସଙ୍ଗ କରିଥିଲେ । ସୁଖ ମରଣ ହୁଏ ଭଲେ ।।
ସନ୍ନ୍ୟାସୀ ଯେ ବିଜୟାନନ୍ଦ । ତୀର୍ଥ ଭ୍ରମଣେ ଯେ ଆନନ୍ଦ ।।
ମାନସ ସରୋବର ଯିବେ । ଅନେକ ତୀର୍ଥ ସେ କରିବେ ।।
ପହଁଞ୍ଚି ଶିରିଡ଼ିର ଭୂଇଁ । ଶୁଣିଲେ ମାତା ଶଯ୍ୟାଶାୟୀ ।।
ସାଇଙ୍କୁ ବୋଲନ୍ତି ବଚନ । ମାତା ଦର୍ଶନେ ମୋ'ର ମନ ।।
ବାବା ହୋଇଲେ ଅତି କ୍ରୋଧୀ । ବୋଇଲେ ଅଟୁ ଅପରାଧୀ ।।
ମାତାଙ୍କ ମାୟାଡ଼ୋର ଅଛି । କିମ୍ପା ସନ୍ନ୍ୟାସ ନେଲୁ ବାଛି ।।
ଏଠାରେ କିଛିଦିନ ରହ । ଯେଣିକି ଇଚ୍ଛା ତେଣେ ଯାଅ ।।
ପଢ଼ତୁ ନିତି ଭାଗବତ । ତିନିସପ୍ତାହ କରିଯନ୍ତ ।।
"ରାମ ବିଜୟ" ତୁହି ପଢ଼ । ବସିଣ ଲେଣ୍ଡି ବଗିଚାର ।।
ସାଇ ତ ଜାଣନ୍ତି ଭବିଷ୍ୟ । ତା' ଆତ୍ମା କରିଲେ ଉଶ୍ୱାସ ।।
ଦୁଇ ସପ୍ତାହେ ଗଲା ପ୍ରାଣ । ବାବା କରିଲେ କ୍ରିୟାକର୍ମ ।।
ବଳରାମ ଯେ ମାନକର । ଛାଡ଼ିଣ ନିଜ ଘରଦ୍ୱାର ।।
ବାବାଙ୍କ ଆଶ୍ରିତ ହୋଇଲେ । ଧ୍ୟାନ ଧାରଣା ମୂଳ କଲେ ।।
ଶେଷ ଜୀବନ ପରିଯନ୍ତେ । ରହିଲେ ବାବା ଅନୁଗତେ ।।
ତାତ୍ୟା ସାହେବ ନୁଲକାର । ବାବା ପାଦରେ ଭକ୍ତି ତା'ର ।।

ତା'ର ମରଣ କାଳ ଜାଣି । ଗ୍ରନ୍ଥ ପଢ଼ାନ୍ତି ଧର୍ମବାଣୀ ।।
ତାତ୍ୟାର ସୁଖଦ ମରଣ । ସ୍ୱର୍ଗପୁରକୁ ତା ଗମନ ।।
ମେଘା ମରଣେ ବାବା ଶୋକ । କେ କରୁ ତାହାର ଆଲେଖ୍ୟ ।।
ମସଜିଦରେ ସାଇ ଥିଲେ । ଶଗଡ଼ ଏକ ଲାଗେ ଭଲେ ।।
ବାଘଟେ ତା' ଭିତରେ ଥିଲା । ଦେହେ ଯନ୍ତ୍ରଣା ଭୋଗୁଥିଲା ।।
ତିନି ପାଳକ ତା'ର ଆସି । ବାବାଙ୍କୁ କହନ୍ତି ବିଶ୍ୱାସୀ ।।
ଆମ୍ଭର ବାଘ ଭୋଗେ ରୋଗ । ନୀରୋଗ କର ସାଇଭାଗ ।।
ବାଘକୁ ଆଣନ୍ତେ ସେ ଭିଡ଼ି । ଯନ୍ତ୍ରଣା ତା'ର ଗଲା ଛାଡ଼ି ।।
ସାଇଙ୍କ ଜ୍ୟୋତି ନିରେଖିଲା । ଲାଞ୍ଜକୁ ପିଟି ପ୍ରାଣ ଦେଲା ।।
ବାବା ସାକ୍ଷାତେ ପ୍ରାଣଦେଇ । ବାଘ ଯେ ବୈକୁଣ୍ଠ ଗମଇ ।।
ଅଧ୍ୟାୟ ଗଲା ଏକତ୍ରିଂଶ । ଭଣଇ ଶୋଭାକର ଦାସ ।।

❖

ଦ୍ୱାତ୍ରିଂଶ ଅଧ୍ୟାୟ

ଗୁରୁଙ୍କୁ ନମଣିବ ନର । ଗୁରୁ ଯେ ସାକ୍ଷାତ ଈଶ୍ୱର ।।
ଅଦେବା ଦ୍ରବ୍ୟ କିଛି ନାହିଁ । ଗୁରୁଙ୍କୁ ଦେଇନ ଯୋଗାଇ ।।
ସାଇ ବି ଗୁରୁ କରିଥିଲେ । ଭକ୍ତଙ୍କୁ ସେକଥା କହିଲେ ।।
ଗୁରୁ ପୂର୍ବର ଅନୁଭୂତି । ସାଇ ଯେ ବର୍ଣ୍ଣନା କରନ୍ତି ।।
ଅଭୁକ୍ତ ଅରକ୍ଷିତ ହୋଇ । ଜଙ୍ଗଲେ ବୁଲୁଥିଲେ ସାଇ ।।
ସଙ୍ଗତେ ଆଉ ତିନିଜଣ । ଚାରିହେଁ ମୁକ୍ତି ଅନ୍ୱେଷଣ ।।
କାହୁଁ ବନ୍‌ଜାରା ଏକ ମିଳି । ଚାରିଙ୍କୁ ହୁଏ ନିଉଛାଳି ।।
ଜଙ୍ଗଲେ ଏପରି ନ ବୁଲ । ହୋଇବ ତୁମ୍ଭ ରାସ୍ତା ଭୁଲ ।।
ଭୋକ ଉପାସେ ହେବ ନାଶ । ଜଙ୍ଗଲୀ ପଶୁଙ୍କର ଗ୍ରାସ ।।
ଆଣିଛି ରୁଟି ତରକାରି । ଖାଇଣ ପିଅ ତୁମ୍ଭେ ବାରି ।।
ଜଙ୍ଗଲଦେଖା ଲୋକ ନିଅ । ଘୋର ଜଙ୍ଗଲ ପାରିହୁଅ ।।
ଅନ୍ୟଥା ଦହଗଞ୍ଜ ହେବ । ଘୂରିବୁଲିବା ସାରହେବ ।।
ସାଇ ଗ୍ରହଣକଲେ ରୁଟି । ତିନିହେଁ ପଳାଇଲେ ଉଠି ।।

କିଛି କ୍ଷଣର ପରେ ସାଇ । ଗୁରୁଙ୍କ ଦରଶନ ପାଇ ।।
ଆପଣେ ସମର୍ପିତ ହେଲେ । ଗୁରୁ ଚରଣେ ସେବା କଲେ ।।
ଗୁରୁ କରିଲେ ଚମତ୍କାର । ବାନ୍ଧିଲେ ହାତଗୋଡ଼େ ଡୋର ।।
ସାଇଙ୍କି ଗଛରେ ଝୁଲାଇ । ତଳକୁ ମୁଣ୍ଡ କରିଦେଇ ।।
ଉପରେ ଗୋଡ଼ ବନ୍ଧା ହୁଏ । ସାଇ ଝୁଲନ୍ତି ଖାଲିଦେହେ ।।
ସେଇ ସମୟ ଅନୁଭୂତି । ସାଇ ହରଷେ ସୁମରନ୍ତି ।।
ଗୁରୁ ଫେରିଲେ କିଛି ପରେ । ବାବାଙ୍କ ବନ୍ଧନ ଫେଇଲେ ।।
ମାତା ପିତାଙ୍କ ସ୍ନେହ ଦେଲେ । ଗନ୍ତାଘରକୁ ଖୋଲିଦେଲେ ।।
ପ୍ରତ୍ୟେକ ଅବତାରେ ସାଇ । ଗୁରୁଙ୍କୁ ପୂଜା କରିଛଇଁ ।।
ଖାଦ୍ୟକୁ ବ୍ରହ୍ମରୂପେ ଜାଣି । ଭକ୍ତେ ଖୁଆନ୍ତି ସାଇ ମଣି ।।
ପିଲାଦିନର କଥା ହେଜି । କାମ ତାହାଙ୍କ ଥିଲା ଦର୍ଜି ।।
ସୁନ୍ଦର ଜରିକାମ କରି । ମାଲିକ ଆପଣାର ପରି ।।
ଦ୍ୱାତ୍ରିଂଶ ଅଧ୍ୟାୟ ସରିଲା । ସାଇଚରଣେ ଚିତ୍ତ ଗଲା ।।

❖

ତ୍ରୟୋସ୍ତିଂଶ ଅଧ୍ୟାୟ

ଦ୍ୱାରକାମାୟୀରେ ଯେ ବାବା । ଧୁନି ସେ ଜାଳନ୍ତି ସର୍ବଦା ।।
ଧୁନିର ପାଉଁଶକୁ ନେଇ । ଉଦି ବାଣ୍ଟନ୍ତି ଦେବସାଇ ।।
କହନ୍ତି ସବୁର ଯେ ଶେଷ । ଅଟଇ ଉଦି ଏ ପାଉଁଶ ।।
ଏ ଦେହ ପଞ୍ଚଭୂତୁଁ ଆସେ । ପୁଣି ଯେ ସେଇଥିରେ ମିଶେ ।।
ଭକ୍ତ ଯେ ଦକ୍ଷିଣା ଦିଅନ୍ତି । ଭକ୍ତିରେ ଉଦି ଆପଣାନ୍ତି ।।
ଏକରେ ରହିଛି ଯେ ତ୍ୟାଗ । ଅନ୍ୟଟି ବୈରାଗ୍ୟର ଭାବ ।।
ଦକ୍ଷିଣା ଦେଲେ ତ୍ୟାଗ ଫଳ । ପ୍ରାଣୀଙ୍କୁ ମିଳଇ ତତ୍କାଳ ।।
ଉଦିକୁ ମାରେ ଯେ କପାଳେ । ଅନିତ୍ୟ ଭାବ ଆସେ ବଳେ ।।
କେତେ ସୁନ୍ଦର ଏ ଜଗତ । ଶେଷେ ପାଉଁଶ ହୁଏ ମାତ୍ର ।।
ସ୍ୱାସ୍ଥ୍ୟ ସଙ୍କଟ ଦେଖାଦେଲେ । କି ଅବା ବିପଦ ପଡ଼ିଲେ ।।
ବାବା ଦିଅନ୍ତି ଟିକେ ଉଦି । ତାହାହିଁ ପରମ ଔଷଧି ।।
ଦେହରୁ ଯାଏ ବ୍ୟାଧି ଛାଡ଼ି । ବିପଦ ସବୁଯାଏ ଉଡ଼ି ।।
ସାପ ବା ବିଛାକାମୁଡ଼ାରେ । କି'ଅବା ପ୍ଲେଏଗ ରୋଗରେ ।।

ବାବାଙ୍କ ଉଦି ଟିକେ ନେଇ । କ୍ଷତସ୍ଥାନରେ ଦେବ ଥୋଇ ।।
ଆଉ ଟିକିଏ ଉଦି ଆଣି । ମିଶାଇ ପିଆଇବ ପାଣି ।।
ଘାଆ ଘାଉଡ଼ ଚାଲିଯିବ । ରୋଗୀ ତ ନୀରୋଗ ହୋଇବ ।।
ନାନାଙ୍କ ଝିଅ ମୈନା ଥିଲା । ପ୍ରସବ ବେଦନା ପାଇଲା ।।
ତିନିଦିନ ଯେ ତିନିରାତି । ବେଦନା ବଢ଼େ, ବଢ଼େ ଭୀତି ।।
ନାନା ବାବାଙ୍କୁ ସୁମରିଲେ । ଉପାୟ କରନ୍ତୁ ଡାକିଲେ ।।
ବାପୁଗିରି ଯେ ତାର ନାମ । ବାହାରେ ଯିବ ନିଜଗ୍ରାମ ।।
ବାବା ବୋଲନ୍ତି ତାକୁ ଗିର । ଯାଅ ତୁ ଏବେ ଜାମନେର ।।
ନାନାର ଘରକୁ ତୁ ଯିବୁ । ଉଦି ଓ ଆରତିକୁ ଦେବୁ ।।
କହେ ମୋ' ପାଖେ ଧନ ନାହିଁ । ଜାମନେର ବି ଦେଖିନାହିଁ ।।
ଜଳଗାଓଁକୁ ଯାଇପାରେ । ଆଗକୁ ବଢ଼ିତ ନପାରେ ।।
ବାବା କହିଲେ ଶୁଣ ବାବୁ । ହୋଇଛି ବନ୍ଦୋବସ୍ତ ସବୁ ।।
ଜଳଗାଓଁ ଯେ ଯାଏ ସେହି । ଷ୍ଟେସନେ ତାଙ୍କୁ ଡାକେକେହି ।।
ଜାମନେରରୁ ଟାଙ୍ଗା ଆଣି । ଆସିଛି, ବସ ଏହିକ୍ଷଣି ।।
ବାପୁ ଯେ ଟାଙ୍ଗାରେ ବସଇ । ପ୍ରାତଃ ସମୟେ ସେ ଓହ୍ଲାଇ ।।
ସାରିଲା ପରେ ନିତ୍ୟକର୍ମ । ସେ ଲୋକ ଯାଚିଲା ଭୋଜନ ।।

ସକାଳେ ନାନାଘରେ ଯାଇ । ବାପୁ ଯେ ପରିଚୟ ଦେଇ ।।
ଉଦି ଆରତି ସବୁଦେଲା । ଟାଙ୍ଗାବାଲାକୁ ପ୍ରଶଂସିଲା ।।
ନାନାଙ୍କୁ ଧନ୍ୟବାଦ ଦିଏ । ନାନା ଆଶ୍ଚର୍ଯ୍ୟ ହୋଇ ରହେ ।।
ଟାଙ୍ଗା ସେ ପଠାଇ ନାହାନ୍ତି । ଏ ସବୁ ସାଇ କରାମତି ।।
ଯେ ଭଜେ ତାଙ୍କୁ ଦୃଢ଼ କରି । ବିଭିନ୍ନ ରୂପେ ତାଙ୍କୁ ମିଳି ।।
କରନ୍ତି ଯୋଗ୍ୟ କର୍ମ ତା'ର । ଯେ ସ୍ଥାନେ ଯେମନ୍ତ ଦର୍କାର ।।
ସମାଧି ପୂର୍ବେ ଯେଉଁ ପରି । ସମାଧି ପରେ ସେହିପରି ।।
ନାରଣ ରାଓ ଯେ କହନ୍ତି । ସ୍ୱପ୍ନରେ ବାବା ଯେ ଆସନ୍ତି ।।
କରନ୍ତି ନାନା ଚମତ୍କାର । ଆମଠୁଁ ନାହାନ୍ତି ସେ ଦୂର ।।
ତାହାଙ୍କ ଫଟୋ କହେ କଥା । ସ୍ୱଶରୀରେ ସେ ଥିଲେ ଯଥା ।।
ଆପ୍ପାସାହେବ ଚମତ୍କାର । ଶୁଣିଲେ ଭବୁ ହେବପାର ।।
ଅଭୁତେ ଫକୀର ଆସିଲେ । ମାଗିଣ ଟଙ୍କାଟିଏ ନେଲେ ।।
ଉଦି ପୁଡ଼ିଆ ହାତେ ଦେଇ । କହିଲେ ପୂଜା କରନେଇ ।।
ଆପ୍ପା ତା ଶୁଣି ଆଚମ୍ବିତ । ଟଙ୍କେ ଦକ୍ଷିଣା ଅନୁଚିତ ।।
ଦଶଟି ଟଙ୍କା ଥିଲେ ଦେଇ । ସାଇ ସମ୍ମାନ ଥାନ୍ତା ରହି ।।

କିଛି ସମୟ ପରେ ସେହି । ଫକୀର ଥିଲେ ଦେଖାଦେଇ ।।
ଆପ୍ପାଙ୍କୁ ମାଗନ୍ତି ଦକ୍ଷିଣା । ଦଶରୁ ନ ହୋଇବ ଊଣା । ।।
ଉଦି ପୁଡ଼ିଆ ଏକ ଦେଲେ । ଭିତରେ ଫୁଲ ନ ମଉଳେ ।।
ଆପ୍ପା ସୁମରେ ନିଜ କଥା । ସାଇ ଚରଣେ ନୁଏଁ ମଥା ।।
ହରିଭାଇ ଯେ ସେ କାର୍ଣ୍ଣିକ । ଦକ୍ଷିଣା ଦେଲା ସେ ଅଧିକ ।।
ପରେ ଭାବଇ ମନେ ସେହି । ଅଧିକ ଟଙ୍କେ ଦେବାପାଇଁ ।।
ହେଲେ ସେ ଆସି ସାରିଥିଲା । ଫେରିବା ଉଚିତ ନଥିଲା ।।
କାଳରାମଙ୍କ ମନ୍ଦିରରେ । ନରସିଂହ ଯେ ବସିଥିଲେ ।।
କାର୍ଣ୍ଣିକ ଆଖିରେ ପଡ଼ିଲେ । ମହାରାଜ ଯେ ଉଠିଗଲେ ।।
ମୋର ଟଙ୍କାଟି ଦେଇଦିଅ । ଅଯଥା ଭାରକୁ ନବହ ।।
ଯଚା ଦକ୍ଷିଣା ନେଲେ ସାଇ । ଭକ୍ତ ଯେ ହରଷିତ ହୋଇ ।।
ଏ ହେଲା ଅଧ୍ୟାୟ ତେତ୍ରିଶ । ଭଣିଲେ ଶୋଭାକର ଦାସ ।।

❖

ଚତୁସ୍ତ୍ରିଂଶ ଅଧ୍ୟାୟ

ଡାକ୍ତର ପିଲାଇ ପୁତୁରା । ହାଡ଼ ପଠାରେ ଘାଆ ହେଲା ।।
ବଢ଼ିଲା ତାହାର କଷଣ । ଔଷଧ ବ୍ୟର୍ଥ ହେଲା ଜାଣ ।।
ବାବାଙ୍କ ପାଶେ ଦେଲେ ଶୋଇ । ବାବା ବୋଲନ୍ତି ଉଦି ନେଇ ।।
ଉଦି ପ୍ରସାଦେ ହେଲା ଦୂର । ପଠା ଯନ୍ତ୍ରଣା ବାଳକର ।।
ସମସ୍ତେ କଲେ ଜୟଗାନ । ଉଦି ମହିମା ଅକଳନ ।।
ଡାକ୍ତର ପିଲାଇଙ୍କ ବଥ । ଯନ୍ତ୍ରଣା ଭୋଗୁଥାନ୍ତି ସେ ତ ।।
କୌଣସି ଔଷଧ ନଶୁଣେ । ଯନ୍ତ୍ରଣା ବଢ଼େ ଅନୁକ୍ଷଣେ ।।
ବାବାଙ୍କ ଶରଣ ସେ ନେଲେ । ବାବା ତାହାଙ୍କୁ ଆଶ୍ୱାସିଲେ ।।
ମସ୍‌ଜିଦ୍‌ରେ ତୁମ୍ଭେ ରହ । କାଉ ଖୁମ୍ଭିବ ଚାହିଁଥାଅ ।।
ଦୂର ହୋଇବ କର୍ମଫଳ । ରୋଗ ଯେ ହୋଇବ ନିର୍ମୂଳ ।।
ଅବ୍‌ଦୁଲ ଦୀପ ତେଜୁଥିଲା । ତାହାର ଗୋଡ଼ ପଡ଼ିଗଲା ।।
ଫାଟିଲା ବ୍ରଥ ପୂଯ ଗଲା । ଡାକ୍ତର ବିକଳେ କାନ୍ଦିଲା ।।

ଭବିଷ୍ୟ ଜାଣିଥିଲେ ସାଇ । ଅବ୍‌ଦୁଲକୁ କାଉ କହି ।।
ଶ୍ୟାମଙ୍କ ଭାଇବୋହୂ ଥିଲେ । ପ୍ଲେଗରେ ଆକ୍ରାନ୍ତ ହୋଇଲେ ।।
ଶ୍ୟାମ କହନ୍ତି ବାବା ପାଶ । ଘରକୁ ଯିବାକୁ ଆଦେଶ ।।
ସାଇ କହନ୍ତି ରହିଥାଅ । କାଲି ସକାଳେ ଘରେ ଯାଅ ।।
ଅଛନ୍ତି ଆଲ୍ଲା ଯେ ମାଲିକ । ତାଙ୍କ ଚରଣେ ମତି ରଖ ।।
ତୋ' ଭାଇ ଉଦି ନେଇଯାଉ । କ୍ଷତ ସ୍ଥାନରେ ବୋଳିଦେଉ ।।
ଅଳପ କିଛି ପିଆଇବ । ରୋଗୀର ଉପକାର ହେବ ।।
ବଡ଼ି ସକାଳୁ ଶ୍ୟାମ ଗଲେ । ତାହା ସେ କରନ୍ତି ଦେଖିଲେ ।।
ଶ୍ୟାମ ହୋଇଲେ ଆଚମ୍ବିତ । ରୋଗ ଯାଇଛି ରୋଗୀ ସୁସ୍ଥ ।।
ଉଦିର ମାହାତ୍ମ୍ୟ ଏପରି । ଅଦ୍ଭୁତ ରୋଗ ହରିପାରି ।।
ଇରାନୀ ଝିଅ ମୂର୍ଚ୍ଛାରୋଗ । ଉଦି ସେବନେ ସେ ଆରୋଗ୍ୟ ।।
ହରଡ଼ା ଗ୍ରାମରେ ଭକତ । ପେଟରେ ପଥର ବହୁତ ।।
ଅନେକ କଷ୍ଟ ପାଉଥିଲେ । ଉଦିକି ମିଶାଇ ପିଇଲେ ।।
କ୍ଷଣକେ କଷ୍ଟ ହେଲା ଦୂର । ପଥର ଯାଏ ପରିସ୍ରାର ।।
ପ୍ରସବ ଯନ୍ତ୍ରଣା କାଳରେ । ଉଦି ଅଦ୍ଭୁତ କାର୍ଯ୍ୟକରେ ।।

ସେବେ ଏବେ ର ଭେଦନାହିଁ । ଉଦିର ଶକ୍ତି କମିନାହିଁ ।।
ସୁଜନେ ହୁଅ ଅବଗତ । ଚଉତିରିଶ ସମାପତ ।।

❖

ପଞ୍ଚତ୍ରିଂଶ ଅଧ୍ୟାୟ

କଇଁଛ ମାତା ଯେଉଁପରି । ଆର କୂଳରେ ରହି କରି ।।
ଚାହାଣି ଦେଇ ଏ କୂଳକୁ । ଭରସା ଦିଏ ଶାବକଙ୍କୁ ।।
ଶାବକଗଣ ଖୁସି ହୋନ୍ତି । କ୍ଷୁଧା ତୃଷାକୁ ଭୁଲିଯାନ୍ତି ।।
ଆମ୍ଭେତ କଇଁଛ ବାଲୁତ । ସାଇ ଅଟନ୍ତି ଆମ୍ଭ ମାତ ।।
ଆମ୍ଭ ଉପରେ ଦୃଷ୍ଟି ଦ୍ୟନ୍ତି । ଛାଡ଼ଇ ଆମ୍ଭ ମନୁଁ ଭ୍ରାନ୍ତି ।।
ଦର୍ଶନ, ଦର୍ଶୀ, ଦୃଶ୍ୟ ଏକ । ହେଲେ ତରନ୍ତି ଭବୁ ଲୋକ ।।
ଯୁଗଯୁଗରେ ଅବତାର । ଉଶ୍ୱାସି ଅବନୀର ଭାର ।।
କାଳାନ୍ତେ ସେହୁ ଯାନ୍ତି ଫେରି । ଭକତଗଣକୁ ଉଦ୍ଧାରି ।।
କିଛି ବିରୋଧୀ ମେଳ ହୋଇ । ସମାଲୋଚନା କରିଥାଇ ।।

ଦକ୍ଷିଣା କିମ୍ବା ସେ ମାଗିବେ । ଏଣେ ଫକୀର ବୋଲାଇବେ ।।
ସମାଲୋଚନାକାରୀ ଯେବେ । ବାବା ସଂସ୍ପର୍ଶେ ଆସିଯିବେ ।।
ଚରଣେ ଗଡ଼ଘାଲି ଶୋଇ । କୃପା କଣିକା ମାଗିଥାଇ ।।
ବନ୍ଧୁ ଏ କାକାଙ୍କର ଥିଲେ । ଦକ୍ଷିଣା ଦେବା ନଚାହିଁଲେ ।।
କାକା ସହିତେ ଭେଟ ବାବା । "ଚଞ୍ଚଳ ଆସ" ଶୁଣି କାବା ।।
ତାଙ୍କ ପିତାଙ୍କ କଣ୍ଠସ୍ୱର । ଶୁଭିଲା ସାଇଙ୍କ ମୁଖର ।।
ଚରଣ ତଳେ ଗଲେ ପଡ଼ି । ବସିଲେ ଦୁଇ ହାତ ଯୋଡ଼ି ।।
କାକାଙ୍କୁ ମାଗିଲେ ଦକ୍ଷିଣା । ଦୁଇଥରରେ ନେଲେ ସିନା ।।
ବନ୍ଧୁ ଯେ ବିସ୍ମିତ ହୁଅନ୍ତି । ତାଙ୍କୁ ଦକ୍ଷିଣା ନ ମାଗନ୍ତି ।।
ରହସ୍ୟ ନପାରିଣ ଜାଣି । ସାଇଙ୍କୁ ପଚାରନ୍ତି ପୁଣି ।।
ତୁମ୍ଭର ମନଥିଲା ନାହିଁ । ସେ ପାଇଁ ନମାଗିଲି ମୁହିଁ ।।
ଇଚ୍ଛା ହୋଇଲେ ଏବେ ଦିଅ । ଚଞ୍ଚଳ ନିଜ ଘରେ ଯାଅ ।।
ଦକ୍ଷିଣା ଦେଇ ବନ୍ଧୁ ଗଲେ । ସୁଦୂର ନିଜ ମୁମ୍ବେ ଘରେ ।।
ଖୋଲି ଦିଅନ୍ତେ ସେ ଦୁଆର । ଗୋଟିଏ ଚଟିଆ ବାହାର ।।
ଆଉ ଦୁଇଟି ପଡ଼ିଛନ୍ତି । କ୍ଷୁଧା ତୃଷାରେ ମରିଛନ୍ତି ।।

ବାବା ଜାଣନ୍ତି ସବୁକଥା । ଯା ପାଇଁ ଯେପରି ବ୍ୟବସ୍ଥା ।।
କାକାଙ୍କ ମାଲିକ ଠକ୍‌କର । ସାଇ ଦର୍ଶନେ ଆଗୁସାର ।।
ପ୍ରସାଦ ବଣ୍ଟନର କାଳେ । ବାବା ଯେ କିସ୍‌ମିସ୍ ଦେଲେ ।।
ସୁସ୍ୱାଦୁ ନୁହେଁ, ମଞ୍ଜି ଭର୍ତ୍ତି । ଠକ୍କର ହୋଇଲେ ଅତୃପ୍ତି ।।
ତଥାପି ଲୋକଚାର ପାଇଁ । ଦେଲେ ସେ ପାଟିରେ ପକାଇ ।।
ସାଇ ଆହୁରି ଦ୍ୟନ୍ତି ତାକୁ । କହନ୍ତି ଶୀଘ୍ର ଖାଇବାକୁ ।।
ଇଚ୍ଛା ବିରୁଦ୍ଧେ ସେ ଖାଇଲେ । ଖାଇଣ ଚମତ୍କୃତ ହେଲେ ।।
ଏ କିସ୍‌ମିସ୍ ସ୍ୱାଦ ଭିନ୍ନ । ମଞ୍ଜିର ନ ରହିଛି ଚିହ୍ନ ।।
ଠକ୍କର ସନ୍ଦେହ ଯେ ଗଲା । ଦକ୍ଷିଣା ପାଦରେ ଥୋଇଲା ।।
ବାଲାଜୀ ପଟିଲ ଭକତ । ସାଇଙ୍କ ସେବାରେ ସମ୍ପୃକ୍ତ ।।
ମସ୍‌ଜିଦ୍ ଭିତର ବାହାର । ଓଳାଉଥାନ୍ତି ସଦାକାଳ ।।
ତାଙ୍କର ଏକାଦଶାହରେ । ଭୋଜି ଉତ୍ସବ ହେବାକାଳେ ।।
ଆସନ୍ତି ବନ୍ଧୁ ତିନିଗୁଣା । ଖାଦ୍ୟ ପଦାର୍ଥ ନିଶ୍ଚେଁ ଉଣା ।।
ଶାଶୁ କହନ୍ତି ବୋହୂଠାରେ । ବିଶ୍ୱାସ ରଖ ତୁ ସାଇରେ ।।
ଖାଦ୍ୟପାତ୍ରକୁ ଘୋଡ଼ାଇଣ । ଉଦି ପକାଅ ତା' ମଧ୍ୟେଣ ।।

ଅଛନ୍ତି ସବୁଠାରେ ସାଇ । ଦାୟିତ୍ୱ ଦିଅ ତାଙ୍କୁ ତୁହି ।।
ସମସ୍ତେ ପେଟଭରି ଖାଇ । ତଥାପି ଖାଦ୍ୟ ନସରଇ ।।
ଏପରି ଅନ୍ୟ ଅନୁଭୂତି । ଡେଙ୍ଗୁଲେ ପନ୍ତୁଙ୍କୁ କହନ୍ତି ।।
ସାଇଙ୍କ ପୂଜା ସହିତରେ । ପ୍ରସାଦସେବନ ଯୋଡ଼ିଲେ ।।
ମାତ୍ର ହୋଇଲା ଆଚମ୍ବିତ । ପୂଜାରେ ଭକତ ଆଗତ ।।
କଳ୍ପନାଠାରୁ ପାଞ୍ଚଗୁଣ । ଭକ୍ତ ଆସିଲେ ପୂଜା ସ୍ଥାନ ।।
ସାଇ ସୁମରି ମନେ ଧ୍ୟାୟୀ । ପ୍ରସାଦ ବାଣ୍ଟିଲେ ସେ ନେଇ ।।
ସର୍ବେ ଖାଇଲେ ତୃପ୍ତ ହେଲେ । ବାବା ମହିମା ପ୍ରକାଶିଲେ ।।
ଭିନ୍ନ ଏକ ଯେ ଲୀଳା ଥିଲା । ବାଲାଜୀ ଘରେ ଘଟିଥିଲା ।।
ଗୁହାଳ ଘରେ ଏକ ସର୍ପ । ପଶଇ ବହି ମହାତାପ ।।
ଫୁଫୁ ଚିତ୍କାର ତାର ଶୁଣି । ଡିଅଁନ୍ତି ଗାଈମାନେ ପୁଣି ।।
ବାଲାଜୀ ନିର୍ଭୟରେ ଗଲେ । ଗିନାରେ କ୍ଷୀର ଟିକେ ନେଲେ ।।
କାହିଁକି ବାବା ମିଛୁଟାରେ । ଡରାଅ ଆମ୍ଭକୁ ରାତିରେ ।।
କ୍ଷୀର ପିଇଣ ତୃପ୍ତ ହୁଅ । ଆମ୍ଭକୁ ଆଶୀର୍ବାଦ ଦିଅ ।।

କ୍ଷୀର ପିଇଣ ସାପ ଗଲା । କୁଆଡ଼େ ଜାଣି ତ ନହେଲା ।।
ଅଧ୍ୟାୟ ଗଲା ପଞ୍ଚତ୍ରିଂଶ । କହନ୍ତି ଶୋଭାକର ଦାସ ।।

❖

ଷଡ୍‌ତ୍ରିଂଶ ଅଧ୍ୟାୟ

ସାଇ ମହିମା କର୍ଣ୍ଣେ ଶୁଣି । ତରିବ ଭବ ତରଙ୍ଗିଣୀ ।।
ଗୋଆର ଦୁଇ ଭଦ୍ରବ୍ୟକ୍ତି । ଶିରିଡ଼ି ଧାମେ ପହଞ୍ଚନ୍ତି ।।
ଉଭୟେ ପ୍ରଣିପାତ କଲେ । ଜଣକୁ ଦକ୍ଷିଣା ମାଗିଲେ ।।
ଦିଅନ୍ତି ସେ ପନ୍ଦରଟଙ୍କା । ଅନ୍ୟ ଜଣକ ମନ ଫିକା ।।
ଯାଚିଲେ ସେ ପଇଁତିରିଶ । ସାଇ କହନ୍ତି ରଖ ପାଶ ।।
ସମସ୍ତେ ଆଶ୍ଚର୍ଯ୍ୟ ହୋଇଲେ । ଶ୍ୟାମ କାରଣ ପଚାରିଲେ ।।
ସାଇ ଯେ ଦିଅନ୍ତି ବୁଝାଇ । ମୋ'ର ଦକ୍ଷିଣା ଲୋଡ଼ାନାହିଁ ।।
ଦ୍ୱାରିକାମାୟୀରେ ଯେ ରଣୀ । ତାକୁ ହିଁ ମୁହିଁ ମାଗେଜାଣି ।।
ବାବା କହିଲେ ଗଳ୍ପ ଦୁଇ । ସେ ଦୁଇଜଣଙ୍କୁ ତ ଚାହିଁ ।।

ଶିରିଡ଼ି ସାଇ ଅନ୍ତର୍ଯ୍ୟାମୀ । ଅଛନ୍ତି ସବୁକଥା ଜାଣି ।।
ଜଣେ କହିଲେ ନିଜକଥା । ଚାକିରି ପାଇଁ ମନ ବ୍ୟଥା ।।
ଯଦି ଚାକିରି ମୁଁ ପାଆନ୍ତି । ପ୍ରଥମ ଦରମା ଦିଅନ୍ତି ।।
ଚାକିରି ହେଲା ସମୟରେ । ଦରମା ବଢ଼େ ବାରମ୍ବାରେ ।।
ପ୍ରତିଜ୍ଞାବିସ୍ମୃତ ହୋଇଲା । ପ୍ରଭୁ ଯେ ଆଜି ମାଗିନେଲା ।।
ଦ୍ୱିତୀୟ ବ୍ୟକ୍ତି କହେ ଧୀରେ । ଦ୍ୱିତୀୟ ଗଳ୍ପ ମୋ' ଉପରେ ।।
ମୋ' ଧନ ଯାଇଥିଲା ଚୋରି । ଫକୀର ବାକ୍ୟେ ତାହା ଫେରି ।।
ମନ ମୋ' ହେଲା ଆନନ୍ଦିତ । ଶିରିଡ଼ି ଯିବାକୁ ଇଚ୍ଛା ତ ।।
କାଳେ ମୁଁ ତାହା ଗଲି ଭୁଲି । ସ୍ୱପ୍ନ ଦେଖିଣ ଚେତାଇଲି ।।
ଗୋଆରୁ ଆସିବା କାଳରେ । ଜାହାଜ ନ ମିଳେ ଭାଗ୍ୟରେ ।।
ଏକ ପିଅନ କାହୁଁ ଆସେ । କପ୍ତାନ ସହ କଥା ଭାଷେ ।।
କପ୍ତାନ ମୋତେ ଦୟାକରେ । ସେହି ନୌକାରେ ମୁଁ ବହରେ ।।
ମୁମ୍ବୈରୁ ଉଳରେ ଆସିଲୁ । ସାଇଙ୍କଠାରୁ ଶିକ୍ଷା ନେଲୁ ।।
ଶ୍ରୀମତୀ ଅଉରଙ୍ଗାବାଦ । ମନରେ ତାଙ୍କର ବିଷାଦ ।।
ବରଷ ସତେଇଶ ଗଲା । ତଥାପି ପୁତ୍ର ନହୋଇଲା ।।
ଧୂପ ନଡ଼ିଆ ଧରି କରେ । ନୈବେଦ୍ୟ ବାବା ପାରୁଶରେ ।।

ଶ୍ୟାମ କହନ୍ତି ବାବା ଚାହିଁ । କୃପା କରନ୍ତୁ ଦେବ ସାଇ ।।
ଅନେକ ଝିଙ୍ଗାସି କହିଲେ । ସାଇ ଯେ ପ୍ରସନ୍ନ ହୋଇଲେ ।।
ହଉ, ତୋହରି କଥା ରହୁ । ବରଷ ମଧ୍ୟେ ପୁଅ ପାଉ ।।
ଜନ୍ମିଲା ପୁତ୍ର, ମହା ଖୁସି । ଦକ୍ଷିଣା ଦେଲେ ହସିହସି ।।
ସେଇ ଟଙ୍କାରେ ଘୋଡ଼ାଶାଳା । ନିର୍ମିତ ହୋଇଥିଲା ପରା ।।
ସାଇ ଚରିତ ଯେ ଦୁର୍ଲଭ । ପଢ଼ିବା ଶୁଣିବା ସୁଲଭ ।।
ଛତିଶ ଅଧ୍ୟାୟ ଏ ଥିଲା । ଶୋଭାକର ଦାସ ଭଣିଲା ।।

ଇତିଶ୍ରୀ ସାଇଟୀକା ପଞ୍ଚମ ଦିବସ ପାରାୟଣ ସମାପ୍ତ ।

❖

ସପ୍ତତ୍ରିଂଶ ଅଧ୍ୟାୟ

(ମଙ୍ଗଳବାର ପାରାୟଣ)

ଦେଖନ୍ତି ଶିରିଡ଼ିରେ ଯାହା । ନଥିଲା ବାବା ବେଳେ ତାହା ।।
ଦ୍ୱାରିକାମାୟୀ ମସ୍‌ଜିଦ । ଥିଲା ସେ ସବୁଠୁଁ ପ୍ରସିଦ୍ଧ ।।

ତା'ର ନିକଟେ ଦୁଇଘର । ଚଭାଡ଼ି ନାମ ଡାକ ତା'ର ।।
ସମାଧି ମନ୍ଦିର ଯେଉଁଠି । ସେ ସ୍ଥାନ ଲେଣ୍ଡି ବଗିଚାଟି ।।
ଚଭାଡ଼ି ଓ ମସ୍‌ଜିଦରେ । ବାବା ଯେ ଶୁଅନ୍ତି ପାଳିରେ ।।
ଚଭାଡ଼ି ପାଳି ଯେଉଁଦିନ । ସେଦିନ ଭିଡ଼ ବଢ଼େ ଜାଣ ।।
ଶୋଭାଯାତ୍ରାରେ ତାଙ୍କୁ ନେଇ । ଚଭାଡ଼ି ଦ୍ୟନ୍ତି ପହୁଞ୍ଚାଇ ।।
ବାଜଇ ଖୋଳ କରତାଳ । ଜଳଇ ଅସଂଖ୍ୟ ମଶାଲ ।।
ଦୀପ ଜଳଇ ପନ୍ତି ପନ୍ତି । ଆଗରେ ଘୋଡ଼ା ଯେ ଚାଲନ୍ତି ।।
ଫୁଲ ଅବିର ବିଞ୍ଚାହୁଏ । କେ ଅବା ବୋଳେ କାହା ଦେହେ ।।
ନାଚିଣ କେ ଆନନ୍ଦ ହୋଇ । ସାଇଙ୍କୁ ଅର୍ଘ୍ୟ ବାଢ଼ିଥାଇ ।।
ତାତିୟା ମହଲାଶ ପତି । ଦୁଇ ପାରୁଶେ ରହିଥାନ୍ତି ।।
ଚଭାଡ଼ିଠାରେ ବାବା ବିଜେ । ଭକତଗଣ ତାଙ୍କୁ ପୂଜେ ।।
ଚନ୍ଦନ ତିଳକ ଦିଅନ୍ତି । ଯେ ଯାହା ମତେ ପୂଜିଥାନ୍ତି ।।
କେବେ ସୁଧାର ପିଲା ସାଇ । ଭକ୍ତଙ୍କ ଅର୍ଦ୍ଧଳି ସହଇ ।।
ଚିଲମ ସଜାଡ଼େ ତାତିୟା । ପ୍ରଥମେ ବାବା ହାତେ ଦିଆ ।।
ମହଲାଶ ପତି ତା'ପରେ । ପ୍ରସାଦ ଅନ୍ୟ ଭାଗେ ପଡ଼େ ।।
ପଚାଶ ଷାଠିଏ ଚଦର । ପାତନ୍ତି ଭୂମିର ଉପର ।।

ବାବା ଯେ ଶୟନ କରନ୍ତି । ତାତିୟା ଲେଉଟି ଆସନ୍ତି ।।
ଶୋଇବା ପୂର୍ବୁ ବାବା ସ୍ମର । ବିପଦ ହୋଇଯିବ ଦୂର ।।
ସଇଁତିରିଶ ଅଧ୍ୟା ଗଲା । ସାଇଙ୍କ ଦୟାରୁ ସରିଲା ।।

❖

ଅଷ୍ଟାତ୍ରିଂଶ ଅଧ୍ୟାୟ

ମହିମା ଶୁଣି ବାବାଙ୍କର । ଦୁଃଖ-ବନ୍ଧନୁ ହୁଅ ପାର ।।
ବାବା ଯେ ଥିଲେ ଦୀନବନ୍ଧୁ । ଭକ୍ତଜନଙ୍କ ପ୍ରାଣ-ସିନ୍ଧୁ ।।
ଅନ୍ନ ଦାନ ହିଁ ଶ୍ରେଷ୍ଠ ଦାନ । କହୁଣ ଥିଲେ ସର୍ବକ୍ଷଣ ।।
ଅନ୍ନହିଁ ବ୍ରହ୍ମ ଅନ୍ନ ଜ୍ଞାନ । ଅନ୍ନଦାନରେ ମହାପୁଣ୍ୟ ।।
ଅନ୍ୟକୁ ଖୁଆଇବା ପାଇଁ । ବାବା ରଖିଲେ ହଣ୍ଡାଦୁଇ ।।
ପଚାଶ ମଧ୍ୟେ ଛୋଟ ହଣ୍ଡା । ଅଧିକେ ବଡ଼ ହଣ୍ଡା ଲୋଡ଼ା ।।
ଆମିଷ ନିରାମିଷ ବେନି । ନିଜେ ରାନ୍ଧନ୍ତି ବେଳ ଜାଣି ।।
ଫୁଟନ୍ତା ପାଣିରେ ହାତକୁ । ପୂରାନ୍ତି ସିଦ୍ଧ ଜାଣିବାକୁ ।।

ପାକ ସରିଲେ ମୌଲବୀଙ୍କୁ । ଡାକନ୍ତି ଭୋଗ କରିବାକୁ ।।
ତାତିୟା ମହଲାଶ ପତି । ପ୍ରଥମେ ପ୍ରସାଦ ପାଆନ୍ତି ।।
ବାବା ପ୍ରସାଦ ପରଷନ୍ତି । ଗରିବଗୁରୁବା ଖୁଆନ୍ତି ।।
କେଲକାର ଯେ ବ୍ରାହ୍ମଣ । ଆମିଷ ନ ଛୁଅଁନ୍ତି ଜାଣ ।।
ତାହାଙ୍କୁ ବାବା ଯେ କହିଲେ । ମାଂସ ଆଣିବ ଯାଅ ଭଲେ ।।
କେଲକାର ଯେ ବାହାରିଲେ । ବାବା ତାହାଙ୍କୁ ମନାକଲେ ।।
ବାବା ଜାଣନ୍ତି ରୀତିନୀତି । ଜୀବର ଧର୍ମପାଇଁ ଭୀତି ।।
ନୀତିଭ୍ରଷ୍ଟ ସେ ନକରନ୍ତି । ସଭିଙ୍କୁ ପ୍ରୀତି ବାଣ୍ଟିଥାନ୍ତି ।।
ମସଜିଦ ଓ ଦେବାଳୟ । ଉଭୟ ପ୍ରତି ଥିଲା ସ୍ନେହ ।।
ତାଙ୍କର କୁଳ ତ ଅଜଣା । ଉଭୟ ଧର୍ମେ ସଦ୍‌ଭାବନା ।।
ରାମନବମୀ ଆଉ ଉର୍ସ । ପାଳୁଥିଲେ ହୋଇ ହର୍ଷ ।।
ମସ୍‌ଜିଦେ ଧୁନି ଜାଳୁଥିଲେ । ଗୀତା କୋରାଣ ପଢୁଥିଲେ ।।
ସାକାର ଓ ନିରାକାରଙ୍କୁ । କହନ୍ତି ଭକ୍ତେ ପୂଜିବାକୁ ।।
ସ୍ୱଧର୍ମେ ନିଧନ ଯେ ଶ୍ରେୟ । ଭକ୍ତେ କହନ୍ତି କର ଲୟ ।।
ନାନାସାହେବ ଚନ୍ଦ୍ରାକର । ଶିରିଡ଼ି ଆସିବା ବାଟର ।।
ଦତ୍ତାତ୍ରେୟଙ୍କର ଯେ ପୂଜା । କରିଣଥାନ୍ତି ସେ ସର୍ବଦା ।।

ଥରେ ସେ ଅନ୍ୟ ବାଟ ଦେଇ । ଶିରିଡ଼ି ଆସିଲେ ପଳାଇ ।।
ତାହାଙ୍କ ଆସିବା ଦେଖିଣ । ରାଗରେ ସାଇଁ ଫଣଫଣ ।।
ନାନାଙ୍କୁ ତିଆରିଲେ ସେହି । ଏବେ ତୁ ଯାଆ ବାହୁଡ଼ାଇ ।।
ଆଗେ କରିବୁ 'ଦତ୍ତା' ପୂଜା । ତା'ପରେ ଆସିବୁ ଚାଲିଯା ।।
ସବୁ ଧରମ ଏକ ଜାଣ । କା'ରେ ନଦିଅ ଅପମାନ ।।
ଆରତି ସରିଯାଏ ଯେବେ । ବାବା ବସନ୍ତି ଏକଠାବେ ।।
ଭକ୍ତ ପ୍ରସାଦ ଆଣିଥାନ୍ତି । ବାବାଙ୍କୁ ନୈବେଦ୍ୟ କରନ୍ତି ।।
ସବୁ ଦ୍ରବ୍ୟକୁ ମିଶାଇଣ । ଅଦ୍ଭୁତ ଦ୍ରବ୍ୟ ହୁଏ ଜାଣ ।।
ସେଇ ଘାଣ୍ଟକୁ ବାବା ଧରି । ବାଣ୍ଟନ୍ତି ପରସାଦ କରି ।।
ହିମଦ ପନ୍ଥୁ ଥରେ ବସି । ପ୍ରସାଦ ଖାଉଥାନ୍ତି ହସି ।।
ଅତି ଅଧିକ ଖାଇଦେଲେ । ସହଜେ ଉଠି ନପାରିଲେ ।।
ବାବା ଯେ ପାଖକୁ ଆସିଣ । ବଢ଼ାଇଦେଲେ ଚହ୍ଲା ଜାଣ ।।
ହିମଦ ପେଟେ ହାତମାରି । କହିଲେ ବହୁତ ଖାଇଲି ।।
ଚହ୍ଲା ତ ନପାରିବି ଖାଇ । ପେଟେ ମୋହର ଜାଗା ନାହିଁ ।।
ସାଇ କହନ୍ତି ପିଅ ସର୍ବ । ଏହି ସୁଯୋଗ ନପାଇବ ।।
ସେଇ କଥାଟି ହେଲା ସତ୍ୟ । ବାବା ଚଳିଲେ ପରମାର୍ଥ ।।

ସେଦିନ ଘଟଣା ସୁମରି । ହିମଦ ହେଉଥିଲେ ଘାରି ।।
ଏହି ଚରିତ ସୁଧାମାନ । ଯେ କରେ କୀର୍ତ୍ତନ ଶ୍ରବଣ ।।
ଇହଲୋକରେ ଦୁଃଖ ନାହିଁ । ଅନ୍ତେ ବୈକୁଣ୍ଠପୁରେ ଯାଇ ।।
ସାଇଙ୍କ ସହିତେ ସେ ମିଶେ । ଜନ୍ମ ମରଣ ଚକ୍ର ନାଶେ ।।
ଅଧ୍ୟାୟ ଅଡ଼ତ୍ରିଂଶ ଶେଷ । ସୁଜନେ କର ମନତୋଷ ।।

❖

ଉନ୍ନଚତ୍ୱାରିଂଶ ଓ ପଞ୍ଚାଶତ୍ ଅଧ୍ୟାୟ

ଅଣଚାଳିଶ ପଚାଶରେ । ବିଷୟ ଏକ ବର୍ଣ୍ଣନାରେ ।।
ହିମଦ ପନ୍ଥୁ କରିଛନ୍ତି । ଶୁଣନ୍ତୁ ସେହି ସୁଧା ଗୀତି ।।
ସାଇଙ୍କ ଜନ୍ମ କର୍ମ ବାଣୀ । କେହି ନଥିଲେ ତାହା ଜାଣି ।।
ଶିକ୍ଷାଦୀକ୍ଷାର ବିଷୟରେ । କେ ଅବା ତାହାଙ୍କୁ ପଚାରେ ।।
ଭାବନ୍ତି କେ ମୁସଲମାନ । କେ ଅବା ହିନ୍ଦୁ ବୋଲି ଜାଣ ।।
ସଂସ୍କୃତେ ରହିଛି ଯେ ଜ୍ଞାନ । କରିନଥିଲେ ଅନୁମାନ ।।

ନାନାସାହେବ ଚନ୍ଦ୍ରାକର । ପଣ୍ଡିତ ବେଦାନ୍ତ ଶାସ୍ତ୍ରର ।।
ସଂସ୍କୃତେ ସୁପଣ୍ଡିତ ସେହି । କଠିନ ଶ୍ଲୋକକୁ ବୁଝାଇ ।।
ବାବାଙ୍କ ପାଦ ଘଷୁଥିଲେ । ମନରେ ଗୁଣୁଗୁଣୁ ହେଲେ ।।
ବାବା କହିଲେ କି କହୁଛ । ନାନା କହନ୍ତି ଗୀତା ଶ୍ଲୋକ ।।
ଉଚ୍ଚରେ ବୋଲୁନା କାହିଁକି । ସମସ୍ତେ ଶୁଣିବା ପାଇଁକି ।।
ଚନ୍ଦ୍ରାକର ଯେ ଦୋହରାନ୍ତି । ଗୀତାର ସେହି ଶ୍ଲୋକ ପଂକ୍ତି ।।
ତଦ୍ ବିଦ୍ଧି ପ୍ରଣିପାତେନ । ପରିପ୍ରଶ୍ନେନ ସେବୟା ।।
ଉପଦେକ୍ଷନ୍ତି ତେ ଜ୍ଞାନଂ । ଜ୍ଞାନିନ ସ୍ତତ୍ତ୍ୱଦର୍ଶିନଃ ।।
ବାବା ଯେ କହନ୍ତି ବୁଝାଅ । ନାନା କହନ୍ତି ଅର୍ଥଚୟ ।।
ସାଇ ଯେ ନୋହିଲେ ସନ୍ତୁଷ୍ଟ । କହନ୍ତି କୁହ ଗୂଢ଼ଅର୍ଥ ।।
ପ୍ରଣିପାତ ଓ ପରିପ୍ରଶ୍ନ । ଏହାର କର ଅନୁଧ୍ୟାନ ।।
କିପାଇଁ ଉପସର୍ଗ ଲାଗେ । ସେବାର ଅର୍ଥ କେଉଁ ଭାବେ ।।
'ଜ୍ଞାନଂ' ଶବଦ ବଦଳରେ । 'ଅଜ୍ଞାନଂ' ମଧ୍ୟ ହୋଇପାରେ ।।
ତା ଦ୍ୱାରା କେଉଁ ଅର୍ଥ ମିଳେ । ଭାବିଣ କହ ମୋତେ ଖରେ ।।
କୃଷ୍ଣ ପେଶନ୍ତି ଅର୍ଜୁନରେ । 'ତତ୍ତ୍ୱଦର୍ଶୀର ସନ୍ଧାନରେ ।।
କୃଷ୍ଣ କି ନୁହେଁ ତତ୍ତ୍ୱଦର୍ଶୀ । କିମ୍ପାଇ କହିଲେ ବିଶେଷି ।।

ସାଇଙ୍କ ଏପରି ତର୍ଜମା । ନାନାଙ୍କ ପାଖରେ ଅଜଣା ।।
ଭାଙ୍ଗିଲା ତାଙ୍କ ଅହଙ୍କାର । ପଣ୍ଡିତ ବୋଲି ଗର୍ବ ତା'ର ।।
ସାଇ ଯେ ବୁଝାଇଣ ଦେଲେ । ପ୍ରତି ଶବ୍ଦର ଅର୍ଥ କଲେ ।।
ପ୍ରଶ୍ନ ଓ ପରିପ୍ରଶ୍ନ ଦୁଇ । ଅଲଗା ଅର୍ଥରେ ବୁଝାଇ ।।
ପଚାରିବାକୁ ପ୍ରଶ୍ନ କହି । ଅଧ୍ୟାତ୍ମ ପରିପ୍ରଶ୍ନ ହୋଇ ।।
'ପ୍ରଣିପାତ'ର ଅର୍ଥ ଶୁଣ । ନୁହଇ ସାଷ୍ଟାଙ୍ଗ ପ୍ରଣାମ ।।
ସର୍ବତୋଭାବେ ସମର୍ପଣ । ପ୍ରଣିପାତର ଅର୍ଥ ଜାଣ ।।
'ସେବା'ର ଭାବକୁ ବୁଝିବା । ନିଜକୁ ସମ୍ପୂର୍ଣ୍ଣ ଭୁଲିବା ।।
ଦେହବୋଧକୁ ଛାଡ଼ିଦେଇ । ସେବାରେ ପ୍ରବୃତ୍ତ ଯେ ହୋଇ ।।
ଭଲ ଓ ମନ୍ଦ ନବିଚାରି । ସେବା କରିବ ହୃଦ ଭରି ।।
ଜ୍ଞାନ ଅଜ୍ଞାନ ଅର୍ଥ ଭିନ୍ନ । ଅଜ୍ଞାନ କଟିଲେ ଯେ ଜ୍ଞାନ ।।
ମଳି ଜମିଲେ ଦର୍ପଣରେ । ପ୍ରତିବିମ୍ବର ଶକ୍ତି ହାରେ ।।
ଗୁରୁ ମାଜନ୍ତି ତାକୁ ଯେବେ । ଅଜ୍ଞତା କଟିଯାଏ ତେବେ ।।
ଶିଷ୍ୟ ଯେ ନିଜେ ହୁଏ ବ୍ରହ୍ମ । ଜାଣେ ସେ ନିଜେ ପରଂବ୍ରହ୍ମ ।।
କୃଷ୍ଣ ଯେ ତତ୍ତ୍ୱଦର୍ଶୀ ଥିଲେ । ଅର୍ଜୁନେ ଖୋଜିବା କହିଲେ ।।
ଜଗତ ଦେଖ କୃଷ୍ଣମୟ । ପରମ ବ୍ରହ୍ମର ଉଦୟ ।।

ସାଇ ତ ନିଜେ ତତ୍ତ୍ୱାଧାର । ନାନାଙ୍କ ପାଣ୍ଡିତ୍ୟ ଯେ ଛାର ।।
ବାବାସାହେବ ବୁଟି ଥିଲେ । ନାଗପୁରରେ ରହୁଥିଲେ ।।
ବାବାଙ୍କ ସହିତ ମିଶିଲେ । ଶିରିଡ଼ି ଗ୍ରାମରେ ରହିଲେ ।।
ଭାବନ୍ତି କରି କୋଠାଘର । ରହିବେ ତାହାରି ମଧ୍ୟର ।।
ଦିନେ ଦେଖନ୍ତି ସପନରେ । ବାବା କହନ୍ତି ଗୋପନରେ ।।
ମନ୍ଦିର ଓ୍ୱାଡ଼ା ତୁହି କର । ଆମ୍ଭେ ଚଳିବା ସେଠାବର ।।
ଶ୍ୟାମ ବି ସେଇ ଏକାସ୍ୱପ୍ନ । ସେଦିନ ଦେଖିଥିଲେ ଜାଣ ।।
ଉଭୟେ କୁହାକୁହି ହେଲେ । ମନରେ ସନ୍ତାପ ପାଇଲେ ।।
ବାବା ଆଦେଶ ଶିରେ ଧରି । ଆରମ୍ଭ ହେଲା ଘରବାଡ଼ି ।।
ନକ୍ସା ବାବାଙ୍କୁ ଦେଖାଗଲା । ତାହାଙ୍କ ସମ୍ମତି ମିଳିଲା ।।
ଓ୍ୟାଡ଼ାର କାମ ଶେଷ ହେଲେ । ଆମ୍ଭେ ରହିବା ତହିଁ ଭଲେ ।।
ବାବାଙ୍କ ମତାମତ ନେଇ । ଉପର ମନ୍ଦିର ତୋଳାଇ ।।
କୃଷ୍ଣଙ୍କ ବିଗ୍ରହ ନିର୍ମାଣ । ବରାଦ ଦିଆଗଲା ଜାଣ ।।
ମାତ୍ରକ ବିଧିର ବିଧାନ । ତାହାକୁ କେ କରିବ ଆନ ।।
ମୁରଲୀଧରଙ୍କ ସ୍ଥାନର । ରହଇ ବାବାଙ୍କ ଶରୀର ।।

ବାବା ସମାଧି ସେଠି ନେଲେ । ମୂରଲୀଧର ବୋଲାଇଲେ ।।
ଅଧ୍ୟାୟ ସମାପତ ହେଲା । ସାଇଙ୍କ ଅଦଭୁତ ଲୀଳା ।।

❖

ଚତ୍ୱାରିଂଶ ଅଧ୍ୟାୟ

ବିବାହ ଶୋଭାଯାତ୍ରା କାଳେ । ବାବା ଯେ ଶିରିଡ଼ି ଆସିଲେ ।।
ସେଦିନୁ ରହିଛନ୍ତି ସେଠି । ବାହାରେ ବୁଲି ନଯାଆନ୍ତି ।।
କରନ୍ତି ନାନା ଲୀଳା ଖେଳା । ଭକତମାନେ ହୋନ୍ତି ଭୋଳା ।।
ଶ୍ରୀମତୀ ଦେଓ ତାହାନୁର । ଥିଲେ ସେ ଭକ୍ତ ବାବାଙ୍କର ।।
ମାନସିକ ଯେ ପୂଜାକଲେ । ବନ୍ଧୁବର୍ଗଙ୍କୁ ବରଗିଲେ ।।
ବାବାଙ୍କୁ କଲେ ନିମନ୍ତ୍ରଣ । ଉତ୍ସବେ ଆସିବା କାରଣ ।।
ସାଇ କହନ୍ତି ହସିହସି । ଯେ ମୋତେ ଯେମନ୍ତ ବିଶ୍ୱାସୀ ।।
ଗ୍ରହଣ କଲେ ନିମନ୍ତ୍ରଣ । ନିଶ୍ଚୟ ଯିବି ଏହା ଜାଣ ।।
ମୋ' ସାଥେ ଆଉ ଦୁଇଜଣ । ଏକତ୍ର କରିବୁ ଗମନ ।।

ଦେଓ ସାହେବ ଖୁସିହେଲେ । ବାବା ଯେ ଆସିବେ କହିଲେ ।।
ଉତ୍ସବ ହେଲା ଉଦ୍‌ଯାପନ । ସଭିଙ୍କ ପ୍ରସାଦ ସେବନ ।।
ଦେଓ ଯେ କିନ୍ତୁ ଭାବୁଥିଲେ । କହିଣ ବାବା ନଆସିଲେ ।।
ଚିଠି ଯେ ଲେଖିଲେ ଜୋଗଙ୍କୁ । ବାବାଙ୍କୁ ଫେରାଦ ହେବାକୁ ।।
ଚିଠି ପଢ଼ିବା ପୂରୁବରୁ । ସାଇ ଯେ କହନ୍ତି ମନରୁ ।।
ଉତ୍ସବ ଦିନ ଦେଓଘରେ । ତିନିହେଁ ମିଳିଲୁ ସେଠାରେ ।।
ଆମ୍ଭର ଚର୍ଚ୍ଚା ସେ କରିଲା । ଅଥଚ ଚିହ୍ନି ନ ପାରିଲା ।।
ବାଳକ ରୂପେ ଦୁଇଜଣ । ମୁଁ ଥିଲି ସନ୍ନ୍ୟାସୀ ବେଶେଣ ।।
ଜୋଗ ଦେଓଙ୍କୁ ଜଣାଇଲେ । ଦେଓ ଯେ ଅଶ୍ରୁ ନିବାରିଲେ ।।
ସକାଳ ପ୍ରହରୁ ଦି'ଥର । ସାଇ ଆସିଲେ ତାଙ୍କ ଘର ।।
ପ୍ରସାଦ ସେବନ ସେ କଲେ । ଦୁଇ ବାଳକ ସାଥେ ଥିଲେ ।।
ଧନ୍ୟ ସେ ସାଇଙ୍କ ମହିମା । ଭକ୍ତ ଅଭକ୍ତ ନାହିଁ ସୀମା ।।
ହିମଦ ପନ୍ତୁ ସପନରେ । ଦେଖିଲେ ସେହୁ ପ୍ରାତଃକାଳେ ।।
ବାବା ଡାକିଣ କହୁଛଇଁ । ଆସିବେ ଖାଇବାର ପାଇଁ ।।
ବିଶ୍ୱାସ ଅବିଶ୍ୱାସ ନେଇ । କହିଲେ ପତ୍ନୀ ଆଗେ ଯାଇ ।।
ସେଦିନ ହୋଲିର ଉତ୍ସବ । ଉତ୍ତମ ଖାଦ୍ୟ ରନ୍ଧାହେବ ।।

ଆସିଲେ ସାଇ ହେବ ଭଲ । ସର୍ବେ ଖାଇବା ଏକମେଳ ।।
ଭୋଜନ ବେଳ ହୋଇଗଲା । ପତର ପାଣି ପକାଗଲା ।।
ବାବାଙ୍କ ପତ୍ର ମଧ୍ୟେ ରଖି । ସର୍ବେ ବସିଲେ ହାତଟେକି ।।
ଏମନ୍ତ ସମୟ ଦୁଆରେ । କେହି ଯେ କରାଘାତ କରେ ।।
ଅଲ୍ଲୀ, ମୌଲବୀ ତହିଁ ଆସି । ପୁଡ଼ିଆ ଏକ ଦ୍ୟନ୍ତି ଖୁସି ।।
ମେଲାଣି ମାଗି ଠିଆଠିଆ । ହିମଦ ଖୋଲନ୍ତି ପୁଡ଼ିଆ ।।
ଦେଖିଲେ ସାଇ ଫଟୋଅଛି । ଭୋଜନ ସମୟେ ମିଳୁଛି ।।
ଆନନ୍ଦ କେ ପାରିବ କହି । ସପନେ ଥିଲେ ସାଇ କହି ।।
ଖାଇବା ପାଇଁକି ଆସିବେ । ନିଜର କଥା ସେ ରଖିବେ ।।
ଥୋଇଣ ପତ୍ର ନିକଟରେ । ସଭିଏଁ ନମିଲେ ପୟରେ ।।
ଧନ୍ୟ ସେ ସାଇ ଧନ୍ୟ ପହୁ । ଚାଳିଶ ଅଧ୍ୟାୟ ସମାପ୍ତ ।।

❖

ଏକଚତ୍ୱାରିଂଶ ଅଧ୍ୟାୟ

ସାଇଙ୍କ ଫଟୋ କାହିଁ ଥିଲା । କାହିଁକି ତାହା ଅଣାଗଲା ।।
ଜାଣିଲେ ଘୁଞ୍ଚିବ ସନ୍ଦେହ । ସାଇ ଯେ ସଦା ଦୟାମୟ ।।
ବୁଲାବିକାଳିଠାରୁ କିଣି । ଅଲ୍ଲୀ ଟାଙ୍ଗିଲେ ଘରେ ଆଣି ।।
ଅନ୍ୟ ସନ୍ଥଙ୍କ ଫଟୋ ଥିଲା । କାନ୍ଥରେ ଟଙ୍ଗାହୋଇଥିଲା ।।
ନିଜ ବଥର ଉପଚାର । ପାଇଁକି ଗଲେ ଶଳାଘର ।।
ସେଠାରେ ଶୁଣନ୍ତି ଯେ ସିଏ । ଫଟୋ ରଖିବା ଭଲ ନୁହେଁ ।।
ଲୋକ ପଠାନ୍ତି ଅଲ୍ଲୀଘରେ । ଫଟୋ ସବୁକୁ ଫିଙ୍ଗିବାରେ ।।
ସବୁ ଫଟୋ ଯେ ଫିଙ୍ଗାହେଲା । ଲୋକଟି ଆସିଣ କହିଲା ।।
ଅଲ୍ଲୀ ଫେରିଲେ ଯେବେ ଘର । ଦେଖିଲେ ଅଦ୍ଭୁତ ବ୍ୟାପାର ।।
ଅନ୍ୟ ଫଟୋର ଚିହ୍ନ ନାହିଁ । ସାଇଙ୍କ ଫଟୋ ଅଛି ରହି ।।
ମୌଲବୀ ପରାମର୍ଶ ମାନି । ଅଲ୍ଲୀ ଚଳିଲେ ଫଟୋ ଘେନି ।।
ହିମଦ ପନ୍ଥୁ ଘରେ ଆଣି । ଭୋଜନ ବେଳେ ଦେଲେ ପୁଣି ।।
ସାଇ ମହିମା ତାଙ୍କ କାର୍ଯ୍ୟ । ସୂତ୍ର କି ଧରିବା ସହଜ ।।

ବି.ଭି.ଦେଓ ଯେ ଭକ୍ତ ଥିଲେ । ବାବାଙ୍କ ନିକଟକୁ ଗଲେ ।।
ବାବାଙ୍କ ମହିମା ବିଷୟ । ଅନ୍ୟେ ପଚାରୁଥିଲେ ଦେଓ ।।
ବାବା ଯେ ହୋଇଣ କୁପିତ । ଭର୍ତ୍ସନା କରିଲେ ବହୁତ ।।
ତୁ ଛିଣ୍ଡାଲୁଗା ଚୋରିକରୁ । ମୋ' ଦିଆ ନୂଆ ଉପେକ୍ଷିଲୁ ।।
ମନ ତୋହର ସ୍ଥିରକର । ପଢ଼ତୁ ଗୀତା ଜ୍ଞାନେଶ୍ୱର ।।
ଜାଣିବୁ ଯେ ଅଧ୍ୟାତ୍ମବାଦ । ମନ ତୋ' ହୋଇବ ଆନନ୍ଦ ।।
ସେ ଗୀତା ପଢ଼ିବା ନିମିତ୍ତ । ଦେଓଙ୍କ ଚିନ୍ତା ଥିଲା ଚିତ୍ତ ।।
ଦେଖ ସାଇଙ୍କ ଦୟାହେଲା । ସେଇଥିପାଇଁ ଆଦେଶିଲା ।।
କଳ୍ପନା କଥାକୁ ଯେ ସାଇ । ଜାଣନ୍ତି ଯେଣୁ ଭାବଗ୍ରାହୀ ।।
ଏକଚାଳିଶ ଏ ଅଧ୍ୟାୟ । ସମାପ୍ତ ହୁଏ ରଖ ଲୟ ।।

❖

ଦ୍ୱାଚତ୍ୱାରିଂଶ ଅଧ୍ୟାୟ

ସ୍ଥୂଳ ଶରୀର ଧରି ସାଇ । ଆସି ସେ ଥିଲେ ମର୍ତ୍ତ୍ୟଭୂଇଁ ।।
ମର୍ତ୍ତ୍ୟରେ ହୋଇଲେ ଜନମ । ଅବଶ୍ୟ ହୁଅଇ ମରଣ ।।
ସବୁରି ମଧ୍ୟେ ମୃତ୍ୟୁ ସତ । ଘଟଣା ଘଟେ ଅବାରିତ ।।
ସାଇଙ୍କ ସମାଧିର ଲୀଳା । ତାହା ପୂର୍ବର ଯେଉଁ ଖେଳା ।।
ସନ ଉଣେଇଶ ଅଠର । ସତାଇଶ ଯେ ସେପ୍ଟେମ୍ବର ।।
ଜ୍ୱର ଭୋଗିଲେ ତିନିଦିନ । କରିଲେ ଖାଦ୍ୟକୁ ବର୍ଜନ ।।
ଦେହ ହୋଇଲା ହୀନବଳ । ଭକ୍ତଙ୍କ ମନ ତ ବ୍ୟାକୁଳ ।।
ପନ୍ଦର ଅକ୍ଟୋବର ଦିନ । ସାଢ଼େଦୁଇଟା ଅପରାହ୍ନ ।।
ସହଜେ ଥିଲା ଭୌମବାର । ସାଇ ଚଳିଲେ ନିଜ ଘର ।।
ବିଜୟା ଦଶମୀ ତ ଥିଲା । ସୀମା ଲଙ୍ଘନ କାର୍ଯ୍ୟ ହେଲା ।।
ଏହାର ଦି'ବର୍ଷ ପୂର୍ବରୁ । ସୂଚନା ଦେଇଥିଲେ ଗୁରୁ ।।
ଷୋହଳ ସନର ଦଶରା । ସୀମାର ଲଙ୍ଘନ ଯାତରା ।।
ଶିରିଡ଼ି ଭକ୍ତମାନେ ମିଶି । ପାଳନ୍ତି ସର୍ବ ମନଖୁସି ।।

ସାଇ ବାବା ଯେ ସଙ୍ଗେ ଥିଲେ । ହଠାତ ଅଗ୍ନିଶର୍ମା ହେଲେ ।।
କାଢ଼ି ଫିଙ୍ଗିଲେ ପିନ୍ଧାବାସ । ଲେଙ୍ଗୁଟି କାଫନି ବିଶେଷ ।।
ସମ୍ପୂର୍ଣ୍ଣ ଉଲଗ୍ନ ହୋଇଣ । କହିଲେ ଦେଖ ମୋ' ବଦନ ।।
ହିନ୍ଦୁ କି ମୁସଲିମ ମୁହିଁ । ଜାଣିଣ ଶାନ୍ତି ହୁଅ ଯାଇ ।।
ମୋହର କର୍ମକୁ ନଦେଖି । ବୃଥାରେ ହେଉଅଛ ଦୁଃଖୀ ।।
ଆଜି ମୁଁ ସୀମା ଲଙ୍ଘିଗଲି । ତୁମର ବିଜୟ ଇଚ୍ଛିଲି ।।
ବାବାଙ୍କ କଥା ହେଲା ସତ । ଦୁଇବରଷ ପରେ ମାତ୍ର ।।
ମାଟିପିଣ୍ଡକୁ ଗଲେ ଛାଡ଼ି । କୌପୁନି କାଫନି ନଲୋଡ଼ି ।।
ଯୋଗକୁ ସେହି ଦଶହରା । ସୀମା ଲଙ୍ଘନ ହେଲା ପରା ।।
ଅନ୍ୟାନ୍ୟ ଘଟଣା ଶୁଣିବା । ବାବାଙ୍କ ମହିମା ଜାଣିବା ।।
ପଟିଲ ହେଲେ ପୀଡ଼ାଗ୍ରସ୍ତ । ବଢ଼ଇ ରୋଗ ନ କମେ ତ ।।
ଭାବିଲେ ସମୟ ଆସିଲା । ବାବା ଚରଣେ ମନ ଗଲା ।।
ସ୍ୱପ୍ନରେ ଦେଖନ୍ତି ପଟିଲ । ବାବା ବସନ୍ତି ଶଯ୍ୟାପର ।।
ପଟିଲ ହୋଇଣ ବିନୟୀ । କେବେ ଛାଡ଼ିବି ଦେହ ମୁହିଁ ।।
ସାଇ କହନ୍ତି ଶୁଣ ତୁହି । ତୋ'ର ମରଣ ଏବେ ନାହିଁ ।।
ତାତିୟା ପାଇଁ ମୁଁ ଚିନ୍ତିତ । ତା'ର ମରଣ ଉପସ୍ଥିତ ।।

ଉଣେଇଶ ଅଠର ମସିହା । ଶୁକଳ ଦଶମୀ ବିଜୟା ।।
ତାତିୟା ଯିବ ସେହିଦିନ । ଏକଥା ରଖ ତୁ ଗୁପ୍ତେଣ ।।
ଏକଥା ନ କହିବୁ ତାକୁ । ଡରିବ ସେହି ମରିବାକୁ ।।
ପଟିଲ ଗୁପ୍ତେ ରଖିଥିଲେ । ସିମ୍ପିକୁ ଯାହା କହିଥିଲେ ।।
ଅଠର ମସିହା ଆସିଲା । ଆଶ୍ୱିନ ମାସ ଯେ ହୋଇଲା ।।
ଆଗରେ ବିଜୟା ଦଶମୀ । ତାତିୟା ନପାରଇ ଗମି ।।
ହୋଇଲା ସେହି ଶଯ୍ୟାଶାୟୀ । ସାଇଙ୍କ ଦେହ ଭଲ ନାହିଁ ।।
ବିଜୟା ଦଶମୀ ଦିନରେ । ଉଭୟ ଶୁଅନ୍ତି ଶଯ୍ୟାରେ ।।
ତାତିୟା ଅବସ୍ଥା ଖରାପ । ଦେଖି ଚିନ୍ତିତ ସର୍ବଲୋକ ।।
ସାଇ କି ବିଚାରିଣ ମନ । ତାତ୍ୟାକୁ ଦେଇ ଜୀବଦାନ ।।
ନିଜେ ଚଳିଲେ ନିଜ ଆଳ । ଭକ୍ତ ଯେ ଡହଳବିକଳ ।।
କେତେକ କହନ୍ତି ଯେ ସାଇ । ନିଜ ମରଣ କଥା କହି ।।
ତାତିୟା ମୁଣ୍ଡରେ ବୋଳନ୍ତି । ଭକତମାନଙ୍କୁ ଭୁଲାନ୍ତି ।।
ପଣ୍ଢାରପୁରେ ଦାସଗଣୁ । ସ୍ୱପ୍ନେ ମିଳନ୍ତି ସାଇ ତେଣୁ ।।
ଶିରିଡ଼ି ଛାଡ଼ି ମୁଁ ଆସିଲି । ତୋତେ ଯିବାକୁ ଆଦେଶିଲି ।।
ବକୁଳ ଫୁଲ ଏଠୁ ନିଅ । ଫୁଲରେ ମତେ ତୁ ସଜାଅ ।।

ଚିଠି ବି ଆସେ ଶିରିଡ଼ିରୁ । ଶୋକ ଜର୍ଜର ଦାସଗଣୁ ।।
ମହାସମାଧି ପୂରୁବରେ । ଆପେ ବସନ୍ତି ବିଛଣାରେ ।।
ଡାକିଲେ ସେ ଲକ୍ଷ୍ମୀବାଈଙ୍କୁ । ନ' ଟଙ୍କା ଦିଅନ୍ତି ତାହାଙ୍କୁ ।।
ଲକ୍ଷ୍ମୀବାଈ ଯେ ଆଉଦିନେ । ଥିଲେ ସେ ବାବା ସନ୍ନିଧାନେ ।।
ଭୋକ ଲାଗୁଛି ଭାରି ମତେ । ଲକ୍ଷ୍ମୀ ଯେ ଗମିଲେ ତୁରିତେ ।।
ଆଣିଲେ ଯେଉଁ ଡାଲିରୁଟି । ସାଇ ତା କୁକୁରେ ଦିଅନ୍ତି ।।
କହନ୍ତି ମୋ'ର ଭୋକ ଗଲା । ଖାଦ୍ୟ ଯେ ଶ୍ୱାନ ପେଟେ ଗଲା ।।
ବାପୁ ଓ କାକାସାହେବଙ୍କୁ । ଡାକିଣ କହନ୍ତି ତାହାଙ୍କୁ ।।
ଦୁହେଁ ଚଞ୍ଚଳ ଓ୍ୱାଡ଼ାଯିବ । ସେଠାରେ ତୁମ୍ଭେ ଯେ ଖାଇବ ।।
ଖାଇବା ତାଙ୍କ ସରିନାହିଁ । ବାବା ଛାଡ଼ିଲେ ମର୍ତ୍ତ୍ୟଭୂଇଁ ।।
ବାୟାଜୀ କୋଟେଙ୍କ କୋଳରେ । ଶୋଇଲେ ସେ ଶେଷ ବେଳାରେ ।।
ନିଜର କାର୍ଯ୍ୟ କରି ଶେଷ । ସାଇ ଗମିଲେ ନିଜ ବାସ ।।
ସୁଜନେ ଦୋଷ ମୋ' ନଧର । ମୁଁ ତୁମ୍ଭ ଦାସର କିଙ୍କର ।।
ଅଧ୍ୟାୟ ବୟାଳିଶ ଥିଲା । ସାଇ ସାରିଲେ ମର୍ତ୍ତ୍ୟଲୀଳା ।।

❖

ତ୍ରୟସ୍ତ୍ରାଂଶ ଓ ଚତୁସ୍ତ୍ରାଂଶ ଅଧ୍ୟାୟ

ସାଇ ଜାଣିଣ ନିଜ ଶେଷ । ଭାଜକୁ କରନ୍ତି ଆଦେଶ ।।
'ରାମ ବିଜୟ' ପାରାୟଣ । କର ତୁ ମସଜିଦେ ଜାଣ ।।
ପୋଥି ହୋଇଲା ଯେବେ ଶେଷ । ବାବା ଆଦେଶ ଅହର୍ନିଶ ।।
ପୋଥି ହୋଇବ ପାରାୟଣ । ଶୁଣିବେ ଭକ୍ତ ଜନଗଣ ।।
ଏଗାର ଦିନ ବିତିଗଲା । ଭାଜ ଯେ କ୍ଲାନ୍ତ ବୋଧକଲା ।।
ମହାସମାଧି ତିନିଦିନ । ପୂର୍ବରୁ ବାବା ସଚେତନ ।।
ପ୍ରସ୍ତୁତି ପର୍ବ ଆରମ୍ଭିଲେ । ସଂସାର କର୍ମ ଛାଡ଼ିଦେଲେ ।।
ଛାଡ଼ିଲେ ସକାଳ ଭ୍ରମଣ । ଭିକ୍ଷା ଓ ଦକ୍ଷିଣା ମାଗଣ ।।
କାକା ଓ ବୁଟି ରହୁଥିଲେ । ବାବାଙ୍କ ସାଙ୍ଗେ ଖାଉଥିଲେ ।।
ନିଜ ମରଣ କାଳ ଜାଣି । ଡାକି କହନ୍ତି ତାଙ୍କୁ ବାଣୀ ।।
ଦୁହେଁ ଚଞ୍ଚଳ ଓ୍ୱାଡ଼ା ଯିବ । ସେଠାରେ ପ୍ରସାଦ ଖାଇବ ।।
ବାୟାଜୀ କୋଟେ, ସିମ୍ପି, ଶ୍ୟାମ । ଲକ୍ଷ୍ମଣ, ଲକ୍ଷ୍ମୀ, ଭାଗୋ, ନିମୋ ।।
ଏମାନେ ପାଖ ନଛାଡ଼ନ୍ତି । ବାବାଙ୍କୁ ଆବୋରି ରହନ୍ତି ।।

ଲକ୍ଷ୍ମୀଙ୍କୁ ନଅଟଙ୍କା ଦେଇ । କହିଲେ ଭଲ ଲାଗୁ ନାହିଁ ।।
ଛାଡ଼ିବା ଚାଲ ମସଜିଦ । ଯିବା ଯେ ବୁଟିଙ୍କ ପ୍ରାସାଦ ।।
ସେଠାରେ ପଥର ଚଟାଣ । ଲାଗିବ ନିଶ୍ଚେଁ ଭଲ ଜାଣ ।।
ଏକଥା କହିବା ପରରେ । ଆଉଜେ ବାୟାଜୀ କୋଳରେ ।।
ଭାଗୋଜୀ ନାଡ଼ି ଦେଖିକରି । ନିଃଶ୍ୱାସ ଗଲା ଯେ ବାହାରି ।।
ନିମୋ ଦିଅନ୍ତି ମୁଖେ ଜଳ । ତାହା ଯେ ହୁଅଇ ବାହାର ।।
କହନ୍ତି ବାବା ଏ କି ହେଲା । 'ଆଃ' ଶବଦ ଶୁଣାଗଲା ।।
ବାଡ଼ବାନଳପ୍ରାୟ ବ୍ୟାପେ । ଖବର ଜାଣିଲେ ଯେ ଲୋକେ ।।
ଧାଇଁଲେ ବୃଦ୍ଧ ବାଳ ଯୁବା । ସର୍ବେ ଭାବନ୍ତି ନିଜ ବାବା ।।
ବିକଳେ କରନ୍ତି କ୍ରନ୍ଦନ । ସେ ଦୃଶ୍ୟ କେ କରେ ବର୍ଣ୍ଣନ ।।
କେତେ କହନ୍ତି ଧୈର୍ଯ୍ୟ ଧର । ଚାଲ ହେ କରିବା ସଂସ୍କାର ।।
ସଂସ୍କାରେ ମତଭେଦ ଦୁଇ । ହିନ୍ଦୁ ଓ ମୁସଲିମ କହି ।।
କବର ହେବ କି ସମାଧି । ଏହି କଥାରେ ଗୋଳବାନ୍ଧି ।।
ଦୁଇବରଷ ତଳେ ବାବା । ଏଇଥିପାଇଁ ଉଗ୍ରଭାବା ।।
ହିନ୍ଦୁ ମୁସଲିମ ବିବାଦ । ତୁଚ୍ଛା କଥାରେ ବୃଥା ଦ୍ୱନ୍ଦ୍ୱ ।।
ତଥାପି ନ ଚେତିଲେ କେହି । ବିବାଦ ବଢ଼େ, କମେ ନାହିଁ ।।

ଲକ୍ଷ୍ମଣ ମାମା ସ୍ୱପ୍ନେ ଆସି । ବାବା କହନ୍ତି ହସିହସି ।।
ମୁହିଁ ତ ଯାଇନାହିଁ ଦୂର । ରହିଛି ସଦା ଏହିଠାର ।।
ଯାଅତୁ ଗତି ଶୀଘ୍ରକର । କାକଡ଼ ଆରତିର ବେଳ ।।
ଉଚ୍ଛୁର ହୋଇବା ପୂର୍ବରୁ । ତୁହି ଯେପରି କାର୍ଯ୍ୟ ସାରୁ ।।
ମୌଲବୀ ବାଧା ଦେଉଥିଲେ । କାହାରି କଥା ନଶୁଣିଲେ ।।
ଶ୍ୟାମଙ୍କ ମାମୁଁ ସେ ନୈଷ୍ଠିକ । ବ୍ରାହ୍ମଣ ପୁଣି ସେ ପୂଜକ ।।
ମଧ୍ୟାହ୍ନ ଆରତି ବି ହେଲା । ଭକ୍ତମାନଙ୍କ ଭିଡ଼ଥିଲା ।।
ସମସ୍ତେ ହେଲେ ଏକମତ । ଓ୍ୱାଡ଼ାରେ ସମାଧି ସିଦ୍ଧାନ୍ତ ।।
ମୁରଲୀଧର ସ୍ଥାନଠାର । ରହିଲା ବାବାଙ୍କ ଶରୀର ।।
ଛବିଶ ଘଣ୍ଟା ଅତିକ୍ରାନ୍ତ । ଶରୀର ରହିଅଛି କାନ୍ତ ।।
କାଫନି ଲେଙ୍ଗୁଟି ବାହାର । ଦି'ବର୍ଷ ତଳେ ଯେ ପ୍ରକାର ।।
ସାଇ ରହିଲେ ଦିବ୍ୟସ୍ଥାନ । ଭକ୍ତଙ୍କୁ କରନ୍ତି କଲ୍ୟାଣ ।।
ଶରୀର ଥାଇ ଯେଉଁପରି । ଶରୀର ଗଲା ସେହିପରି ।।
ମହାପ୍ରୟାଣ ତିନିଦିନ । ଆଗରୁ ଏହିକଥା ଜାଣ ।।
ମସ୍‌ଜିଦେ ଇଟାଟିଏ ଥିଲା । କେଉଁ କାଳରୁ ରହିଥିଲା ।।
ବାବା ରଖନ୍ତି ପାରୁଶରେ । ହାତ ପକାନ୍ତି ତା' ଉପରେ ।।

କେବେ ବସନ୍ତି ଆଉଜିଣ । ଶରୀର ଭାରା ବହେ ଜାଣ ।।
ମାଧବ ଫାସଲେ ହାତରେ । ଉଠାଇ ସଫା କରୁଥିଲେ ।।
ଦୈବାତ ତଳେ ପଡ଼ିଗଲା । ମଝିରୁ ଦୁଇଗଡ଼ ହେଲା ।।
ବାବା କହିଲେ ସାବଧାନ । ଭାଗ୍ୟ ଭାଙ୍ଗିଲା ବୋଲି ଜାଣ ।।
ଘଟଣା ତିନିଦିନ ପରେ । ବାବା ଚଳିଲେ ନିଜ ପୁରେ ।।
ଆହୁରି ଏକ ଲୀଳା ଶୁଣ । ହୋଇବ ଦୂର ବାଧାବିଘ୍ନ ।।
ଅଠରଶହ ଛୟାଅଶୀ । ପୂର୍ଣ୍ଣିମା ମାର୍ଗଶିର ମାସି ।।
ବାବାଙ୍କୁ ଶ୍ୱାସରୋଗ ହେଲା । କଷ୍ଟରେ ନିଶ୍ୱାସ ଚଳିଲା ।।
ମହଲାଶ ପତିଙ୍କୁ ଡାକି । କହନ୍ତି ମତେ ଜଗିବ କି ।।
ତିନିଦିନର ମଧ୍ୟେ ମୁହିଁ । ଦେଖିବ ଯେବେ ଫେରେନାହିଁ ।।
କରିବ ଯଥାବିଧି କାମ । ମୋହର ହେଲା ବିଧି ବାମ ।।
ତଳେ ସେ ପଡ଼ିଲେ ତକ୍ଷଣି । ନିଃଶ୍ୱାସ ଯାଏନାହିଁ ଜାଣି ।।
ଖବର ଯହୁଁ ବ୍ୟାପିଗଲା । ଲାଗିଲା ଲୋକଙ୍କର ମେଳା ।।
କିଏ କହିଲା କେତେକଥା । ଲାଗିଛି ଗହଳି ଅଯଥା ।।
ଚଞ୍ଚଳ କରହେ ସଂସ୍କାର । ମିଛରେ କରୁଛ ଉଚ୍ଚୁର ।।
ମାତ୍ରକ ମହଲାଶ ପତି । ସେଥିକି କାନ ନ ଦିଅନ୍ତି ।।

ହନୁମନ୍ତର ପ୍ରାୟେ ସିଏ । ସାଇଙ୍କୁ ପହରା ତ ଦିଏ ।।
ତିନିଦିନ ଓ ତିନିରାତି । ସାଇ ସେମିତି ପଡ଼ିଛନ୍ତି ।।
ତୃତୀୟ ରାତ୍ର ତିନିଟାରେ । ବାବାଙ୍କ ପ୍ରାଣ-ପକ୍ଷୀ ଫେରେ ।।
ବାବା ଅଛନ୍ତି ସବୁକାଳେ । ଆମର ଦୃଷ୍ଟି ଆଢୁଆଳେ ।।
ମୃତ୍ୟୁରେ ନୁହନ୍ତି ଉଭାନ । ରହିଅଛନ୍ତି ସର୍ବସ୍ଥାନ ।।
ବାପୁ ସାହେବ ଜୋଗ ଥିଲେ । ବାବା ଆରତି କରୁଥିଲେ ।।
ଏକନାଥଙ୍କ ଭାଗବତ । ଗୀତାର ବୁଝାନ୍ତି ମହତ୍ତ୍ୱ ।।
ତଥାପି ମନ ଶାନ୍ତ ନାହିଁ । ଦୁଃଖରେ ସାଇ ପାଶେ ଯାଇ ।।
କହିଲେ ମୋର ଭାଗ୍ୟ କେବେ । ଉଦୟ ହେବ କୁହ ତୁମେ ।।
ସାଇ କହନ୍ତି ଶୁଣ ସୁତ । ତୋ' ପାପ ହେବ ଭସ୍ମୀଭୂତ ।।
ସନ୍ନ୍ୟାସ ଜୀବନ ଆସିବ । ଭିକ୍ଷା ମାଗିଣ ଦିନ ଯିବ ।।
ଫଳିଲା ବାବାଙ୍କର ବାଣୀ । ମହାପ୍ରୟାଣ ପରେ ଜାଣି ।।
ହୋଇଲା ପତ୍ନୀଙ୍କ ବିୟୋଗ । ସନ୍ନ୍ୟାସୀ ହୋଇଗଲା ଜୋଗ ।।
ଜୀବନ ତାଙ୍କ ହେଲା ଧନ୍ୟ । ଧନ୍ୟ ସେ ସାଇ ପରବ୍ରହ୍ମ ।।
ବାବା ତ ନିଜେ କହିଛନ୍ତି । ମୋତେ ଯେ ମନ ପ୍ରାଣ ଦ୍ୟନ୍ତି ।।
ମୋହରେ ଯେ କରେ ସ୍ମରଣ । ମୋ' ଚିନ୍ତା କରେ ଅନୁକ୍ଷଣ ।।

ମୋହର ଅତି ପ୍ରିୟ ସେହି । ମୋ' ସଙ୍ଗେ ଏକାନ୍ତ ହୁଅଇ ।।
କୀଟରୁ ବ୍ରହ୍ମ ପରିଯନ୍ତେ । ସାଇ ବିହରେ ସବୁ ଗାତ୍ରେ ।।
ବାବାଙ୍କ ଲୀଳାର ଅମୃତ । ଯେ ଶୁଣେ, ପଢ଼େ, ସେ କୃତାର୍ଥ ।।
ସକଳ ଦୁଃଖ ପାପ ଯାଏ । ଅନ୍ତେ ବୈକୁଣ୍ଠ-ଗତି ପାଏ ।।
ଏ ଦୁଇ ଅଧ୍ୟାୟ ସମାପ୍ତ । ସାଇ ଚରଣେ ଦେଇ ମାଥ ।।
ଛନ୍ଦରେ କହେ ଶୋଭାକର । ତ୍ରୁଟି ବିଚ୍ୟୁତି ମୋ ନଧର ।।

ଇତିଶ୍ରୀ ସାଇଟୀକା ଷଷ୍ଠଦିବସ ପାରାୟଣ ସମାପ୍ତ ।

❖

ପଞ୍ଚଚତ୍ୱାରିଂଶ ଅଧ୍ୟାୟ

(ବୁଧବାର ପାରାୟଣ)

ସାଇଙ୍କ ଲୀଳା ଉପାଖ୍ୟାନ । ତୁଟାଏ ଏ ଭବ ବନ୍ଧନ ।।
ଯାହା ଘଟୁଣଥିଲା ସେବେ । ଏବେ ବି ସେକଥା ସମ୍ଭବେ ।।
ସୁଜନେ ମନ ଦେଇ ରସ । ମୂଳଟି ଅଟଇ ବିଶ୍ୱାସ ।।
ଇନ୍ଦ୍ରିୟବୋଧ ଛାଡ଼ିଦେବ । ଗୁରୁଙ୍କୁ ସର୍ବ ସମର୍ପିବ ।।
କିଛି ଇନ୍ଦ୍ରିୟ ବାଦ କଲେ । କୁପଥେ ଟାଣି ନ୍ୟନ୍ତି ଭଲେ ।।
ଗୁରୁ କୃପାରୁ ମିଳେ ସତ୍ୟ । ବିଷୟା ବିଷେ ଅନାସକ୍ତ ।।
ଗୁରୁହିଁ ବ୍ରହ୍ମା ଗୁରୁ ବିଷ୍ଣୁ । ଅନୁଭବର ଏହା ହେତୁ ।।
କାକାସାହେବ ଭାଗବତ । ପଢ଼ିଣଥାନ୍ତି ଏହା ନିତ୍ୟ ।।
ପଢ଼ିଣ ଅନ୍ୟକୁ ବୁଝାନ୍ତି । ଭାବରେ ଗଦଗଦ ହୋନ୍ତି ।।
ଥରେ ନିରାଶା ଭାବ ଆସି । ହୃଦୟ ଧଇଲା ଆକର୍ଷି ।।
କହିଲା ଆମ୍ଭେ ଅଟୁ ଦୀନ । ଭକ୍ତିଭାବର ନାହିଁ ଚିହ୍ନ ।।
ବିଅର୍ଥେ ଆମ ଜୀବ ଯିବ । ଅନ୍ତେ ନରକ ଗତି ହେବ ।।

ଶ୍ୟାମ ଶୁଣିଲେ ସେହି କଥା । କହିଲେ ତୁମ୍ଭ ଚିନ୍ତା ବୃଥା ।।
ସାଇ ତ ଆମ୍ଭର ଈଶ୍ୱର । ପାଲୁଛୁ ଆମେ ତାଙ୍କ ଗିର ।।
ସେ ଯେଉଁ ପଥ ଦେଖାଇଲେ । ସେଇ ପଥରେ ଗମୁଁ ଭଲେ ।।
ନିଶ୍ଚୟ ହୋଇବେ ସେ ସାହା । ମୋର ବିଶ୍ୱାସ ଅଟେ ତାହା ।।
ପରଦିନ ଯେ ଭାଗବତ । ପଢ଼ାଚାଲିଛି ପୂର୍ବବତ ।।
ଆନନ୍ଦ ରାଓ ଜଣେ ଆସି । ଶ୍ୟାମଙ୍କୁ ଖୋଜିଲେ ବିଶ୍ୱାସୀ ।।
କାନରେ ଫିସ୍‌ଫିସ୍ କହେ । ସଭିଙ୍କ ଦୃଷ୍ଟିକୁ ସେ ଯାଏ ।।
କାକା ଯେ ପଚାରେ ଶ୍ୟାମଙ୍କୁ । କି କଥା କହୁନ ଆମକୁ ।।
ଶ୍ୟାମ କହିଲେ ବାବା ବାଣୀ । ତୁମ ସଂଶୟ ଛନ୍ତି ଜାଣି ।।
ଏହି ଭକ୍ତଙ୍କୁ ସ୍ୱପ୍ନାଦେଶେ । ବାବା ପଠାନ୍ତି ତୁମ୍ଭ ପାଶେ ।।
ଭକ୍ତ ଦେଖିଲେ କାଲି ସ୍ୱପ୍ନ । ସାଗର ମଧ୍ୟରେ ଆସୀନ ।।
ଭକ୍ତେ କହିଲେ ଦୃଢ଼ ସ୍ୱରେ । ଆଶଙ୍କା ନରଖ ମନରେ ।।
ତୁମ୍ଭର ହୋଇବ ମଙ୍ଗଳ । ଦୃଢ଼ ଭାବରେ ମତେ ଧର ।।
ପଡ଼ ମୋହର ପଦତଳେ । ତୁମ୍ଭଙ୍କୁ ଉଦ୍ଧାରିବି ହେଳେ ।।
ସ୍ୱପ୍ନରେ ଆଦେଶ ସେ ପାଇ । ଆଣନ୍ତି ଲୁଗା ମୋର ପାଇଁ ।।
ମାତ୍ର ଆଦେଶ ମୋତେ ନାହିଁ । ଲୁଗା ମୁଁ ନେବି କେଉଁପାଇଁ ।।

କାକା ଯେ ପକାଇଲେ ଗୁଳା । 'ନିଅ' ବୋଲିଣ ସେ ଉଠିଲା ।।
ବାବାଙ୍କ ପଟାରେ ଶୟନ । ଦଶମ ଅଧ୍ୟାୟେ ବର୍ଣ୍ଣନ ।।
ହିମଦ ପୁଣି ସୁମରନ୍ତି । ଏହି ଅଧ୍ୟାୟେ କିଛି ପଂକ୍ତି ।।
ପଇଁଚାଳିଶି ଅଧ୍ୟାୟରେ । ସାଇ ମହିମା ବର୍ଣ୍ଣିବାରେ ।।
ଲେଖିବା କରିଲି ସାହସ । ଭଣଇ ଶୋଭାକର ଦାସ ।।

❖

ଷଟ୍‌ଚତ୍ୱାରିଂଶ ଅଧ୍ୟାୟ

ଗୁରୁ ଓ ଶିଷ୍ୟଙ୍କ ସମ୍ବନ୍ଧ । ଏକକ, ଅଭିନ୍ନ, ଅଭେଦ ।।
ଗୁରୁ ହିଁ ଶିଷ୍ୟଙ୍କ ରୂପରେ । ସଂସାର ମଧ୍ୟରେ ବିହରେ ।।
ପ୍ରଥମେ ବୃକ୍ଷ କିମ୍ବା ମଞ୍ଜି । କିଏ ପାରିଛି ତାକୁ ବୁଝି ।।
ଗୁରୁଙ୍କୁ ଯେହୁ ଆଶ୍ରାକରେ । ଗୁରୁ ରହନ୍ତି ତା' ମଧ୍ୟରେ ।।
ଶ୍ୟାମଙ୍କ ଗୟାଯାତ୍ରା କଥା । ଶୁଣିଲେ ହରେ ମନୁ ବ୍ୟଥା ।।
ଦୀକ୍ଷିତ ଏବଂ ଚନ୍ଦ୍ରକର । ଉତ୍ସବ କରିଲେ ଗ୍ରାମର ।।

ବାବାଙ୍କୁ କଲେ ନିମନ୍ତ୍ରଣ । ବାବା କହିଲେ ଯାଉ ଶ୍ୟାମ ।।
ମୁଁ ନିଶ୍ଚେ ଯିବି ତା ଆଗର । ନେବି ମୁଁ ଭଲ ମନ୍ଦ ଭାର ।।
ଶ୍ୟାମ ସହିତ ଆପ୍ପାଗଲା । ତୀର୍ଥଦର୍ଶନ ଇଚ୍ଛାକଲା ।।
ଉତ୍ସବେ ଦୁହେଁ ଯୋଗଦେଲେ । ଭୋଜନ ଦକ୍ଷିଣା ପାଇଲେ ।।
ଗୟାରେ ଯାଇ ପହଞ୍ଚିଲେ । ପ୍ଲେଏଗ ଲାଗିଛି ଶୁଣିଲେ ।।
ମନ ହୋଇଲା ଦକଦକ । ମିଳଇ ଏକ ଯେ ପୂଜକ ।।
କହନ୍ତି କିମ୍ପା ଡେରିକର । ସମୟ ହେଲାଣି ଉଚ୍ଚୁର ।।
ପ୍ଲେଗର ଭୟ ନାହିଁ ଲେଶ । ମୋ' ଘରେ ତୁମ୍ଭେ କରବାସ ।।
ଶ୍ୟାମ ଯେ ବିଶ୍ୱାସ କରିଲେ । ପୂଜକ ସହିତ ଗମିଲେ ।।
ଆଶ୍ଚର୍ଯ୍ୟ ହୋଇଲେ ସେ ଯାଇ । ବାବାଙ୍କ ଛବି ରହିଛଇ ।।
ଏ ଛବି କିପରି ମିଳିଲା । ଶ୍ୟାମ ପଣ୍ଡାଙ୍କୁ ପଚାରିଲା ।।
ଶିରିଡ଼ି ମୁହିଁଯାଇଥିଲି । ଶ୍ୟାମଙ୍କ ଗୃହରେ ରହିଲି ।।
ସାଇବାବାଙ୍କ ଆଦେଶରେ । ଶ୍ୟାମ ଏ ଛବି ଦେଇଥିଲେ ।।
ଏ ଶ୍ୟାମ ସେ ଶ୍ୟାମ ଜାଣିଲେ । ସସ୍ନେହେ କୋଳାକୋଳି ହେଲେ ।।
ହାତୀ ଓ ପାଲିଙ୍କି ଯୋଗାଇ । ଶ୍ୟାମଙ୍କୁ ଗୟାରେ ବୁଲାଇ ।।
ଶ୍ୟାମ ଶରୀର ରୋମାଞ୍ଚିତ । ବାବାଙ୍କ ସ୍ନେହ କେତେ ସତ ।।

କହିଲେ ମୁହିଁ ଆଗ ଯିବି । ଭଲ ଓ ମନ୍ଦ ମୁଁ ବୁଝିବି ।।
ଗୁରୁ ଶିଷ୍ୟଙ୍କ ଏହି ବାର୍ତ୍ତା । ଭବ-ସାଗରେ ନୌକାଯଥା ।।
ଲେଣ୍ଡି ବଗିଚାଠାରୁ ସାଇ । ମସ୍‌ଜିଦେ ଫେରୁଥିଲେ ସେହି ।।
ବାଟେ ଦେଖନ୍ତି ଛେଳି ପଲ । ପଶନ୍ତି ତାହାର ଭିତର ।।
ଦୁଇଟି ଛେଳି ଧରିଆଣି । ବତିଶ ଟଙ୍କା ଦ୍ୟନ୍ତି ଗଣି ।।
ଚାରିଟଙ୍କା ଯେ ପୁଣି ଦ୍ୟନ୍ତି । ବୁଟ ଆଣିବ ଯା କହନ୍ତି ।।
ବୁଟ ଆସିଲା, ଦୁଇ ଛେଳି । ଆନନ୍ଦେ କରନ୍ତି ପାକୁଳି ।।
ଛେଳି ଦୁହିଁଙ୍କୁ ଗଲ କଲେ । ମାଲିକେ ଫେରାଇଣ ଦେଲେ ।।
ଲୋକେ କହନ୍ତି ଏ କି ମାୟା । ବାବା କି ହୋଇଗଲେ ବାୟା ।।
ଆଠଟି ଟଙ୍କା ଦର ହେବ । ବତିଶ ଟଙ୍କା ଦେଲେ ଦେବ ।।
ବୁଟ ତାହାଙ୍କୁ ଖୁଆଇଲେ । ମାଲିକେ ଛେଳି ଫେରାଇଲେ ।।
ଛେଳି-ମାଲିକ ଛେଳିନେଲା । ବତିଶ ଟଙ୍କା ବୃଥା ଗଲା ।।
ଶ୍ୟାମ ଯେ ପଚାରେ ରହସ୍ୟ । ବାବା କହନ୍ତି ହସହସ ।।
ପୂର୍ବ ଜନ୍ମରେ ଏହି ଦୁଇ । ସେମାନେ ଥିଲେ ଭାଇଭାଇ ।।
ମନୁଷ୍ୟ ଜନ୍ମ ପାଇଥିଲେ । କାଳେ ମୋହର ସଙ୍ଗ ହେଲେ ।।
ବଡ଼ଭାଇଟି ଆଳସ୍ୟରେ । ସମସ୍ତ ଧନ ଖର୍ଚ୍ଚକରେ ।।

ସାନଭାଇର ଧନପ୍ରତି । ବଢ଼ିଲା ତାହାର ଆସକ୍ତି ।।
ଶତ୍ରୁତା ଅଧିକ ବଢ଼ିଲା । କଳିଗୋଳରେ ମୃତ୍ୟୁହେଲା ।।
ଠେଙ୍ଗାରେ ମାରେ ବଡ଼ଭାଇ । ସାନ ଯେ କୁରାଢ଼ି ହାଣଇ ।।
ଉଭୟେ ମୃତ୍ୟୁକୁ ଲଭିଲେ । ଛେଳି ଭାବରେ ଜନ୍ମନେଲେ ।।
ଉଭୟ ପୁଣି ହେବେ ହଣା । ଅଳପ ଦିନେ ଅଛି ଜଣା ।।
ଅନ୍ୟକୁ ହାଣିଥିଲେ ଯେଣୁ । ନିଜେ ହୋଇବେ ହଣା ତେଣୁ ।।
ପୂର୍ବର ସ୍ନେହବଶ ଭାବେ । ଗେଲକରିଲି ତାଙ୍କୁ ଲବେ ।।
ଭାବୁଛ ମୁହିଁ ଠକିଗଲି । ବତିଶ ଟଙ୍କାରେ କିଣିଲି ।।
ଯଦି ନଥାନ୍ତି ଟଙ୍କାଦେଇ । ମାଲିକ କିମ୍ବା ଥାନ୍ତା ରହି ।।
ବୁଝିଲେ ସାଇଙ୍କ ଭାବକୁ । ହୀନ ପ୍ରାଣୀ ବି ପାଏ ତାଙ୍କୁ ।।
ଅଧ୍ୟାୟ [redacted] ଗଲା ଛୟାଳିଶ । ଭଣିଲା ଶୋଭାକର ଦାସ ।।

❖

ସପ୍ତଚତ୍ୱାରିଂଶ ଅଧ୍ୟାୟ

ସାଇ ଅମୃତ କଥାରସ । ପାନ କରିଲେ ମନ ତୋଷ ।।
ପୂର୍ବ ଦୁଷ୍କୃତି କ୍ଷୟଯାଏ । ଭବ-ବନ୍ଧନୁ ମୁକ୍ତହୁଏ ।।
ଯେ ଏହା ପଢ଼ିବ ଶୁଣିବ । ଅନ୍ୟକୁ ଅର୍ଥ ଯେ କହିବ ।।
ପାପ ତାହାର କ୍ଷୟଯିବ । ରାଜଦଣ୍ଡରୁ ମୁକ୍ତ ହେବ ।।
ସାପ ଓ ବେଙ୍ଗଙ୍କ କାହାଣୀ । ଶୁଣନ୍ତୁ ମନଦେଇ ପୁଣି ।।
ବାବା ମୁଖରୁ ଏହା ଶୁଣା । ମସଜିଦରେ ଏହା ଜଣା ।।
ସକାଳେ ଏକ ନଦୀକୂଳେ । ଧୀର ପବନେ ବୁଲୁଥିଲେ ।।
ଚିଲମ ଟାଣିବାର ପାଇଁ । ଅଗ୍ନି ସଂଯୋଗ କଲେ ସାଇଁ ।।
ଜଣେ ପଥିକ ଆସି ତହିଁ । ବାବାଙ୍କୁ ଗୃହେ ଆମନ୍ତ୍ରଇ ।।
ଏକାଳେ ଶୁଭେ ବେଙ୍ଗ ରଡ଼ି । ଏ କିସ ବୋଲି ସେ ପଚାରି ।।
କହିଲି ବେଙ୍ଗ ଯେ ଗିଳୁଛି । ବିରାଟ ସାପ ତହିଁ ଅଛି ।।
ପଥିକ ଦେଖିବାକୁ ଗଲା । ଭୟରେ ମୋ' ପାଶେ ଫେରିଲା ।।
କହିଲା ସାପଟି ଯେ ବଡ଼ । ଖିଳିବ ବେଙ୍ଗ ଏହା ଦୃଢ଼ ।।

କହିଲି ତାହା ହେବନାହିଁ । ତା'ର ରକ୍ଷକ ଅଟେ ମୁହିଁ ।।
ମୋର ନିର୍ଦ୍ଦେଶ ସାପ ମାନି । ବେଙ୍ଗ ଛାଡ଼ିଲା ତତକ୍ଷଣି ।।
ପଥିକ ଆଶ୍ଚର୍ଯ୍ୟ ହୋଇଲା । ଗୂଢ଼ ରହସ୍ୟ ପଚାରିଲା ।।
ଚେମ୍ପାସ୍ପା ଭଦ୍ରପ୍ପା ଯେ ଦୁହେଁ । ଦୁଇ ଜନ୍ମର କଥା ଇଏ ।।
ଭଦ୍ରପ୍ପା କୂଟ ଆଚରିଲା । ମନ୍ଦିର ଅର୍ଥ ମାରିନେଲା ।।
ମନ୍ଦିର କାର୍ଯ୍ୟ ଅସଂପୂର୍ଣ୍ଣ । ମାଗଇ ଆଉ ଦିଅ ଧନ ।।
ପତ୍ନୀ ତାହାର ଧର୍ମେ ମନ । କାଢ଼ିଲା ଅଳଙ୍କାର ମାନ ।।
ସ୍ୱାମୀଙ୍କ ହାତେ ଟେକିଦେଲା । ମନ୍ଦିର ତୋଳ ସେ ବୋଇଲା ।।
ସ୍ୱାମୀଟି ତାହାର ନିଷ୍ଠୁର । ଗହଣା ଲୁଚାଏ ପାଖର ।।
କହେ ଅଳପ ଧନ ହେଲା । କିଣିଲି ଏକ ଜମି ଭଲା ।।
ଦାନ ଯେ ଦେଲି ଦେବତାଙ୍କୁ । ନିତି ତାଙ୍କର ଚଳିବାକୁ ।।
ପ୍ରକୃତେ ଜମି ସେ ନକିଣି । ବନ୍ଧା ଭାବରେ ଥିଲା ଆଣି ।।
ଦୁବକୀ ନାମେ ଥିଲା ନାରୀ । ଅଭାବେ ମୁକୁଳି ନପାରି ।।
ଜମି ଯେ ପୂଜକର ପାଶେ । ରହିଲା ଦେବତା ବିଶ୍ୱାସେ ।।
କାଳେ ସମସ୍ତେ ନାଶଗଲେ । ପୁନଶ୍ଚ ପୁଣି ଜନ୍ମନେଲେ ।।
ଗୌରୀ ଯେ ପୂଜକର ଝିଅ । ପୂଜକ ମୋର ପରିଚୟ ।।

ଭଦ୍ରପ୍ପା ଭାରିଯା ଯେ ଗୌରୀ । ମୁହିଁ ତାଙ୍କର ବିଭାକରି ।।
ପୁତ୍ର ଭାବରେ ଜନ୍ମ ନେଇ । ଦୁବକୀ ଚେନ୍ନାସ୍ୱା ବୋଲାଇ ।।
ପୂଜକ ଅନ୍ତେ ଦେବ-ଜମି । ଗୌରୀର ଅଧିକାର ଜାଣି ।।
ଭଦ୍ରପ୍ପା କହେ ଜମି ତା'ର । ସ୍ୱାମୀ ହିସାବେ ଅଧିକାର ।।
ଗୌରୀ ଦେଖିଲା ସପନରେ । ଦେବତା କହନ୍ତି ତାହାରେ ।।
ମନ୍ଦିର ମରାମତି କର । ଚେନ୍ନାସ୍ୱା ସାହାଯ୍ୟ ତୋହର ।।
ଭଦ୍ରପ୍ପା ମାରି ଗୋଡ଼ାଇଲା । ଚେନ୍ନାସ୍ୱା ମୋ' ଶରଣ ନେଲା ।।
ମୁଁ ଦେଲି ତାକୁ ଯେ ଅଭୟ । ନିଶ୍ଚେ ରଖିବି, ନାହିଁ ଭୟ ।।
ଆଜି ତାହାକୁ ଗିଳୁଥିଲା । ମୋହର ଭୟେ ପଳାଇଲା ।।
ପୂର୍ବ କୁ' କର୍ମ ବ୍ୟବହାର । ଫଳିବ ନିଶ୍ଚୟ ପ୍ରାଣୀର ।।
ଜନ୍ମ ଜନ୍ମର ସାଥେ ଥାଏ । ସମୟେ କ୍ଷତି ସେ ଘଟାଏ ।।
କୁକର୍ମ୍ମ ଦୂରରେ ରହନ୍ତୁ । ସାଇଙ୍କ ନାମ ଚିନ୍ତୁଥାନ୍ତୁ ।।
ଷଡ଼ଚାଳିଶ ଅଧ୍ୟାୟରେ । ବର୍ଣ୍ଣନା ସାଇ ମହିମାରେ ।।

❖

ଅଷ୍ଟାଚତ୍ୱାରିଂଶ ଅଧ୍ୟାୟ

ଗୁରୁଙ୍କୁ ନ ମଣ ଇତର । ଗୁରୁହିଁ ସାକ୍ଷାତ ଈଶ୍ୱର ।।
ଯାହାର ଆତ୍ମଜ୍ଞାନ ନାହିଁ । ସଦ୍‌ଗୁରୁ କହି ନ ଯୋଗାଇ ।।
ଶ୍ରଦ୍ଧାରୁ ଭକ୍ତି ଅନାସକ୍ତି । ଶାନ୍ତି ଓ ପ୍ରୀତି ମୋକ୍ଷଗତି ।।
ଶିଶୁ ଭରସା ମାତାପରେ । ମାତା ତାହାକୁ ରକ୍ଷାକରେ ।।
ଶେଓ୍ୱଡ଼େ ପାଠ ପଢୁଥିଲେ । ସାଙ୍ଗମାନଙ୍କ ଗହଣରେ ।।
କେହି ଯେ ନୁହନ୍ତି ପ୍ରସ୍ତୁତ । ପରୀକ୍ଷା ଆସି ଉପଗତ ।।
ଆମ୍ଭେ ଯେ ହୋଇବୁଟି ଫେଲ । କହନ୍ତି ସର୍ବେ ଏକମେଳ ।।
ଶେଓ୍ୱଡ଼େ ରାଜି ହୋନ୍ତିନାହିଁ । ବାବା ଆଶିଷ ରହିଛଇ ।।
ତେଣୁ ମୁଁ ହୋଇବି ଉତ୍ତୀର୍ଣ୍ଣ । ସାଇଙ୍କ କଥା ନୁହେଁ ଭିନ୍ନ ।।
ସୁଜନେ ଦେଖ ମତି ଦୃଢ଼ । କରିଣଥିଲେ ସେ ଶେଓ୍ୱଡ଼ ।।
ମିଳିଲା ଫଳ ସେହିପରି । ସାଇରେ ଭରସା ସେ କରି ।।
ସପନେକର ଯେ ଓକିଲ । ପଡ଼ିଲେ ବିପଦ ମଧ୍ୟର ।।
ମରିଲା ପୁତ୍ର, ଖେଦ ମନେ । ବୁଲନ୍ତି ଶାନ୍ତିର ସନ୍ଧାନେ ।।

ଶେଓ୍ୱଡ଼େ ଠାରୁ ଶୁଣିଥିଲେ । ତେଣୁ ସେ ଶିରିଡ଼ିକୁ ଗଲେ ।।
ବାବାଙ୍କୁ ପ୍ରଣିପାତ କରି । ବସିଲେ ସେହୁ ହାତଯୋଡ଼ି ।।
ସାଇ ବହିଲେ କ୍ରୋଧ ଭାବ । କହିଲେ ଏଠୁ ଯାଅ ବେଗ ।।
ବାବାଙ୍କ ଆଦେଶେ ଉଠିଲେ । ମସ୍‌ଜିଦ କୋଣରେ ବସିଲେ ।।
ଦ୍ୱିତୀୟ ଥର ଚେଷ୍ଟାକଲେ । ଅକୃତକାର୍ଯ୍ୟ ପୁଣି ହେଲେ ।।
ଏକ ବରଷ ଚାଲିଗଲା । ସପନେ ଦର୍ଶନ ମିଳିଲା ।।
ପତ୍ନୀ ସହିତ ସେହୁ ଆସି । ଦର୍ଶନ ଅର୍ଥେ ଅଭିଳାଷୀ ।।
ଏଥର ମଧ୍ୟ ରାଗିକରି । କହନ୍ତି ଯାଅ। ତୁ ବାହାରି ।।
ସପନେକର କିନ୍ତୁ ଦୃଢ଼ । କହିଲେ ମୁହିଁ ଥିଲି ମୂଢ଼ ।।
ତୁମ୍ଭର ଦ୍ରୋହ ଆଚରିଲି । ତେଣୁ ଏ ଶାସ୍ତିକୁ ପାଇଲି ।।
ବାବା ଚାହିଁଣ ଗୋପାଳୁଣୀ । ଗଳ୍ପ କହନ୍ତି ଏକ ପୁଣି ।।
ଜଣକ ପୁଅ ମରିଗଲା । ମୋତେ ଯେ ଦାୟୀ ସେ କରିଲା ।।
ଏବେ ଆସିଛି ମୋର ପାଖ । ମୁହିଁ ହରିବି ତା'ର ଦୁଃଖ ।।
ତାହାର ପୁତ୍ର ହେବ ଜାତ । ଦେଖିବ ଜଗତ ସମସ୍ତ ।।
ସପନେକର ଏହା ଶୁଣି । ବାବା ଯେ ସ୍ୱୟଂ ଅନ୍ତର୍ଯ୍ୟାମୀ ।।
ଜାଣନ୍ତି ଅନ୍ତର ବେଦନା । ସେ ଅନୁଯାୟୀ କାର୍ଯ୍ୟ ସିନା ।।

କହିଲେ ପାଦ ଧରିକରି । ରହିଲେ ଦିନ ଦୁଇ ଚାରି ।।
ଚଭାଡ଼ି ଯାତ୍ରାକୁ ଦେଖିଲେ । ବାବା ଯେ ପାଣ୍ଡୁରଙ୍ଗା ହେଲେ ।।
ପାଦରେ ଦକ୍ଷିଣା ଥୋଇଲେ । ବାବା ନଡ଼ିଆ କରେ ଦେଲେ ।।
ଯାଅ ତୁ ଏବେ ନିଜ ଘର । ଜନ୍ମିବ ନିଶ୍ଚେଁ ପୁତ୍ର ତୋ'ର ।।
ତିନୋଟି ପୁତ୍ର ଜନ୍ମ ହୋଇ । ସାଇଙ୍କ ଆଶୀର୍ବାଦ ନେଇ ।।
ବାବାଙ୍କ ବାଣୀ ମିଥ୍ୟାନୋହେ । ଯାହା କହନ୍ତି ତାହା ହୁଏ ।।
ଏ ଅଡ଼ଚାଳିଶ ଅଧ୍ୟାୟ । ସୁଜନେ ଏଥି କର ଲୟ ।।
ଶିରିଡ଼ି ସାଇଙ୍କର ବାଣୀ । ଆନନ୍ଦ ଲଭ ମନେ ଗୁଣି ।।

❖

ଉନପଞ୍ଚାଶତ୍ ଅଧ୍ୟାୟ

ସର୍ବତୋଭାବେ ସମର୍ପଣ । ଶ୍ରଦ୍ଧାର ପ୍ରଥମ କାରଣ ।।
ଭକତି ଭାବେ ସାଇ ନାମ । ରୂପକୁ କରୁଥିବ ଧ୍ୟାନ ।।
ସାଇଙ୍କ ଲୀଳାଖେଳା ମାନ । କରିବ ଅନ୍ୟରେ ବଖାଣ ।।
ସବୁ ବିପଦ ଦୂର ହେବ । ଭବ-ବନ୍ଧନୁଁ ତରିଯିବ ।।
ହରିକାନୋବା ମୁମ୍ବୈ-ବାସୀ । ମୂଳରୁ ଥିଲେ ଅବିଶ୍ୱାସୀ ।।
ଜୋତାକୁ କେଉଁଠି ରଖିବେ । ବାବାଙ୍କୁ ଦର୍ଶନ କରିବେ ।।
ନୂଆ ଜୋତା ଯେ କିଣିଛନ୍ତି । ତାହାର ସୁରକ୍ଷା ଇଚ୍ଛନ୍ତି ।।
ଶେଷେ ରଖିଣ ଏକ କୋଣେ । ଗଲେ ଯେ ବାବାଙ୍କ ଦର୍ଶନେ ।।
ସାଇଙ୍କ ଆଶୀର୍ବାଦ ନେଇ । ଫେରିଣ ଜୋତା ନଦେଖଇ ।।
ଦୁଃଖରେ ଓ୍ୱାଡ଼ାକୁ ଫେରିଲେ । ଭୋଜନ ଆଚମନ କଲେ ।।
ବଡ଼ ପାଟିରେ ଡକା ପଡ଼େ । ପିଲାଟେ ଆସେ ଓ୍ୱାଡ଼ା ଆଡ଼େ ।।
ହରିକା ବେଟା କାହିଁ ଅଛ । ଜରିକା ଫେଟାତ ପିନ୍ଧିଛ ।।
ତାହାଙ୍କ ଜୋତାକୁ ଧରିଛି । ବାଡ଼ିର ଉପରେ ଟେକିଛି ।।

ପାଇଲୁ ତୁହି ଏହା କାହିଁ । ସାଇ ଅଛନ୍ତି ପଠିଆଇ ।।
ହରିକାନୋବା ଜୋତା ଏହା । ବାବା କହିଲେ ମୋତେ ତାହା ।।
ହରି ହୋଇଲେ ଆଚମ୍ବିତ । ମୋ' ନାମ ଜାଣିଲେ କେମନ୍ତ ।।
ମୁଣ୍ଡରେ ତାଙ୍କର ପଗଡ଼ି । ଜରିର କାମ ତହିଁ ଜଡ଼ି ।।
ଜାଣିଲେ ସାଇ ଅନ୍ତର୍ଯ୍ୟାମୀ । ସବୁ ଘଟରେ ଛନ୍ତି ଭ୍ରମି ।।
ତୁଟିଲା ତାହାର ସଂଶୟ । ଅଜ୍ଞାନ ନାଶି ଜ୍ଞାନୋଦୟ ।।
ସୋମଦେବ ସ୍ୱାମୀ ନାମର । ରହୁଣଥିଲେ ହରିଦ୍ୱାର ।।
ସାଇଙ୍କ ଯଶ ଖ୍ୟାତି ଶୁଣି । ଆସିଲେ ଶିରିଡ଼ିର ଭୂମି ।।
ଦୂରରୁ ଦେଖନ୍ତି ପତାକା । ମନରେ ଜାତହୁଏ ଶଙ୍କା ।।
ଏଡ଼େ ବଡ଼େଇ କାହିଁପାଇଁ । ପତାକା ପୋତିଛି ଗୋସାଇଁ ।।
ପାଖରେ ଆଉ ଲୋକ ଥିଲେ । ଶିରିଡ଼ି ବାରତା କହିଲେ ।।
ସେଠାରେ ଅଛି ଘୋଡ଼ା,ରଥ । ପାଲିଙ୍କି ବାବାଙ୍କ ପାଇଁ ତ ।।
ଏସବୁ ଜିନିଷ ସବୁଙ୍କ । କରିବା କିବା ଆବଶ୍ୟକ ।।
ଆସିଛି ଯେଣୁ ଏତେ ବାଟ । କରିବି ଯାଇ ତାଙ୍କ ଭେଟ ।।
ଦୂରରୁ ସାଇଙ୍କୁ ଦେଖିଲେ । ଭକ୍ତିରେ ବିଗଳିତ ହେଲେ ।।
ଯେଉଁ ସ୍ଥାନରେ ମନ ଶାନ୍ତ । ଜାଣିବ ସେ ସ୍ଥାନ ପବିତ୍ର ।।

କହିଣଥିଲେ ନିଜଗୁରୁ । ତାଙ୍କୁ ସେ ବହୁତ ପୂର୍ବରୁ ।।
ସାଇଙ୍କ ପାଦ ଇଚ୍ଛାକରି । ସ୍ୱାମୀ ଚଳନ୍ତି ଆଗୁସାରି ।।
ବାବା କହନ୍ତି ରାଗିକରି । ମସ୍‌ଜିଦୁ ଯାଅ। ତୁ ବାହାରି ।।
ପାଲିଙ୍କି ରଥ ଘୋଡ଼ାଛତି । ଆମ୍ଭର ରହିଥାଉ ଏଥି ।।
ଆମ୍ଭେ ତ ନିହାତି ମାମୁଲି । ଆଡମ୍ବରରେ ଅଛୁ ବୁଡ଼ି ।।
ବାବା ଅନ୍ତରଯାମୀ ଜାଣି । ମୋହ ତୁଟିଲା ସେହିକ୍ଷଣି ।।
ଦୃଢ଼ ତା ହୋଇଲା ବିଶ୍ୱାସ । ସାଇ ପାଦରେ କଲା ଆଶ ।।
ନାନାସାହେବ ଚନ୍ଦ୍ରୋକର । ଥିଲେ ସେ ବାବା ପାରୁଶର ।।
ବୁର୍ଖା ପିନ୍ଧିଣ ଏକ ନାରୀ । ଆସିଲା ଦର୍ଶନେ ତାଙ୍କରି ।।
ମୁଣ୍ଡ ରଖିଣ ପାଦ ତଳେ । ମୁଖରୁ ପରଦାକୁ କାଢ଼େ ।।
ତାହାର ମୁଖକୁ ଦେଖିଣ । ନାନାର ବିଚଳିତ ମନ ।।
ପରକ୍ଷଣରେ ସେ ଚେତିଲା । ନିଜ ମନକୁ ଧିକ୍କାରିଲା ।।
ମହିଳା ଗଲା ଯେବେ ଚାଲି । ନାନାସାହେବେ ବାବା ବୋଲି ।।
ଜାହିଁକି ନିଜକୁ ଧିକ୍କାରୁ । ଇନ୍ଦ୍ରିୟ ତାଙ୍କ କାମ କରୁ ।।
ଆଲ୍ଲାମାଲିକ ଯାହା କରେ । ସର୍ବଦା ଉଚିତ ବେଭାରେ ।।
ଆଖି କରିବ ତା'ର କାମ । ବାହ୍ୟ ସୌନ୍ଦର୍ଯ୍ୟ ଆକର୍ଷଣ ।।

ସେଥିରେ ବ୍ୟଥିତ ନହୁଅ । ଶାନ୍ତ ହୋଇବ ତୋର ଦେହ ।।
ଇନ୍ଦ୍ରିୟ ବଶ ତୁ ନହୋଇ । ନିୟନ୍ତ୍ରଣରେ ରଖ ତୁହି ।।
ସୁନ୍ଦର ବସ୍ତୁକୁ ଦେଖିଲେ । ଆଖି ଚାହିଁଇ ତାକୁ ଭଲେ ।।
ଶୁଣିବା ପାଇଁକି ମଧୁର । କାନ ରହିଛି ତତପର ।।
ବିଶ୍ୱର ସୌନ୍ଦର୍ଯ୍ୟ ନିରେଖ । ମଧୁର ସ୍ୱନ ଦେଉ ସୁଖ ।।
ଏହା ତ ଜୀବନର ଲକ୍ଷ୍ୟ । କର ସାଧନା ତୁ ପ୍ରତ୍ୟକ୍ଷ ।।
ଧନ୍ୟ ଯେ ସାଇ ତୁମ୍ଭ ଲୀଳା । ଅଣଚାଶ ଯେ ଶେଷହେଲା ।।
କହନ୍ତି ଶୋଭାକର ଦାସ । ସାଇଙ୍କ ପଦେ କର ଆଶ ।।

❖

ଏକପଞ୍ଚାଶତ୍ ଅଧ୍ୟାୟ

ମୂଳ ଗ୍ରନ୍ଥରେ ଯା ପଚାଶ । ଅଣଚାଳିଶେ ସମାବେଶ ।।
ତେଣୁ ଏ ଏକାବନ ହେଲା । ରହିଛି ସାଇ ଲୀଳାଖେଳା ।।
କାକାସାହେବ ସେ ଦୀକ୍ଷିତ । ଉଚ୍ଚ ଶିକ୍ଷାରେ ବିମଣ୍ଡିତ ।।
ଲଣ୍ଡନେ ରହୁଥିବାବେଳେ । ଦୁର୍ଘଟଣା ଯେ ହୁଏ ରେଳେ ।।
ଗୋଡ଼ ଯନ୍ତ୍ରଣା ଯାଏ ନାହିଁ । ମନ ଅଶାନ୍ତ ସେଥିପାଇଁ ।।
କାକା ଭେଟିଲେ ଚନ୍ଦ୍ରାକର । ପୁରୁଣା ବନ୍ଧୁ ସେ ତାଙ୍କର ।।
ବାବାଙ୍କ ଲୀଳା ସେ କହିଲେ । ତାଙ୍କୁ ଭେଟିବ ଯାଅ ଭଲେ ।।
ହୋଇବ ନିଶ୍ଚେଁ ଉପକାର । ଶରଣ ଯାଅ ତୁ ତାଙ୍କର ।।
କାଉନସିଲ ବ୍ୟାପାରରେ । ଦୀକ୍ଷିତ ଅହମଦନଗରେ ।।
ଶାଶୁଙ୍କ ଦେହ ବ୍ୟସ୍ତ ଶୁଣି । ଶ୍ୟାମ ଯାଇଛି ତହିଁ ପୁଣି ।।
ଦୁହିଁଙ୍କ ଭେଟ ହେଲା ତହିଁ । ଶିରିଡ଼ି ଯିବା ସ୍ଥିର ହୋଇ ।।
ରେଳର ଟିକଟ କିଣିଲେ । ଭିଡ଼ରେ ଯାଇ ନପାରିଲେ ।।
ଗାର୍ଡ଼ ସାହେବ ଦୟାକଲେ । ପ୍ରଥମ ଶ୍ରେଣୀ ତାଙ୍କୁ ଦେଲେ ।।

କୋପରଗାଓଁରେ ଦେଖନ୍ତି । ନାନା ଶିରିଡ଼ି ଯାଉଛନ୍ତି ।।
ସମସ୍ତେ ଖୁସି ହୋଇଯାଇ । ବାବାଙ୍କ ପାଦତଳେ ଶୋଇ ।।
ସାଇ କହନ୍ତି ତମପାଇଁ । ଶ୍ୟାମକୁ ଥିଲି ପଠିଆଇ ।।
ଆନନ୍ଦେ ରହି ଶିରିଡ଼ିରେ । ନମିଲେ ବାବାଙ୍କ ପୟରେ ।।
ଦୀକ୍ଷିତ ୱାଡ଼ା ତିଆରିଲେ । ଭକ୍ତଙ୍କ ଉପକାର କଲେ ।।
ବାବା ଯେ ଦିଅନ୍ତି ସାନ୍ତ୍ୱନା । ଦୁଃଖ ନକର ମନେ ଘେନା ।।
ବେଲୁନ ପ୍ରାୟ ତୋତେ ନେବି । ଆକାଶ ମାର୍ଗରେ ଛାଡ଼ିବି ।।
ବାବାଙ୍କ କଥା ସତ ଫଳେ । ଦୀକ୍ଷିତ ଯାଉଥିଲେ ରେଳେ ।।
ହିମଦ ପନ୍ତୁ ସାଥେ ରହି । ବାବାଙ୍କ ଲୀଳାମୃତ କହି ।।
ଭାବର ମଧ୍ୟେ ପ୍ରାଣଗଲା । ଶରୀର ଢଳିଣ ପଡ଼ିଲା ।।
କଷ୍ଟ ନାହିଁ କି ପୀଡ଼ା ନାହିଁ । ଅଶୁଭ ସଙ୍କେତ ନଥାଇ ।।
ଆଶ୍ରେ ଯେ କରେ ସାଇନାଥ । ପୀଡ଼ା ଯେ ହରନ୍ତି ତୁରିତ ।।
ସନ୍ଥଙ୍କ ମଧ୍ୟେ ଭାଇଭାବ । ରହିଣ ଥାଏ ଜାଣ ସର୍ବ ।।
ତେନ ଓ୍ୱେ ସ୍ୱାମୀ ଗୋଦାବରୀ । ନଦୀ ତୀରରେ ଡେରାକରି ।।
ସେଠାକୁ ପୁଣ୍ଡରୀକ ଗଲେ । ଓକିଲାତି ସେ କରୁଥିଲେ ।।
ଧାର୍ମିକ ଆଲୋଚନା ହେଲା । ସାଇଙ୍କ ଲୀଳା ଯେ ପଡ଼ିଲା ।।

ନଡ଼ିଆ ପୁଣ୍ଡରୀକେ ଦେଇ । କହିଲେ ଦିଅ ନେଇ ସାଇ ।।
କହିବ ମୋହର ପ୍ରଣାମ । ଭୁଲି ନ ଯିବେ ମୋତେ ପୁଣ ।।
ପୁଣ୍ଡରୀକ ଯେ 'ହଁ' କଲେ । ମାସକେ ଶିରିଡ଼ି ଆସିଲେ ।।
ମନମଡ଼ରେ ଭୋକ ଭାରି । ଖାଇବା ପାଇଁ ମନକରି ।।
ଦେଖିଲେ ଅଛି ଯେଉଁ ଚୁଡ଼ା । ଗମରା, ଟାଣ ସେ ପୁରୁଣା ।।
ସାଥିଙ୍କ କଥା ମାନିନେଇ । ଭାଙ୍ଗି ନଡ଼ିଆ ସେ ଖାଅଇ ।।
ସାଇଙ୍କ ଦର୍ଶନ କାଳରେ । ମନରେ ଭୟ ହୃଦ ଥରେ ।।
ସାଇ କହନ୍ତି ସ୍ୱାମୀଭାଇ । ପଦାର୍ଥ ମୋତେ ଦିଅ ତୁହି ।।
ବାବା ଜାଣନ୍ତି ସବୁକଥା । ପ୍ରାଣୀଙ୍କ ଅନ୍ତର ବାରତା ।।
ସ୍ୱୀକାର କରି ନିଜ ଦୋଷ । କହନ୍ତି କ୍ଷମା କର ଈଶ ।।
ଅନ୍ୟ ନଡ଼ିଆ ଆଣି ଦେବି । ପାଦର ତଳେ ମୁଁ ଥୋଇବି ।।
ସାଇ କହିଲେ ନାହିଁନାହିଁ । ତାହାର ଆବଶ୍ୟକ ନାହିଁ ।।
ନଡ଼ିଆ ଖାଇନୁ ଚୋରାଇ । ମୋ' ଇଚ୍ଛା ବଳେ ସବୁହୋଇ ।।
କର୍ତ୍ତା ଓ କାରଣ ଯେ ମୁହିଁ । ଏହା ଭାବୁନୁ କାହିଁପାଇଁ ।।
ଧୁରନ୍ଧରଙ୍କ ପରିବାର । ଶିରିଡ଼ି ଆସିବା ଦିନର ।।
ମସଜିଦ୍‌ରେ ବାବା କହି । ଆସନ୍ତି ଧୁରନ୍ଧର ଭାଇ ।।

ସେମାନେ ଯେବେ ପହଞ୍ଚିଲେ । ବାବା ତାହାଙ୍କୁ ଚିହ୍ନାଇଲେ ।।
କହିଲେ ଷାଠିଏ ପୁରୁଷ । ଜଣା ରହିଛି ମୋ' ଅବଶ୍ୟ ।।
ବଳରାମଙ୍କର ହାତକୁ । ଚିଲମ ଦେଲେ ଟାଣିବାକୁ ।।
ବଳରାମ ଯେ ଧୂମପାନ । କରନ୍ତି ନାହିଁ କେବେ ଜାଣ ।।
ପ୍ରସାଦ ଭାବିଣ ଟାଣିଲା । ଏକାଟଣାରେ ଶ୍ୱାସଗଲା ।।
କେଉଁ ଦିନରୁ ଭୋଗୁଥିଲେ । ସାଇ ପ୍ରସାଦେ ସୁସ୍ଥହେଲେ ।।
ରହିଲେ ସାଇ ଅନୁଗତ । ଅନ୍ତେ ବୈକୁଣ୍ଠ ପରାପତ ।।
ଯେ ଏହା ପଢ଼ଇ ଶୁଣଇ । ଅନ୍ୟରେ କହି ଭଜେ ସାଇ ।।
ସାଇ ଯେ ହୁଅନ୍ତି ପ୍ରସନ୍ନ । ଖଣ୍ଡନ୍ତି ଦୁଃଖ କଷ୍ଟ ଜାଣ ।।
ଏକାବନ ଏ ହେଲା ଶେଷ । ଶୋଭାକର ମନେ ହରଷ ।।

ଇତିଶ୍ରୀ ସାଇଟୀକା ବୁଧବାର ପାରାୟଣ ସମାପ୍ତ ।

❖

ଦ୍ୱାପଞ୍ଚାଶତ୍ ଅଧ୍ୟାୟ

(ଗୁରୁବାର ପାରାୟଣ)

ବ୍ରହ୍ମରୁ କୀଟ ପରିଯନ୍ତେ । ସାଇଯେ ବ୍ୟାପ୍ତ ଏ ଜଗତେ ।।
ନିର୍ଜୀବ ଖମ୍ଭରୁ ବାହାରି । ହରିଣ୍ୟକଶ୍ୟପକୁ ମାରି ।।
ଜଳ, ସ୍ଥଳ ଓ ନଭବ୍ୟାପୀ । ପାତାଳେ ଥିଲେ ବଳି ଚାପି ।।
କ୍ରୋଧ ଓ ଘୃଣାର କୁମ୍ଭୀର । ବୁଲୁଛି ସଂସାର ସାଗର ।।
ମୁଁତ୍ୱ ଭଉଁରୀ କରାଳ । ସେଥିରେ ଆମେ ହୀନବଳ ।।
ସାଇ-ନୌକାକୁ ଧରୁ ଯେବେ । ବାରିଧି ପାରିହେବୁ ତେବେ ।।
ସଦଗୁରୁଙ୍କୁ ଧ୍ୟାୟୀ ଚଳ । କଟିବ ବିପଦ ସକଳ ।।
ଦୈନିକ କର ପାରାୟଣ । ଅଭୀଷ୍ଟ ହୋଇବ ପୂରଣ ।।
ପିତୃପୁରୁଷ ଶାନ୍ତ ହେବେ । ନିଶ୍ଚିତ କଲ୍ୟାଣ କରିବେ ।।
ଗ୍ରହ ପ୍ରଭାବ ନଷ୍ଟ ଯିବ । ସକଳ ଦୁଃଖ ନିବାରିବ ।।
ସାଇଙ୍କ ରୂପ କର ଧ୍ୟାନ । ତାଙ୍କ ଭାବରେ ହୁଅ ମଗ୍ନ ।।
ତୁମ୍ଭର ହୋଇବ ଉନ୍ନତି । ଜାଣିବ ନିରାକାର ସ୍ଥିତି ।।

ସଗୁଣ ସାଇରୁ ଆରମ୍ଭ । ଶେଷରେ ନିରାକାର ଭାବ ।।
ଜାଗ୍ରତ କିମ୍ବା ସପନରେ । ରହିବେ ସଦା ହୃଦୟରେ ।।
ସକଳ ବିପଦ ଘୁଞ୍ଚିବ । ବିଶ୍ୱାସ ଯଦି ମୂଳ ହେବ ।।
ପୁଣ୍ୟ ଦିନରେ ଦେବସ୍ଥାନେ । ଅଧିକ ଲାଭ ପାରାୟଣେ ।।
ଏହି ଗ୍ରନ୍ଥର ସମାପନ । ହୋଇଲା ସୁଧୀବୃନ୍ଦ ଜାଣ ।।
ଅନ୍ୟାନ୍ୟ ଗ୍ରନ୍ଥର ସାହାଯ୍ୟ । ନେବା ଫଳରେ ଏ ସହଜ ।।
ଏ ସାଇଟୀକା ପାରାୟଣ । ଅଳ୍ପ ସମୟେ ହୁଏ ଜାଣ ।।
ବିଶାଳ ଏକ ସାଗରର । ମୁକ୍ତା ବୋଲିଣ ଭାବିପାର ।।
ବହୁ ପୁସ୍ତକ ଘଣ୍ଟାଘଣ୍ଟି । ଶେଷରେ ପ୍ରାପ୍ତି ଏ ମୁକ୍ତାଟି ।।
ସୁଜନେ ନ ଧରିବ ଦୋଷ । ପାରାୟଣରେ ହୁଅ ତୋଷ ।।
ମନର ବାଞ୍ଛା ପୂର୍ଣ୍ଣ ହେଉ । ସାଇ ଆଶିଷ ରହିଥାଉ ।।
ବର୍ଣ୍ଣିଲେ ଶୋଭାକର ଦାସ । ସେ ତୁମ୍ଭ ଚରଣର ଦାସ ।।
ବାଉନ ଅଧ୍ୟାୟ ସରିଲା । ସାଇଙ୍କ କୃପା ଯେ ମିଳିଲା ।।

ଇତିଶ୍ରୀ ସାଇଟୀକା ସଦାଜୟେ ସମ୍ପୂର୍ଣ୍ଣ ।

❖

ସାଇଙ୍କ ଏକାଦଶ ବାଣୀ

ଯେ ଜନ ଶିରିଡ଼ି ଆସିବ । ତାହାର ଦୁଃଖ କ୍ଲେଶ ଯିବ ।୧ ।
ମସ୍‌ଜିଦ ପାହାଚେ ବସିଲେ । ମନ ଭରିବ ଉଲ୍ଲାସରେ ।୨ ।
ସମାଧି ଭିତରେ ରହିବି । ଶକ୍ତି ଓ କାର୍ଯ୍ୟକ୍ଷମ ଥିବି ।୩ ।
ସମାଧି ମୋର କଥାକହି । ଭକ୍ତଙ୍କୁ ଆଶୀର୍ବାଦ ଦେଇ ।୪ ।
ସମାଧି ମଧ୍ୟୁ ମୋ ଶକତି । କାର୍ଯ୍ୟକ୍ଷମ ଯେ ମହାଶକ୍ତି ।୫ ।
ସମାଧି ମଧ୍ୟୁ ମୋ ଶରୀର । କଥା କହିବ ଭକ୍ତେ ମୋର ।୬ ।
ଆସିଣ ଆତ୍ମସମର୍ପଣ । କରି, ଯେ ନିଏ ମୋ ଶରଣ
ସାହାଯ୍ୟ କରିବାର ପାଇଁ । ଦେଖାଏ ପଥ ଜାଗିରହି ।୭ ।
ମୋତେ ଚାହିଁବ ଯଦି ତୁମ୍ଭେ । ଦେଖିବ ମୁଁ ଚାହିଁଛି ତମ୍ଭେ ।୮ ।
ତୁମ୍ଭର ଦୁଃଖ କ୍ଲେଶ ଭାର । ବହନ କରିବି ସତ୍ୱର ।୯ ।
ତୁମ୍ଭେ ଚାହିଁଲେ ଉପଦେଶ । ତୁମ୍ଭଙ୍କୁ ମିଳିବ ଅବଶ୍ୟ ।୧୦ ।
ଭକ୍ତ ଓ ଆଶ୍ରିତଙ୍କ ଘରେ । ଅଭାବ ନଥାଏ କାହିଁରେ ।୧୧ ।

❖

ଆଳତି

ଆଳତି ସାଇବାବା । ସୌଖ୍ୟ ଦାତାର ଜୀବା ।
ଚରଣ ରଜାତଲୀ । ଦ୍ୟାବା ଦାସା ବିସାଓ୍ୱା, ଭକ୍ତାବିସାଓ୍ୱା ।
ଆଳତି ସାଇବାବା..... ।୧ ।
ଜାଲୁନିୟା ଅନଙ୍ଗ । ସସ୍ୱରୂପୀ ରାହେ ଦଙ୍ଗ ।
ମୁମୁକ୍ଷଜନାଂ ଦାବୀ । ନିଜଡୋଳା ଶ୍ରୀରଙ୍ଗ, ଡୋଳା ଶ୍ରୀରଙ୍ଗ ।
ଆଳତି ସାଇବାବା..... ।୨ ।
ଜୟାମନୀ ଜୈସାଭାବ । ତୟା ତୈସା ଅନୁଭବ ।
ଦାବିସୀ ଦୟାଧନା । ଐସି ତୁଝି ହି ମାବ, ତୁଝି ହି ମାବ ।
ଆଳତି ସାଇବାବା ।୩ ।
ତୁମଚେ ନାମଧ୍ୟାତା । ହରେ ସଂସୃତି ବ୍ୟଥା ।
ଅଗାଧ ତବ କରଣୀ । ମାର୍ଗ ଦାବିସୀ ଅନାଥା, ଦାବିସୀ ଅନାଥା ।
ଆଳତି ସାଇବାବା.... ।୪ ।
କଳିଯୁଗୀ ଅବତାର । ସଗୁଣ ପରଂବ୍ରହ୍ମ ସଂଚାର ।
ଅବତୀର୍ଣ୍ଣ ଝାଲାସେ । ସ୍ୱାମୀ ଦତ୍ତ ଦିଗମ୍ବର, ଦତ୍ତ ଦିଗମ୍ବର ।
ଆଳତି ସାଇବାବା.... ।୫ ।

ଅଠାଁଦିବସା ଗୁରୁବାରୀ । ଭକ୍ତ କରିତି ବାରୀ ।
ପ୍ରଭୁପଦ ପହାବୟା । ଭବ ଭୟ ନିବାରୀ, ଭୟ ନିବାରୀ ।
ଆଳତି ସାଇବାବା..... ।୬ ।

ମାଝା ନିଜ ଦ୍ରବ୍ୟ ଠେବା । ତବ ଚରଣ ରଜ ସେବା ।
ମାଗଣେ ହେଚି ଆତା । ତୁମ୍ହା ଦେବାଧିଦେବା, ଦେବାଧିଦେବା ।
ଆଳତି ସାଇବାବା.... ।୭ ।

ଇଚ୍ଛିତ ଦୀନ ଚାତକ । ନିର୍ମଳ ତୋୟ ନିଜ ସୁଖ ।
ପାଜବେଁ ମାଧବାୟା । ସାଂଭାଳ ଆପୁଳିଭାକ, ଆପୁଳିଭାକ ।
ଆଳତି ସାଇବାବା..... ।୮ ।

ସୌଖ୍ୟ ଦାତାର ଜୀବା । ଚରଣ ରଜାତଳୀ ।
ଦ୍ୟାବା ଦାସା ବିସାଓ୍ୱା ଭକ୍ତା ବିସାଓ୍ୱା ।
ଆଳତି ସାଇବାବା..... ।୯ ।

ଓଁ ଶ୍ରୀ ସଚ୍ଚିଦାନନ୍ଦ ସଦ୍‌ଗୁରୁ ଶ୍ରୀ ସାଇନାଥ ମହାରାଜଜୀକୀ ଜୟ ।

❖

ଶିରିଡ଼ି ସାଇବାବା ଆଜି ଘରେ ଘରେ ପରିଚିତ

ମହାରାଷ୍ଟ୍ରର ଏକଦା ନାଁ-ଅଜଣା ଗାଁ ଆଜି ସମଗ୍ର ବିଶ୍ୱରେ ବିଖ୍ୟାତ।

ସାଇବାବା ତାଙ୍କର ଏକାଦଶ ବାଣୀରେ କହିଛନ୍ତି ଯେ ତାଙ୍କର ପଞ୍ଚଭୂତ ଶରୀର ବିସର୍ଜନ ପରେ ସମାଧି ଭିତରୁ ସେ ଅଧିକ ଶକ୍ତିମନ୍ତ ହେବେ ଏବଂ ସମାଧିରୁ ଭକ୍ତମାନଙ୍କର ଡାକ ଶୁଣିବେ। ଭକ୍ତମାନେ ବାବାଙ୍କର ଲୀଳାମୃତ ସପ୍ତାହବ୍ୟାପୀ ପାରାୟଣ ପରେ ନିଜ ନିଜର ଦୁଃଖ ଦୂର କରିପାରିଛନ୍ତି। ଗଦ୍ୟ ଓ ପଦ୍ୟରେ ପ୍ରକାଶିତ ଲୀଳାଚରିତ ପାଠ କରିବାରେ ଅଧିକ ସମୟ ଲାଗୁଥିବାରୁ ତାଙ୍କର ଲୀଳା ମାଧୁରୀକୁ ସଂକ୍ଷିପ୍ତ ଟୀକା ଆକାରରେ ପ୍ରକାଶ କରାଯାଇଛି।

—ପ୍ରକାଶକ

ସୁଧା ପ୍ରକାଶନ